# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୭/୨୦୨୫ ( ୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 7/2025 Page 16 ₹ 7.00

୫୧ଶ ଭାଗ ୨୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 283 ମୂଲ୍ୟ₹୭/-






Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

DHARITRI
51 Years
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୭/୨୦୨୫ | Bhubaneswar, Sunday, September 7/2025 | ପୃଷ୍ଠା-୧



**ସିନର ଫାଇନାଲରେ**
ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଇଟାଲୀର ଷ୍ଟାର ଟେନିସ ଖେଳାଳି ଜାନିକ ସିନର। ୧୪

୧୦ **'ଧମାଲ ୪' ଶୁଟିଂ ଶେଷ**
'ଧମାଲ' ଫ୍ରାଞ୍ଚାଇଜ୍‌ର ଚତୁର୍ଥ ଫିଲ୍ମ 'ଧମାଲ ୪'ର ଶୁଟିଂ ଶେଷ ହୋଇଛି। ଏନେଇ ଅଭିନେତା ଅଜୟ ଦେବଗନ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସୂଚନା ଦେଇଛନ୍ତି।





ହାଇଦ୍ରାବାଦର ହୁସେନ୍ ସାଗରରେ ଶନିବାର ୬୯ ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତିକୁ କ୍ରେନ୍ ସାହାଯ୍ୟରେ ଭସାଣି କରାଯାଉଛି। (ଫଟୋ: ପି.ଟି.)

# ମୋଦି ବନ୍ଧୁ, କାମ ନାପସନ୍ଦ: ଟ୍ରମ୍ପ୍

**ୱାଶିଂଟନ୍/ନୂଆଦିଲ୍ଲୀ,୬ା୯ (ପି.ଟି./ଏଜେନ୍ସି)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହ୍ୱାଇଟ୍‌ହାଉସ୍‌ରେ ଶୁକ୍ରବାର ଆୟୋଜିତ ଏକ ପ୍ରେସ୍ କନ୍‌ଫରେନ୍ସରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ସେ ସବୁବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବନ୍ଧୁ ହୋଇ ରହିବେ। ବାଣିଜ୍ୟ ପ୍ରସଙ୍ଗରେ ଅଚଳାବସ୍ଥା ସତ୍ତ୍ୱେ ଚିନ୍ତିତ ହେବାର କିଛି ନାହିଁ। କିନ୍ତୁ ବର୍ତ୍ତମାନ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ମୋଦି ଯାହା କରୁଛନ୍ତି, ତାକୁ ସେ ନାପସନ୍ଦ କରନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଏନେଇ ଶନିବାର ମୋଦି କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଭାବାବେଗ ଓ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ସମୀକ୍ଷାକୁ ସେ ସମ୍ମାନ କରନ୍ତି। ଭାରତ ଓ ଆମେରିକା ଏକ ଅତ୍ୟନ୍ତ ସକାରାତ୍ମକ ଏବଂ ବୈଶ୍ୱିକ ରଣନୈତିକ ସହଭାଗିତା ପାଇଁ



ଡୋନାଲ୍ଡ ଟ୍ରମ୍ପ୍

ଆଗ୍ରହୀ ବୋଲି ମୋଦି 'X'ରେ ଉଲ୍ଲେଖ କରିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦% ଟାରିଫ୍ ଲଗାଇବା ପରଠୁ ଦୁଇଦେଶର ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ସୋସିଆଲ ମିଡିଆ ଓ କେତେକ ଗଣମାଧ୍ୟମ ଟ୍ରମ୍ପ୍‌ଙ୍କ ମନ୍ତବ୍ୟର ଭିନ୍ନ ଅର୍ଥ ବାହାର କରିବାରେ ଲାଗିଛନ୍ତି। ଟ୍ରମ୍ପ୍ ମୁଣ୍ଡ ନୁଆଁଇଲେ ଏବଂ ଗତ ଅଗଷ୍ଟ ୭ ଓ ୨୭ରେ ଦୁଇଟି ପର୍ଯ୍ୟାୟରେ ଲଗାଇଥିବା ଟାରିଫ୍ ତଥା ଜରିମାନାକୁ ହଟାଇଦେବେ ଆଦି କହୁଛନ୍ତି। ଲକ୍ଷ୍ୟ କରିବା କଥା ହେଉଛି, ଦୁଇଦେଶର ବିଗୁଡ଼ୁଥିବା ସମ୍ପର୍କରେ ସୁଧାର ଆଣିବା ପାଇଁ ଟ୍ରମ୍ପ୍ ଏପରି କହିଥିଲେ ମଧ୍ୟ ଆମଦାନୀ ଶୁଳ୍କ ହଟାଇବା ନେଇ କୌଣସି ସଙ୍କେତ ଦେଇନାହାନ୍ତି। ସେ ବର୍ତ୍ତମାନ ମଧ୍ୟ ଭାରତର ରୁଷୀୟ ତୈଳ କ୍ରୟକୁ ନେଇ ଅସନ୍ତୁଷ୍ଟ। ଇତିମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଭାରତ ରୁଷିଆଠାରୁ ଶସ୍ତାରେ ଇନ୍ଧନ ତୈଳ କିଣିବା ଜାରି ରଖିବ ବୋଲି ସ୍ପଷ୍ଟ କରିଛନ୍ତି। ତେଣୁ ବାରମ୍ବାର ମତ ପରିବର୍ତ୍ତନ କରୁଥିବା ଟ୍ରମ୍ପ୍‌ଙ୍କ ସଦ୍ୟ ବିବୃତିକୁ ଭାରତ ପାଇଁ ଏକ ବିଜୟ ମନେକରାଯାଇ ନ ପାରେ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

# ଜାନୁଆରୀରୁ ଦେଶରେ ହୋଇପାରେ ଏସ୍‌ଆଇଆର୍

**ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ୨୦୨୬ ଜାନୁଆରୀ ୧ରୁ ସାରା ଦେଶରେ ଏସ୍‌ଆଇଆର୍ ଆରମ୍ଭ କରିପାରନ୍ତି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ଆସନ୍ତା ୧୦ ତାରିଖରେ ନିର୍ବାଚନ କମିଶନ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସମ୍ମିଳନୀର ଆୟୋଜନ କରିଛନ୍ତି।**

## ଆଲୋଚନା ପାଇଁ ୧୦ରେ ସିଇଓମାନଙ୍କ ବୈଠକ

**ନୂଆଦିଲ୍ଲୀ,୬ା୯**

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଗତ ଜୁନ୍ ୨୪ରେ ଇସିଆଇ ନିଷ୍ପତ୍ତି ନେଇଥିଲେ। ତେବେ ଆଗକୁ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ସେଠାରେ ପ୍ରଥମେ ଏସ୍‌ଆଇଆର୍ ଆରମ୍ଭ କରିଥିଲେ। ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଉପଯୁକ୍ତ ସମୟରେ ନିର୍ଦ୍ଦେଶନାମା ଜାରି ହେବ ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଥିଲା। ସେପ୍ଟେମ୍ବର ୧୦ରେ ହେବାକୁ ଥିବା ବୈଠକରେ ସମସ୍ତ ସିଇଓ ଉପସ୍ଥିତ ରହି ସେମାନଙ୍କ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ସଂଖ୍ୟା ଏବଂ ପୂର୍ବରୁ ହୋଇଥିବା ସଂଶୋଧନର ସବିଶେଷ ତଥ୍ୟ ରଖିବାକୁ କୁହାଯାଇଛି। ଦ୍ୱାରକାରେ ଥିବା କମିଶନଙ୍କ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଅଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍)ରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର, ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଷୀ ସିଇଓମାନଙ୍କୁ ଭେଟିବେ।

ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯେପରି ସେମାନେ ମତାଧିକାର ସାବ୍ୟସ୍ତ କରିପାରିବେ, ତାହା ହେଉଛି ଏସ୍‌ଆଇଆର୍‌ର ମୁଖ୍ୟ ଲକ୍ଷ୍ୟ। ଏଥିସହିତ ଯେପରି କୌଣସି ଅଯୋଗ୍ୟ ଭୋଟର ତାଲିକାରେ ସାମିଲ ନ ହୁଅନ୍ତି ସେଥିପାଇଁ ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟଙ୍କୁ ତାଲିକାରେ





ସାମିଲ କଲାବେଳେ ଏହି ପ୍ରକ୍ରିୟା ଯେପରି ସ୍ୱଚ୍ଛ ରହେ, ତାହା ସୁନିଶ୍ଚିତ କରିବା ମଧ୍ୟ ଏସ୍‌ଆଇଆର୍‌ର ଉଦ୍ଦେଶ୍ୟ। ବିହାରରେ ୨୦୦୩ରେ ଶେଷ ଥର ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ହୋଇଥିଲା। ଏସ୍‌ଆଇଆର୍ ବେଳେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ଘରକୁ ଘର ଯାଇ ସର୍ଭେ କରିଥିଲେ। ତେବେ ବିହାରରେ ଆଗକୁ ନିର୍ବାଚନ ଥିବାରୁ ଭାଜପାକୁ ସହାୟତା କରିବା ପାଇଁ ବହୁ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରିବା ପାଇଁ ଇସି ଷଡ଼ଯନ୍ତ୍ର କରୁଥିବା କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇ ଗୃହକୁ ଦୀର୍ଘଦିନ ଅଚଳ କରି ରଖିଥିଲେ। ପ୍ରକାଶ ଥାଉକି ପ୍ରତିବର୍ଷ ଏବଂ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂକ୍ଷିପ୍ତ ସଂଶୋଧନ ହୋଇ କେତେକ ନାମ ସଂଯୋଗ ହେବା ସହ ଅନ୍ୟ କେତେଜଣଙ୍କ ନାମ ବାଦ୍ ଦିଆଯାଇଥାଏ। ତେବେ ଏଥର ବିହାରରେ ସମ୍ପୂର୍ଣ୍ଣ ନୂଆ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ସେଥିପାଇଁ ନାଗରିକମାନଙ୍କୁ ନୂଆ ଏନୁମେରେଶନ ଫର୍ମ ପୂରଣ ସହ ଘୋଷଣାନାମା ଦେବାକୁ ହେବ। ଭୋଟର ଭାବେ ନିଜର ଯୋଗ୍ୟତା ପ୍ରମାଣ ପାଇଁ କମିଶନ ଜାରି କରିଥିବା ୧୧ଟି ଯୋଗ୍ୟ ଦସ୍ତାବିଜ୍ ଦାଖଲ କରିବାକୁ ହେବ। ଇସିଙ୍କ ଏହି ଏସ୍‌ଆଇଆର୍ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଇସିଙ୍କ ୧୧ ଦସ୍ତାବିଜ୍ ତାଲିକାର ଆଧାର, ରାଶନ କାର୍ଡ ନ ଥିବାରୁ ଏହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଅଗଷ୍ଟ ୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ସହ ଯେଉଁମାନଙ୍କର ଆପତ୍ତି ଅଭିଯୋଗ ଅଛି, ତାହା ସେପ୍ଟେମ୍ବର ୧ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିଲା। ନିକଟରେ ନିର୍ବାଚନ କମିଶନ ସମୟସୀମାକୁ ବଢ଼ାଇଛନ୍ତି।

## ୨୭ରେ ସ୍ୱତନ୍ତ୍ର ଓଟିଇଟି, ୧୭ରୁ ମିଳିବ ଆଡ୍‌ମିଟ୍ କାର୍ଡ

**କଟକ,୬ା୯(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ବୋର୍ଡ ପକ୍ଷରୁ ଏ ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ଦୁଇଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପେପର-୧ ପରୀକ୍ଷା ଏବଂ ଅପରାହ୍ନ ୨ଟାରୁ ସାଢ଼େ ୪ଟା ଯାଏ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ଆସନ୍ତା ୧୭ ତାରିଖରୁ ବୋର୍ଡ ୱେବ୍‌ସାଇଟ www.bseodisha.ac.inରେ ଉପଲବ୍ଧ ହେବ। ମାତ୍ର ପରୀକ୍ଷା କେନ୍ଦ୍ରଗୁଡିକ ଅପରିବର୍ତ୍ତିତ ରହିଛି। ସ୍ଥଗିତ ଥିବା ଗତ ଜୁଲାଇ ୧୯ ତାରିଖ ଓଟିଇଟି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ତାଲିକା ଅନୁଯାୟୀ ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଗୁଜରାଟରେ ଛିଣ୍ଡିଲା ରୋପ୍‌ୱେ: ୬ ମୃତ

**ହାଲୋଲ,୬ା୯ (ପି.ଟି.)**

ଗୁଜରାଟର ପଞ୍ଚମହଲ ଜିଲା ଅନ୍ତର୍ଗତ ପଭଗଡ଼ ହିଲ୍‌ଠାରେ ଶନିବାର ଅପରାହ୍ନ ୩ଟାରେ ଏକ କାର୍ଗୋ ରୋପ୍‌ୱେର କେବୁଲ ତାର ଛିଡ଼ିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ପୋଲିସ ଏବଂ ଅଗ୍ନିଶମ ଟିମ୍ ନିୟୋଜିତ ହୋଇଛନ୍ତି। ମହାକାଳିକା ମନ୍ଦିର ପାଇଁ ପଭଗଡ଼ ହିଲ୍ ପ୍ରସିଦ୍ଧ। ଉକ୍ତ ମନ୍ଦିରକୁ ଯିବା ପାଇଁ ଶ୍ରଦ୍ଧାଳୁମାନେ କେବୁଲ କାର୍‌ର ସହାୟତା ନେଇଥାନ୍ତି ନଚେତ୍ ୨,୦୦୦ ଫୁଟ୍ ପାହାଚ ଚଢ଼ିଥାନ୍ତି। ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ଉକ୍ତ ରୋପ୍‌ୱେରେ ୬ ଜଣ ଥିବାବେଳେ ଏହା ଛିଡ଼ିପଡ଼ିଥିଲା ବୋଲି ପଞ୍ଚମହଲା ଜିଲାପାଳ ଅଜୟ ଦହିୟା କହିଛନ୍ତି। ମୃତକଙ୍କ ମଧ୍ୟରୁ ୨ ଜଣ ଲିଫ୍ଟ ଅପରେଟର ହୋଇଥିବାବେଳେ ୨ ଶ୍ରମିକ ଓ ଅନ୍ୟ ୨ ଜଣ ଥିଲେ। ଖରାପ ପାଗ ଯୋଗୁ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ମୁଖ୍ୟ ରୋପ୍‌ୱେ ୨ ଦିନ ହେଲା ବନ୍ଦ ରହିଛି।

ପୃଷ୍ଠା-୨
**ଅଟୋକୁ ଧକ୍କା ଦେଇ ଚଢ଼ିଗଲା କାର୍, ୩ ମୃତ**

ଖେଳ ପୃଷ୍ଠା
**ଏସିଆ କପ୍ ପୁରୁଷ ହକି: ଫାଇନାଲରେ ଭାରତ**

ଆଜିର ସମ୍ପାଦକୀୟ
**ଏବେ ଚାଇନା**





# ପଞ୍ଚାୟତ କର୍ମଚାରୀଙ୍କ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ

**ଭୁବନେଶ୍ୱର, ୬ା୯(ସୁନିତ୍ ମିଶ୍ର)**

ରାଜ୍ୟ ସରକାର କିଛିଦିନ ହେଲା ବାୟୋମେଟ୍ରିକ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଠିକ୍ ସମୟରେ ଆସୁ ନ ଥିବା କର୍ମଚାରୀଙ୍କୁ କିପରି ସଜାଗ କରିହେବ ସେଥିନେଇ ସବୁ ପ୍ରକାର ବ୍ୟବସ୍ଥା ସରକାର କରିବାରେ ଲାଗିଛନ୍ତି। ଏଥିପାଇଁ ବାୟୋମେଟ୍ରିକ ଉପସ୍ଥାନକୁ ସରକାର ବାଧ୍ୟତାମୂଳକ କରିଛନ୍ତି। ପଞ୍ଚାୟତ କର୍ମଚାରୀଙ୍କଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁହେବ। ସମୟାନୁବର୍ତ୍ତିତା ଓ କାମରେ ସ୍ୱଚ୍ଛତା ଆଣିବାକୁ ଏଭଳି ବ୍ୟବସ୍ଥା କରାଯାଇଛି। ଏନେଇ କଡ଼ା ନିର୍ଦ୍ଦେଶନାମା ରାଜ୍ୟ ସରକାର ଜାରି କରିଛନ୍ତି। ଏପରିକି ଏଣିକି ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି,



ଜିଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେଶିନ୍ ଲାଗିବ। ତୁରନ୍ତ ବାୟୋମେଟ୍ରିକ୍ ଉପସ୍ଥାନ ପ୍ରଣାଳୀ ସ୍ଥାପନ ସହ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶ ରହିଛି। ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ଅଫିସରେ ଯଥା ଶୀଘ୍ର ବାୟୋମେଟ୍ରିକ ଲଗାଇ ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

**ରାତି ୧୧.୦୧ରୁ ମଧ୍ୟରାତ୍ରି ୧୨.୨୨ ମଧ୍ୟରେ ରହିବ ସର୍ବାଧିକ ପ୍ରଭାବ**

**ନୂଆଦିଲ୍ଲୀ/ ଭୁବନେଶ୍ୱର, (ସୁଚିସ୍ମିତା ସାହୁ) ୬ା୯**

୨୦୨୫ର ଦ୍ୱିତୀୟ ତଥା ଅନ୍ତିମ ଚନ୍ଦ୍ର ଗ୍ରହଣ ରବିବାର ହେବାକୁ ଯାଉଛି। ଏହି ଚନ୍ଦ୍ର ଗ୍ରହଣ ଭାରତରେ ଦୃଶ୍ୟମାନ ହେବ। ଏହା ଏକ ବିରଳ ମୁହୂର୍ତ୍ତ, ଯେଉଁଥିରେ ଚନ୍ଦ୍ର ପୃଥିବୀର ଛାଇ ଦେଇ ଗତି କରିବ। ଭାରତୀୟ ସମୟ ଅନୁଯାୟୀ, ରବିବାର ରାତି ୯.୫୮ରୁ ଗ୍ରହଣ ଆରମ୍ଭ ହୋଇ ବିଳମ୍ବିତ ରାତ୍ରି ୦୧.୨୬ରେ ଶେଷ ହେବ। ଚନ୍ଦ୍ରଗ୍ରହଣର ମୋଟ ଅବଧି ୩ ଘଣ୍ଟା ୨୮ ମିନିଟ୍ ରହିବ। ତେବେ ଚନ୍ଦ୍ରଗ୍ରହଣର ସର୍ବାଧିକ ପ୍ରଭାବ ରବିବାର ରାତି ୧୧.୦୧ରୁ ମଧ୍ୟରାତ୍ରି ୧୨.୨୨ ମଧ୍ୟରେ ରହିବ ଏବଂ ଗ୍ରହଣର ପିକ୍ ଟାଇମ୍ ରାତି ୧୧.୪୨ ରହିବ। ଅର୍ଥାତ୍ ଏହି ସମୟରେ ହିଁ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ। ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ, ଚଳିତ ଥର ଚନ୍ଦ୍ରଗ୍ରହଣ ଦେଖିବା



ପାଇଁ ଭାରତରେ ଲୋକମାନଙ୍କୁ କୌଣସି ସ୍ୱତନ୍ତ୍ର ଉପକରଣର ଆବଶ୍ୟକତା ପଡ଼ିବ ନାହିଁ। ଲୋକେ ଖାଲି ଆଖିରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣକୁ ଦେଖିପାରିବେ। ତେବେ ବାଇନାକୁଲାର କିମ୍ବା ଟେଲିସ୍କୋପ ବ୍ୟବହାରରେ ଏହି ଅଭିଜ୍ଞତା ଉତ୍କୃଷ୍ଟ ହେବ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଚନ୍ଦ୍ର ଗ୍ରହଣ ସମୟରେ ଅନେକ ପ୍ରକାରର ସତର୍କତା ଅବଲମ୍ବନ କରିବା ପାଇଁ ଲୋକଙ୍କୁ ସତର୍କ କରାଯାଇଛି। ଚନ୍ଦ୍ର ଗ୍ରହଣର ୯ ଘଣ୍ଟା ପୂର୍ବରୁ ଅର୍ଥାତ ମଧ୍ୟାହ୍ନ ୧୨.୫୭ରୁ ପାକତ୍ୟାଗ କରିବାକୁ ପଡ଼ିବ। ମଧ୍ୟାହ୍ନ ୧୨.୫୭ଠାରୁ ଚନ୍ଦ୍ର ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ଖାଦ୍ୟ ରାନ୍ଧିବା କିମ୍ବା ଖାଇବା ଉପରେ ନିଷେଧ ରହିବ। ଏହି ସମୟରେ ମନ୍ଦିରର ଦ୍ୱାର ମଧ୍ୟ ବନ୍ଦ ରହିବ। ସେହିପରି ଗର୍ଭବତୀ ମହିଳାଙ୍କ ସ୍ୱତନ୍ତ୍ର ଯତ୍ନ ନିଆଯିବା ସହ ବିଭିନ୍ନ ନକାରାତ୍ମକ ଚିନ୍ତାଧାରାରୁ ଦୂରେଇରହିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ନିୟମ ଅନୁଯାୟୀ ରୋଗୀ, ବୃଦ୍ଧ ଏବଂ ଶିଶୁଙ୍କ ଉପରେ ଉକ୍ତ ନିୟମ ଲାଗୁ ହେବନାହିଁ ବୋଲି ବରିଷ୍ଠ ଜ୍ୟୋତିର୍ବିଦ୍‌ମାନେ କହିଛନ୍ତି।

ଏହି ଚନ୍ଦ୍ର ଗ୍ରହଣ ଭାରତ ବ୍ୟତୀତ ୟୁରୋପ, ଏସିଆ, ପୂର୍ବ ଅଷ୍ଟ୍ରେଲିଆ, ଆଫ୍ରିକା, ନ୍ୟୁଜିଲାଣ୍ଡର କିଛି ଅଞ୍ଚଳରେ ☞ପୃଷ୍ଠା-୨

## ଶ୍ରୀମନ୍ଦିରରେ ସଅଳ ହେବ ନୀତିକାନ୍ତି

**ପୁରୀ,୬ା୯(ଅଜିତ୍ କୁମାର ମହାନ୍ତି)**

ରବିବାର ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ସଅଳ ନୀତିକାନ୍ତି ହେବ। ମଧ୍ୟାହ୍ନ ୧୨ଟା ୫୭ମିନିଟ ୨୨ ସେକେଣ୍ଡ ପରେ ପାକ ତ୍ୟାଗ ଓ ଦେବ ନୀତି ନିଷେଧ ରହିଛି। ଗ୍ରହଣ ସ୍ପର୍ଶ ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ରହିଥିବା ବେଳେ ସର୍ବମୋକ୍ଷ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡ ପର୍ଯ୍ୟନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ରାତି ୨ଟାରେ ଦ୍ୱାରଫିଟା ନୀତି ରହିଛି। ରାତି ୨ଟା ୩୦ରେ ଭିତରଶୋଧ, ୨ଟା ୪୦ରେ ମଙ୍ଗଳ ଆଳତି, ମଇଲମ ଓ ତଡ଼ପଲାଗି ୩ଟା, ଅବକାଶ ଓ ରୋଷହୋମ ୩ଟା ୩୦ରେ କରାଯିବ। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ସରିବା ପରେ ଭୋର ୫ଟାରୁ ୬ଟା ମଧ୍ୟରେ ସକାଳ ଧୂପ (କେବଳ କୋଠଭୋଗ) ସମ୍ପନ୍ନ ହେବ। ୬ଟା ୧୫ରେ ମଇଲମ, ସାଢ଼େ ୭ଟାରେ ଭୋଗମଣ୍ଡପ ଶେଷ ହୋଇ ସକାଳ ୮ଟାରୁ ୯ଟା ମଧ୍ୟରେ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ସମ୍ପନ୍ନ ହେବ। ସକାଳ ୯ଟା ୩୦ରେ ଦକ୍ଷିଣୀ ଘର ଭୋଗ, ସାଢେ ୮ଟାରୁ ୧୦ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡପ, ମଇଲମ, ୧୧ଟା ୧୫ରେ ସନ୍ଧ୍ୟା ଆଳତି ନୀତି ସମ୍ପନ୍ନ ହେବ। ରବିବାର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ରହିଛି। ତେଣୁ ପୂର୍ବାହ୍ନ ୧୧ଟା ୩୦ରେ ଦୋଳଗୋବିନ୍ଦ ଭିତରକୁ ବିଜେ କରିବେ। ୧୧ଟା ୪୫ରେ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ କରିବେ। ୧୨ଟାରେ ପାଲିଙ୍କି ଉଠିବ। ସାଢ଼େ ୧୨ଟା ସୁଦ୍ଧା ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ସାରି ବାହୁଡ଼ା ବିଜେ କରିବେ। ମଇଲମ ଓ ତଡ଼ପଲାଗି ହୋଇ ଭିତରକାଠ ଦର୍ଶନ ହେବ। ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟନୀତି ହେବା ନେଇ ଛତିଶା ନିଯୋଗ ବୈଠକରେ ସ୍ଥିର କରାଯାଇଛି।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୭/୨୦୨୫ | Bhubaneswar, Sunday, September 7/2025




## ସିନର ଫାଇନାଲରେ

ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଇଟାଲୀର ଷ୍ଟାର ଟେନିସ ଖେଳାଳି ଜାନିକ ସିନର।

୧୪

୧୦

## 'ଧମାଲ ୪' ଶୁଟିଂ ଶେଷ

'ଧମାଲ' ଫ୍ରାଞ୍ଚାଇଜ୍‌ର ଚତୁର୍ଥ ଫିଲ୍ମ 'ଧମାଲ ୪'ର ଶୁଟିଂ ଶେଷ ହୋଇଛି। ଏନେଇ ଅଭିନେତା ଅଜୟ ଦେବଗନ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସୂଚନା ଦେଇଛନ୍ତି।





ହାଇଦ୍ରାବାଦର ହୁସେନ୍ ସାଗରରେ ଶନିବାର ୬୯ ଫୁଟ୍ ଉଚ୍ଚତାର ଗଣେଶ ମୂର୍ତ୍ତିକୁ କ୍ରେନ୍ ସାହାଯ୍ୟରେ ଭସାଣି କରାଯାଉଛି। (ଫଟୋ: ପି.ଟି.)

# ମୋଦି ବନ୍ଧୁ, କାମ ନାପସନ୍ଦ: ଟ୍ରମ୍ପ୍

**ୱାଶିଂଟନ୍/ନୂଆଦିଲ୍ଲୀ,୬।୯ (ପି.ଟି./ଏଜେନ୍ସି)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହ୍ୱାଇଟ୍‌ହାଉସ୍‌ରେ ଶୁକ୍ରବାର ଆୟୋଜିତ ଏକ ପ୍ରେସ୍ କନ୍‌ଫରେନ୍ସରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ସେ ସବୁବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ବନ୍ଧୁ ହୋଇ ରହିବେ। ବାଣିଜ୍ୟ ପ୍ରସଙ୍ଗରେ ଅଚଳାବସ୍ଥା ସତ୍ତ୍ୱେ ଚିନ୍ତିତ ହେବାର କିଛି ନାହିଁ। କିନ୍ତୁ ବର୍ତ୍ତମାନ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ମୋଦି ଯାହା କରୁଛନ୍ତି, ତାକୁ ସେ ନାପସନ୍ଦ କରନ୍ତି ବୋଲି ଟ୍ରମ୍ପ୍ କହିଛନ୍ତି। ଏନେଇ ଶନିବାର ମୋଦି କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଭାବାବେଗ ଓ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ସମୀକ୍ଷାକୁ ସେ ସମ୍ମାନ କରନ୍ତି। ଭାରତ ଓ ଆମେରିକା ଏକ ଅତ୍ୟନ୍ତ ସକାରାତ୍ମକ ଏବଂ ବୈଶ୍ୱିକ ରଣନୈତିକ ସହଭାଗିତା ପାଇଁ



ଡୋନାଲ୍ଡ ଟ୍ରମ୍ପ୍

ଆଗ୍ରହୀ ବୋଲି ମୋଦି 'X'ରେ ଉଲ୍ଲେଖ କରିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୫୦% ଟାରିଫ୍ ଲଗାଇବା ପରଠୁ ଦୁଇଦେଶର ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ସୋସିଆଲ ମିଡିଆ ଓ କେତେକ ଗଣମାଧ୍ୟମ ଟ୍ରମ୍ପ୍‌ଙ୍କ ମନ୍ତବ୍ୟର ଭିନ୍ନ ଅର୍ଥ ବାହାର କରିବାରେ ଲାଗିଛନ୍ତି। ଟ୍ରମ୍ପ୍ ମୁଣ୍ଡ ନୁଆଁଇଲେ ଏବଂ ଗତ ଅଗଷ୍ଟ ୭ ଓ ୨୭ରେ ଦୁଇଟି ପର୍ଯ୍ୟାୟରେ ଲଗାଇଥିବା ଟାରିଫ୍ ତଥା ଜରିମାନାକୁ ହଟାଇଦେବେ ଆଦି କହୁଛନ୍ତି। ଲକ୍ଷ୍ୟ କରିବା କଥା ହେଉଛି, ଦୁଇଦେଶର ବିଗୁଡୁଥିବା ସମ୍ପର୍କରେ ସୁଧାର ଆଣିବା ପାଇଁ ଟ୍ରମ୍ପ୍ ଏପରି କହିଥିଲେ ମଧ୍ୟ ଆମଦାନୀ ଶୁଳ୍କ ହଟାଇବା ନେଇ କୌଣସି ସଙ୍କେତ ଦେଇନାହାନ୍ତି। ସେ ବର୍ତ୍ତମାନ ମଧ୍ୟ ଭାରତର ରୁଷୀୟ ତୈଳ କ୍ରୟକୁ ନେଇ ଅସନ୍ତୁଷ୍ଟ। ଇତିମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଭାରତ ରୁଷିଆଠାରୁ ଶସ୍ତାରେ ଇନ୍ଧନ ତୈଳ କିଣିବା ଜାରି ରଖିବ ବୋଲି ସ୍ପଷ୍ଟ କରିଛନ୍ତି। ତେଣୁ ବାରମ୍ବାର ମତ ପରିବର୍ତ୍ତନ କରୁଥିବା ଟ୍ରମ୍ପ୍‌ଙ୍କ ସଦ୍ୟ ବିବୃତିକୁ ଭାରତ ପାଇଁ ଏକ ବିଜୟ ମନେକରାଯାଇ ନ ପାରେ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

# ଜାନୁଆରୀରୁ ଦେଶରେ ହୋଇପାରେ ଏସ୍‌ଆଇଆର୍

**ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ବିବାଦ ଲାଗିରହିଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ) ୨୦୨୬ ଜାନୁଆରୀ ୧ରୁ ସାରା ଦେଶରେ ଏସ୍‌ଆଇଆର୍ ଆରମ୍ଭ କରିପାରନ୍ତି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ ଆସନ୍ତା ୧୦ ତାରିଖରେ ନିର୍ବାଚନ କମିଶନ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କ ସମ୍ମିଳନୀର ଆୟୋଜନ କରିଛନ୍ତି।**

## ଆଲୋଚନା ପାଇଁ ୧୦ରେ ସିଇଓମାନଙ୍କ ବୈଠକ

**ନୂଆଦିଲ୍ଲୀ,୬।୯**

ସାରା ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଗତ ଜୁନ୍ ୨୪ରେ ଇସିଆଇ ନିଷ୍ପତ୍ତି ନେଇଥିଲେ। ତେବେ ଆଗକୁ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ସେଠାରେ ପ୍ରଥମେ ଏସ୍‌ଆଇଆର୍ ଆରମ୍ଭ କରିଥିଲେ। ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଉପଯୁକ୍ତ ସମୟରେ ନିର୍ଦ୍ଦେଶନାମା ଜାରି ହେବ ବୋଲି କମିଶନଙ୍କ ପକ୍ଷରୁ କୁହାଯାଇଥିଲା। ସେପ୍ଟେମ୍ବର ୧୦ରେ ହେବାକୁ ଥିବା ବୈଠକରେ ସମସ୍ତ ସିଇଓ ଉପସ୍ଥିତ ରହି ସେମାନଙ୍କ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ସଂଖ୍ୟା ଏବଂ ପୂର୍ବରୁ ହୋଇଥିବା ସଂଶୋଧନର ସବିଶେଷ ତଥ୍ୟ ରଖିବାକୁ କୁହାଯାଇଛି। ଦ୍ୱାରକାରେ ଥିବା କମିଶନଙ୍କ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଅଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍)ରେ ଅନୁଷ୍ଠିତ ହେବାକୁ ଥିବା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର, ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଜୋଶୀ ସିଇଓମାନଙ୍କୁ ଭେଟିବେ।

ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯେପରି ସେମାନେ ମତାଧିକାର ସାବ୍ୟସ୍ତ କରିପାରିବେ, ତାହା ହେଉଛି ଏସ୍‌ଆଇଆର୍‌ର ମୁଖ୍ୟ ଲକ୍ଷ୍ୟ। ଏଥିସହିତ ଯେପରି କୌଣସି ଅଯୋଗ୍ୟ ଭୋଟର ତାଲିକାରେ ସାମିଲ ନ ହୁଅନ୍ତି ସେଥିପାଇଁ ଅଯୋଗ୍ୟଙ୍କୁ ବାଦ୍ ଦେଇ ଯୋଗ୍ୟଙ୍କୁ ତାଲିକାରେ




ସାମିଲ କଲାବେଳେ ଏହି ପ୍ରକ୍ରିୟା ଯେପରି ସ୍ୱଚ୍ଛ ରହେ, ତାହା ସୁନିଶ୍ଚିତ କରିବା ମଧ୍ୟ ଏସ୍‌ଆଇଆର୍‌ର ଉଦ୍ଦେଶ୍ୟ। ବିହାରରେ ୨୦୦୩ରେ ଶେଷ ଥର ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ହୋଇଥିଲା। ଏସ୍‌ଆଇଆର୍ ବେଳେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନେ ଘରକୁ ଘର ଯାଇ ସର୍ଭେ କରିଥିଲେ। ତେବେ ବିହାରରେ ଆଗକୁ ନିର୍ବାଚନ ଥିବାରୁ ଭାଜପାକୁ ସହାୟତା କରିବା ପାଇଁ ବହୁ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରିବା ପାଇଁ ଇସି ଷଡ଼ଯନ୍ତ୍ର କରୁଥିବା କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ବିରୋଧୀ ଏହି ପ୍ରସଙ୍ଗ ଉଠାଇ ଗୃହକୁ ଦୀର୍ଘଦିନ ଅଚଳ କରି ରଖିଥିଲେ। ପ୍ରକାଶ ଥାଉକି ପ୍ରତିବର୍ଷ ଏବଂ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂକ୍ଷିପ୍ତ ସଂଶୋଧନ ହୋଇ କେତେକ ନାମ ସଂଯୋଗ ହେବା ସହ ଅନ୍ୟ କେତେଜଣଙ୍କ ନାମ ବାଦ୍ ଦିଆଯାଇଥାଏ। ତେବେ ଏଥର ବିହାରରେ ସମ୍ପୂର୍ଣ୍ଣ ନୂଆ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ସେଥିପାଇଁ ନାଗରିକମାନଙ୍କୁ ନୂଆ ଏନୁମେରେଶନ ଫର୍ମ ପୂରଣ ସହ ଘୋଷଣାନାମା ଦେବାକୁ ହେବ। ଭୋଟର ଭାବେ ନିଜର ଯୋଗ୍ୟତା ପ୍ରମାଣ ପାଇଁ କମିଶନ ଜାରି କରିଥିବା ୧୧ଟି ଯୋଗ୍ୟ ଦସ୍ତାବିଜ୍ ଦାଖଲ କରିବାକୁ ହେବ। ଇସିଙ୍କ ଏହି ଏସ୍‌ଆଇଆର୍ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିଲା। ଇସିଙ୍କ ୧୧ ଦସ୍ତାବିଜ୍ ତାଲିକାର ଆଧାର, ରାଶନ କାର୍ଡ ନ ଥିବାରୁ ଏହାର ବାସ୍ତବତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା। ଅଗଷ୍ଟ ୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବା ସହ ଯେଉଁମାନଙ୍କର ଆପତ୍ତି ଅଭିଯୋଗ ଅଛି, ତାହା ସେପ୍ଟେମ୍ବର ୧ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିଲା। ନିକଟରେ ନିର୍ବାଚନ କମିଶନ ସମୟସୀମାକୁ ବଢ଼ାଇଛନ୍ତି।

## ୨୭ରେ ସ୍ୱତନ୍ତ୍ର ଓଟିଇଟି, ୧୭ରୁ ମିଳିବ ଆଡ୍‌ମିଟ୍ କାର୍ଡ

**କଟକ,୬।୯(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ବୋର୍ଡ ପକ୍ଷରୁ ଏ ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ଦୁଇଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପେପର-୧ ପରୀକ୍ଷା ଏବଂ ଅପରାହ୍ନ ୨ଟାରୁ ସାଢ଼େ ୪ଟା ଯାଏ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡ ଆସନ୍ତା ୧୭ ତାରିଖରୁ ବୋର୍ଡ ୱେବ୍‌ସାଇଟ www.bseodisha.ac.inରେ ଉପଲବ୍ଧ ହେବ। ମାତ୍ର ପରୀକ୍ଷା କେନ୍ଦ୍ରଗୁଡିକ ଅପରିବର୍ତ୍ତିତ ରହିଛି। ସ୍ଥଗିତ ଥିବା ଗତ ଜୁଲାଇ ୧୯ ତାରିଖ ଓଟିଇଟି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ତାଲିକା ଅନୁଯାୟୀ ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଗୁଜରାଟରେ ଛିଣ୍ଡିଲା ରୋପ୍‌ୱେ: ୬ ମୃତ

**ହାଲୋଲ,୬।୯ (ପି.ଟି.)**

ଗୁଜରାଟର ପଞ୍ଚମହଲ ଜିଲା ଅନ୍ତର୍ଗତ ପଭଗଡ଼ ହିଲ୍‌ଠାରେ ଶନିବାର ଅପରାହ୍ନ ୩ଟାରେ ଏକ କାର୍ଗୋ ରୋପ୍‌ୱେର କେବୁଲ ତାର ଛିଡ଼ିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ପୋଲିସ ଏବଂ ଅଗ୍ନିଶମ ଟିମ୍ ନିୟୋଜିତ ହୋଇଛନ୍ତି। ମହାକାଳିକା ମନ୍ଦିର ପାଇଁ ପଭଗଡ଼ ହିଲ୍ ପ୍ରସିଦ୍ଧ। ଉକ୍ତ ମନ୍ଦିରକୁ ଯିବା ପାଇଁ ଶ୍ରଦ୍ଧାଳୁମାନେ କେବୁଲ କାର୍‌ର ସହାୟତା ନେଇଥାନ୍ତି ନଚେତ୍ ୨,୦୦୦ ଫୁଟ୍ ପାହାଚ ଚଢ଼ିଥାନ୍ତି। ବିଭିନ୍ନ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ଉକ୍ତ ରୋପ୍‌ୱେରେ ୬ ଜଣ ଥିବାବେଳେ ଏହା ଛିଡ଼ିପଡ଼ିଥିଲା ବୋଲି ପଞ୍ଚମହଲା ଜିଲାପାଳ ଅଜୟ ଦହିୟା କହିଛନ୍ତି। ମୃତକଙ୍କ ମଧ୍ୟରୁ ୨ ଜଣ ଲିଫ୍ଟ ଅପରେଟର ହୋଇଥିବାବେଳେ ୨ ଶ୍ରମିକ ଓ ଅନ୍ୟ ୨ ଜଣ ଥିଲେ। ଖରାପ ପାଗ ଯୋଗୁ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ମୁଖ୍ୟ ରୋପ୍‌ୱେ ୨ ଦିନ ହେଲା ବନ୍ଦ ରହିଛି।

ପୃଷ୍ଠା-୨
**ଅଟୋକୁ ଧକ୍କା ଦେଇ ଚଢ଼ିଗଲା କାର୍, ୩ ମୃତ**

ଖେଳ ପୃଷ୍ଠା
**ଏସିଆ କପ୍ ପୁରୁଷ ହକି: ଫାଇନାଲରେ ଭାରତ**

ଆଜିର ସମ୍ପାଦକୀୟ
**ଏବେ ଚାଇନା**




# ପଞ୍ଚାୟତ କର୍ମଚାରୀଙ୍କ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ

**ଭୁବନେଶ୍ୱର, ୬।୯(ସୁନିତ୍ ମିଶ୍ର)**

ରାଜ୍ୟ ସରକାର କିଛିଦିନ ହେଲା ବାୟୋମେଟ୍ରିକ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଠିକ୍ ସମୟରେ ଆସୁ ନ ଥିବା କର୍ମଚାରୀଙ୍କୁ କିପରି ସଜାଗ କରିହେବ ସେଥିନେଇ ସବୁ ପ୍ରକାର ବ୍ୟବସ୍ଥା ସରକାର କରିବାରେ ଲାଗିଛନ୍ତି। ଏଥିପାଇଁ ବାୟୋମେଟ୍ରିକ ଉପସ୍ଥାନକୁ ସରକାର ବାଧ୍ୟତାମୂଳକ କରିଛନ୍ତି। ପଞ୍ଚାୟତ କର୍ମଚାରୀଙ୍କଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁହେବ। ସମୟାନୁବର୍ତ୍ତିତା ଓ କାମରେ ସ୍ୱଚ୍ଛତା ଆଣିବାକୁ ଏଭଳି ବ୍ୟବସ୍ଥା କରାଯାଇଛି। ଏନେଇ କଡ଼ା ନିର୍ଦ୍ଦେଶନାମା ରାଜ୍ୟ ସରକାର ଜାରି କରିଛନ୍ତି। ଏପରିକି ଏଣିକି ସମସ୍ତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି,



ଜିଲା ପରିଷଦ କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ମେଶିନ୍ ଲାଗିବ। ତୁରନ୍ତ ବାୟୋମେଟ୍ରିକ୍ ଉପସ୍ଥାନ ପ୍ରଣାଳୀ ସ୍ଥାପନ ସହ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶ ରହିଛି। ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ଅଫିସରେ ଯଥାଶୀଘ୍ର ବାୟୋମେଟ୍ରିକ ଲଗାଇ ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜି ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

## ରାତି ୧୧.୦୧ରୁ ମଧ୍ୟରାତ୍ରି ୧୨.୨୨ ମଧ୍ୟରେ ରହିବ ସର୍ବାଧିକ ପ୍ରଭାବ

**ନୂଆଦିଲ୍ଲୀ/ ଭୁବନେଶ୍ୱର, (ସୁଚିସ୍ମିତା ସାହୁ) ୬।୯**

୨୦୨୫ର ଦ୍ୱିତୀୟ ତଥା ଅନ୍ତିମ ଚନ୍ଦ୍ର ଗ୍ରହଣ ରବିବାର ହେବାକୁ ଯାଉଛି। ଏହି ଚନ୍ଦ୍ର ଗ୍ରହଣ ଭାରତରେ ଦୃଶ୍ୟମାନ ହେବ। ଏହା ଏକ ବିରଳ ମୁହୂର୍ତ୍ତ, ଯେଉଁଥିରେ ଚନ୍ଦ୍ର ପୃଥିବୀର ଛାଇ ଦେଇ ଗତି କରିବ। ଭାରତୀୟ ସମୟ ଅନୁଯାୟୀ, ରବିବାର ରାତି ୯.୫୮ରୁ ଗ୍ରହଣ ଆରମ୍ଭ ହୋଇ ବିଳମ୍ବିତ ରାତ୍ରି ୦୧.୨୬ରେ ଶେଷ ହେବ। ଚନ୍ଦ୍ରଗ୍ରହଣର ମୋଟ ଅବଧି ୩ ଘଣ୍ଟା ୨୮ ମିନିଟ୍ ରହିବ। ତେବେ ଚନ୍ଦ୍ରଗ୍ରହଣର ସର୍ବାଧିକ ପ୍ରଭାବ ରବିବାର ରାତି ୧୧.୦୧ରୁ ମଧ୍ୟରାତ୍ରି ୧୨.୨୨ ମଧ୍ୟରେ ରହିବ ଏବଂ ଗ୍ରହଣର ପିକ୍ ଟାଇମ୍ ରାତି ୧୧.୪୨ ରହିବ। ଅର୍ଥାତ୍ ଏହି ସମୟରେ ହିଁ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ। ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ, ଚଳିତ ଥର ଚନ୍ଦ୍ରଗ୍ରହଣ ଦେଖିବା



ପାଇଁ ଭାରତରେ ଲୋକମାନଙ୍କୁ କୌଣସି ସ୍ୱତନ୍ତ୍ର ଉପକରଣର ଆବଶ୍ୟକତା ପଡ଼ିବ ନାହିଁ। ଲୋକେ ଖାଲି ଆଖିରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣକୁ ଦେଖିପାରିବେ। ତେବେ ବାଇନାକୁଲାର କିମ୍ବା ଟେଲିସ୍କୋପ ବ୍ୟବହାରରେ ଏହି ଅଭିଜ୍ଞତା ଉତ୍କୃଷ୍ଟ ହେବ। ଜ୍ୟୋତିଷଶାସ୍ତ୍ର ଅନୁଯାୟୀ, ଚନ୍ଦ୍ର ଗ୍ରହଣ ସମୟରେ ଅନେକ ପ୍ରକାରର ସତର୍କତା ଅବଲମ୍ବନ କରିବା ପାଇଁ ଲୋକଙ୍କୁ ସତର୍କ କରାଯାଇଛି। ଚନ୍ଦ୍ର ଗ୍ରହଣର ୯ ଘଣ୍ଟା ପୂର୍ବରୁ ଅର୍ଥାତ ମଧ୍ୟାହ୍ନ ୧୨.୫୭ରୁ ପାକତ୍ୟାଗ କରିବାକୁ ପଡ଼ିବ। ମଧ୍ୟାହ୍ନ ୧୨.୫୭ଠାରୁ ଚନ୍ଦ୍ର ଗ୍ରହଣ ଶେଷ ହେବା ପର୍ଯ୍ୟନ୍ତ ଖାଦ୍ୟ ରାନ୍ଧିବା କିମ୍ବା ଖାଇବା ଉପରେ ନିଷେଧ ରହିବ। ଏହି ସମୟରେ ମନ୍ଦିରର ଦ୍ୱାର ମଧ୍ୟ ବନ୍ଦ ରହିବ। ସେହିପରି ଗର୍ଭବତୀ ମହିଳାଙ୍କ ସ୍ୱତନ୍ତ୍ର ଯତ୍ନ ନିଆଯିବା ସହ ବିଭିନ୍ନ ନକାରାତ୍ମକ ଚିନ୍ତାଧାରାରୁ ଦୂରେଇରହିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ନିୟମ ଅନୁଯାୟୀ ରୋଗୀ, ବୃଦ୍ଧ ଏବଂ ଶିଶୁଙ୍କ ଉପରେ ଉକ୍ତ ନିୟମ ଲାଗୁ ହେବନାହିଁ ବୋଲି ବରିଷ୍ଠ ଜ୍ୟୋତିର୍ବିଦ୍‌ମାନେ କହିଛନ୍ତି।

ଏହି ଚନ୍ଦ୍ର ଗ୍ରହଣ ଭାରତ ବ୍ୟତୀତ ୟୁରୋପ, ଏସିଆ, ପୂର୍ବ ଅଷ୍ଟ୍ରେଲିଆ, ଆଫ୍ରିକା, ନ୍ୟୁଜିଲାଣ୍ଡର କିଛି ଅଞ୍ଚଳରେ ☞ପୃଷ୍ଠା-୨

## ଶ୍ରୀମନ୍ଦିରରେ ସଅଳ ହେବ ନୀତିକାନ୍ତି

**ପୁରୀ,୬।୯(ଅଜିତ୍ କୁମାର ମହାନ୍ତି)**

ରବିବାର ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିରରେ ସଅଳ ନୀତିକାନ୍ତି ହେବ। ମଧ୍ୟାହ୍ନ ୧୨ଟା ୫୭ମିନିଟ ୨୨ ସେକେଣ୍ଡ ପରେ ପାକ ତ୍ୟାଗ ଓ ଦେବ ନୀତି ନିଷେଧ ରହିଛି। ଗ୍ରହଣ ସ୍ପର୍ଶ ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ରହିଥିବା ବେଳେ ସର୍ବମୋକ୍ଷ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡ ପର୍ଯ୍ୟନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଶନିବାର ରାତି ୨ଟାରେ ଦ୍ୱାରଫିଟା ନୀତି ରହିଛି। ରାତି ୨ଟା ୩୦ରେ ଭିତରଶୋଧ, ୨ଟା ୪୦ରେ ମଙ୍ଗଳ ଆଳତି, ମଇଲମ ଓ ତଡ଼ପଲାଗି ୩ଟା, ଅବକାଶ ଓ ରୋଷହୋମ ୩ଟା ୩୦ରେ କରାଯିବ। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ସରିବା ପରେ ଭୋର ୫ଟାରୁ ୬ଟା ମଧ୍ୟରେ ସକାଳ ଧୂପ (କେବଳ କୋଠଭୋଗ) ସମ୍ପନ୍ନ ହେବ। ୬ଟା ୧୫ରେ ମଇଲମ, ସାଢ଼େ ୭ଟାରେ ଭୋଗମଣ୍ଡପ ଶେଷ ହୋଇ ସକାଳ ୮ଟାରୁ ୯ଟା ମଧ୍ୟରେ ମଧ୍ୟାହ୍ନ ଧୂପ (କେବଳ କୋଠଭୋଗ) ସମ୍ପନ୍ନ ହେବ। ସକାଳ ୯ଟା ୩୦ରେ ଦକ୍ଷିଣୀ ଘର ଭୋଗ, ସାଢେ ୮ଟାରୁ ୧୦ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡପ, ମଇଲମ, ୧୧ଟା ୧୫ରେ ସନ୍ଧ୍ୟା ଆଳତି ନୀତି ସମ୍ପନ୍ନ ହେବ। ରବିବାର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ରହିଛି। ତେଣୁ ପୂର୍ବାହ୍ନ ୧୧ଟା ୩୦ରେ ଦୋଳଗୋବିନ୍ଦ ଭିତରକୁ ବିଜେ କରିବେ। ୧୧ଟା ୪୫ରେ ଆଜ୍ଞାମାଳ ପାଇ ପାଲିଙ୍କିକୁ ବିଜେ କରିବେ। ୧୨ଟାରେ ପାଲିଙ୍କି ଉଠିବ। ସାଢ଼େ ୧୨ଟା ସୁଦ୍ଧା ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ସାରି ବାହୁଡ଼ା ବିଜେ କରିବେ। ମଇଲମ ଓ ତଡ଼ପଲାଗି ହୋଇ ଭିତରକାଠ ଦର୍ଶନ ହେବ। ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟନୀତି ହେବା ନେଇ ଛତିଶା ନିଯୋଗ ବୈଠକରେ ସ୍ଥିର କରାଯାଇଛି।

**ଆଜିର ମନ୍ତବ୍ୟ**
"ଦେଶର ଜାତୀୟ ପ୍ରତୀକ ଅଶୋକ ସ୍ତମ୍ଭ ସରକାରୀ ଉତ୍ସବ ପାଇଁ ଉଦ୍ଦିଷ୍ଟ, ଧର୍ମୀୟ ଅନୁଷ୍ଠାନ ନିମନ୍ତେ ନୁହେଁ।
-ଓମାର ଅବଦୁଲ୍ଲା, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୪୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ପରିଷଦ ମୁଖ୍ୟ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ୧୪ତମ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଓଏଏସ୍ ଆସୋସିଏଶନ୍ ହଲ୍ , ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ ଟା।
- ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ରାଜ୍ୟ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ୟୁନିଟ୍ ୯, ସମୟ: ପୂର୍ବାହ୍ନ ୧୧ଟା।
- ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ ଟା।
- ମାଟିଖିଡ଼ି ଏବଂ ଓଡ଼ିଆ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାଚକ୍ର 'ବିଭୁତି ବିଭବ', ସ୍ଥାନ: ରେଡ଼କ୍ରସ ଭବନ, ସମୟ: ସନ୍ଧ୍ୟା ୬ଟା।
- ସତ୍‌ସଙ୍ଗୀ ସାମ୍ବାଦିକ ସାମ୍ମୁଖ୍ୟ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ସତ୍‌ସଙ୍ଗ, ସ୍ଥାନ: ରତାୟନୀ କକ୍ଷ, ସତ୍‌ସଙ୍ଗ ବିହାର, ସମୟ: ସନ୍ଧ୍ୟା ୭ଟା।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସରେ ସାଇକେଲ୍ ରାଲି, ସ୍ଥାନ: ଫରେଷ୍ଟ ପାର୍କ, ସମୟ: ସକାଳ ୭ଟା ୩୦।

## କଟକ
- ପଞ୍ଚମ ଲାସ୍ୟ ପ୍ରତିଭା ପ୍ରତିଯୋଗିତା, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସକାଳ ୯ଟା।
- ସିଡିଏ ବିଡାନାସି ତୁଳସୀପୁର ଅଞ୍ଚଳ ପକ୍ଷରୁ ନବମ ବାର୍ଷିକ ଶ୍ରୀ ଅରବିନ୍ଦ ପାଠଚକ୍ର କର୍ମଶାଳା, ସ୍ଥାନ: ଜେବିଏସ ଗାର୍ଡେନ, ତୁଳସୀପୁର, ସମୟ: ସକାଳ ୯ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ସତସଙ୍ଗ ବିହାର, ବକ୍ସିବଜାର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ
- ଫିଜିଓଥେରାପି ଶିବିର, ସ୍ଥାନ: ପୁରୀ ଜିଲା ସ୍କୁଲ, ସମୟ: ସକାଳ ୯ଟା।
- ଚନ୍ଦ୍ର ଗ୍ରହଣ ସମ୍ପର୍କିତ କର୍ମଶାଳା, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ସକାଳ ୯ଟା।
- ନିମାପଡ଼ା-ବଳଙ୍ଗା ପୂର୍ତ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ, ସ୍ଥାନ: ନିମାପଡ଼ା ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଅତିବଡ଼ି ଜଗନ୍ନାଥ ଦାସଙ୍କ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୪ଟା୩୦।

## ବାଲେଶ୍ୱର
- ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବରିଷ୍ଠ ନାଗରିକ ମଞ୍ଚର ବୈଠକ, ସ୍ଥାନ: ଗୋପାଳପୁର, ବାହାନଗା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ
- ସବ୍‌ଡିଭିଜନ ଗଠନ ଦାବିରେ କ୍ରିୟାନୁଷ୍ଠାନ କମିଟିର ପରିବର୍ଦ୍ଧିତ ବୈଠକ, ସ୍ଥାନ: ବରିଷ୍ଠ ନାଗରିକ ସଂଘ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ, ସ୍ଥାନ: ଫକୀରପୁର ସିଟି ସ୍କୁଲ, ଆନନ୍ଦପୁର, ସମୟ: ଅପରାହ୍ନ ୩ଟା।
- ୭୮ ତମ ରାଜ୍ୟ ପୋଲିସ କବାଡି ଓ ୧୦ମ ରାଜ୍ୟ ପୋଲିସ ହ୍ୟାଣ୍ଡ ବଲ ପ୍ରତିଯୋଗିତା ୨୦୨୫-୨୬ ଉଦ୍‌ଘାଟନ, ସ୍ଥାନ: ହ୍ୟାଣ୍ଡବଲ ପଡ଼ିଆ, କେନ୍ଦୁଝର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଜିଲା ବିଦ୍ୟାଳୟ ସମୂହ ଫୁଟ୍‌ବଲ, କବାଡ଼ି ଓ ଖୋ-ଖୋ ପ୍ରତିଯୋଗିତା, ସ୍ଥାନ: ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ବିଶୋଇ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ରଷ୍ଟା ବାଲେଶ୍ୱର ପକ୍ଷରୁ ନାଟକ 'ନଷ୍ଟ ନାଟକର ନାଟ୍ୟକାର', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର
- କସ୍ତୁରୀ କଳା ସମ୍ମାନ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସକାଳ ୯ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପଶ୍ଚିମେଶ୍ୱର ମନ୍ଦିର, ଆଙ୍କୁଲି, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ
- ଦ୍ୱିଭାଷୀ କବି ସମ୍ମିଳନୀ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ଫୁଲବାଣୀ, ସମୟ: ଅପରାହ୍ନ ୨ଟା।

## ଢେଙ୍କାନାଳ
- ଦି ଫୁଡ ଲଭର୍ସ ଗ୍ରୁପ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ମାଆ ପାଇଁ ଗଛଟିଏ, ସ୍ଥାନ:ଗୋଧନ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ବ୍ରହ୍ମଲୀନର ଦଶମ ବାର୍ଷିକ ଉତ୍ସବ, ସ୍ଥାନ : ଯାଜପୁର ମଧୁପୁର ଗୁରୁ ଆଶ୍ରମ, ସମୟ: ସକାଳ ୭ଟା।
- ମହେଶ୍ୱର ମଲ୍ଲଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମୃତିଚାରଣ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ବରୀ ବ୍ଲକ୍ ଅଧୀନ ସୁକଳ ମହେଶ୍ୱର ମଲ୍ଲ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ବରୀ ସାହିତ୍ୟ ସଂସଦର ମୁଖପତ୍ର 'ବରିଶ୍ରୀ'ର ୩୨ତମ ସଂଖ୍ୟାର ଅନାବରଣ ଉତ୍ସବ, ସ୍ଥାନ: ବରୀ ବ୍ଲକ୍ ଅଧୀନ ଗୋପବନ୍ଧୁ ରମାଦେବୀ ଆଶ୍ରମ, ସମୟ: ସକାଳ ୯ଟା।

## ନୟାଗଡ଼
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣ ଓ ପ୍ରବଚନର ଉଦ୍‌ଯାପନୀ ଦିବସରେ ପାରାୟଣ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର, ସମୟ: ସକାଳ ୮ଟା।
- ଗୁରୁପୂଜନ କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ଜନ୍ମ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ ; ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ଉଦ୍‌ଯାପନୀ ଦିବସ, ସ୍ଥାନ: ଗୋଡ଼ିପଡ଼ା ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ନବରାତ୍ରି ପାଇଁ ମା ମଙ୍ଗଳା ମନ୍ଦିର କମିଟି ବୈଠକ, ସ୍ଥାନ: ରାୟଗଡ଼ା ମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ଉପଲକ୍ଷେ ଡାନ୍ସ ବାଟେଲ, ସ୍ଥାନ: ମୁନିଗୁଡ଼ା ପାଇକ ସାହି ଗଣେଶ ପୂଜା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ଅବସର ପ୍ରାପ୍ତ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଉମରକୋଟ ସିଂସାରୀ ଗ୍ରାମ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ନୂଆଁଖାଇ ଭେଟଘାଟ ଅବସରରେ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଭଞ୍ଜ ମଣ୍ଡପ, ହାଲ ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦକ୍ଷିଣ ଓଡ଼ିଶାରେ ଆଦିବାସୀ ସଂସ୍କୃତି ଉପରେ ଆଲୋଚନା, ସ୍ଥାନ: ଆଦିବାସୀ ସଂଗ୍ରହାଳୟ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଜେଡି କର୍ମୀଙ୍କ ଜରୁରୀକାଳୀନ ବୈଠକ, ସ୍ଥାନ: ସୁବାଇ ପଞ୍ଚାୟତ ବିଲାପୁଟ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଦୈନିକ ନିଃଶୁଳ୍କ ଯୋଗ କେନ୍ଦ୍ର ଆୟୋଜନରେ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ମାରୱାଡି ଯୁବା ମଞ୍ଚ ପକ୍ଷରୁ ସାଇକ୍ଲୋଥୋନ, ସ୍ଥାନ : ସମଲେଶ୍ୱରୀ ମନ୍ଦିର ଛକ, ସମୟ : ସକାଳ ୬ଟା।
- କଲମ ଆୟୋଜନରେ ନୂଆଁଖାଇ ଭେଟ ଘାଟ -୨୦୨୫, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍ଟ ଆଣ୍ଡ କ୍ରଫ୍ଟ କାର୍ଯ୍ୟକ୍ରମ, ସ୍ଥାନ : ଜିଏମୟୁ ଗ୍ୟାଲେରୀ, ସମୟ : ଅପରାହ୍ନ ୩ଟା।
- ଜ୍ୟୋତି ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ କାର୍ଯ୍ୟକ୍ରମ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ଛକ, ସରସ୍ୱତୀ ଶିଶୁ ମନ୍ଦିର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଷ୍ଟିଲ୍ ୱାର୍କର୍ସ ଫେଡେରେଶନ ଅଫ୍ ଇଣ୍ଡିଆର ସର୍ବଭାରତୀୟ ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାରେ ସାମାଜିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଚ୍ଛ ପରିବେଶ କାର୍ଯ୍ୟକ୍ରମ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ରାଉରକେଲା ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼
- ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା,ସ୍ଥାନ: କଚାରୁ ହାଇସ୍କୁଲ,ସମୟ:ସକାଳ ୯ଟା ୩୦।

## କଳାହାଣ୍ଡି
- ଜୁନାଗଡ଼ ଯୋଗାଣ ସଂଘର ବୈଠକ, କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ଜୁନାଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଭବାନୀପାଟଣା ଟାଉନ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ଗେହ୍ଲାମା କଳାନିକେତନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍, ସ୍ଥାନ: ଗୁରୁଶ୍ରୀ ଭିକାରୀ ସିଂ ମଣ୍ଡପ ଟାଉନହଲ ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ:ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ଅଧୀନ ବିଧାୟକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁ ସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଭାଗବତ ଜନ୍ମଦିନ ଅବସରରେ କର୍ମଶାଳା, ସ୍ଥାନ: ସୁବର୍ଣ୍ଣପୁର ଛନ୍ଛାନ୍ ଡୁଙ୍ଗୁରି ସ୍ଥିତ ଯୋଗ ବିହାର, ସମୟ: ସକାଳ ୯ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ମେଳା ଓ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସାଧାରଣ କଥାକୁ କେନ୍ଦ୍ର କରି ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତିର ଆଶଙ୍କା ରହିଛି। ପରିସ୍ଥିତିବଶତଃ ଧାରକରଜ କରିବାକୁ ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିପାରନ୍ତି। ପରିଜନଙ୍କ ସହିତ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ବ୍ୟବସାୟିକ ସ୍ଥିତି ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ।

**ବୃଷ** ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କାମ ସକାଶେ ପ୍ରଶଂସିତ ହେବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବାର ଆଶଙ୍କା ରହିଛି। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିକଟ ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ପ୍ରତିହତ କରି ଲକ୍ଷ୍ୟ ହାସଲ କରିପାରିବେ। ପରିବାର ସଦସ୍ୟଙ୍କୁ ସନ୍ଦେହ କରି ନିଜର ଅସୁବିଧାକୁ ନିମନ୍ତ୍ରଣ କରିବା ଭଳି ପରିସ୍ଥିତି ସୃଷ୍ଟି ହେବ। ଜମିଜମା ସମ୍ପର୍କୀୟ କୌଣସି ବିଷୟକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନପାରେ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

**କର୍କଟ** ସ୍ୱାସ୍ଥ୍ୟ ନିମ୍ନାଭିମୁଖୀ ହେବାର ଅନୁଭବ କରି ବିଚଳିତ ହେବେ। ସହକର୍ମୀଙ୍କ ସହିତ ସାଧାରଣ କଥାକୁ ନେଇ କର୍ମକ୍ଷେତ୍ରରେ କଳହର ସମ୍ଭାବନା ରହିଛି। ଅର୍ଥ ପଡ଼ୋଶୀଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆଜିର ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଲାଗି ରହୁଥିବା ହେତୁ ମାନସିକ ଭାରସାମ୍ୟ ହରାଇପାରନ୍ତି। ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିବା ଯୋଜନା କରିବେ। ବହୁତ ଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ସମସ୍ୟା ସମାଧାନ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଆଶୀର୍ବାଦ ଲାଭ କରିପାରନ୍ତି। ପାରିବାରିକ ସ୍ତରରେ ଆତ୍ମୀୟମାନେ ଶତ୍ରୁତା କରିବାର ସୂଚନା ରହିଛି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକତା ପଡ଼ିପାରେ। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ଅଥବା ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପାରସ୍ପରିକ ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ବିଛା** ଅତୀତ ଘଟଣା ମନକୁ ଆଲୋଡ଼ିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ଏହା ସାଙ୍ଗକୁ ପ୍ରତ୍ୟେକ କାମରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସେବା ଓ ସାହାଯ୍ୟ ମନୋବୃତ୍ତିଜନିତ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ସବୁକିଛି ଜାଣିଲେ ମଧ୍ୟ ନୀରବ ରହିବାକୁ ପଡ଼ିବ।

**ଧନୁ** ଅଟକି ରହିଥିବା କାମଗୁଡ଼ିକ ବନ୍ଧୁଙ୍କ ମାଧ୍ୟମରେ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମର ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ପରିବାରର ଆବଶ୍ୟକତା ଅନୁଯାୟୀ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବେ। କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର, ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ଅଗ୍ରଗତି ଘଟିବ।

**ମକର** ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ପରିବାର ସହ ଦର୍ଶନୀୟ ସ୍ଥାନ ଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ। କର୍ମକ୍ଷେତ୍ରରେ ଟିକିଏ କଥାରେ ରାଗିଯାଇ ଯାହା ତାହା କହିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ** ନିଜର ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି କ୍ଷତି କରିପାରିବେ ନାହିଁ। ସମୟାନ୍ତରେ ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମୀନ** ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ଖାପ ଖୁଆଇନେବାରେ ଅସୁବିଧା ହେବ ନାହିଁ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇ ଯାଇପାରନ୍ତି। ବିଶେଷ ଭ୍ରମଣ କିମ୍ବା କଠିନ ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ସେପ୍ଟେମ୍ବର ୭ ତାରିଖ, ଭାଦ୍ରବ ମାସର ଭାଗବତ ପୂର୍ଣ୍ଣିମା ରବିବାର, ଭାଗବତ ଜନ୍ମ, ଇନ୍ଦ୍ରୋତ୍ସବ, ଶ୍ରୀଦୁର୍ଗା ପାର୍ଶ୍ୱପରିବର୍ତ୍ତନ, ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା, ଇନ୍ଦ୍ରହାତୀ ପ୍ରସ୍ତାବ, ଖୁଦୁରୁକୁଣୀ ଓଷା ଶେଷପାଳି, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ। ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୬ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୧୬ ଗତେ ଘ.୦୧।୪୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୦ ଗତେ ଘ.୦୫।୫୩ ମଧ୍ୟେ ରାହୁକାଳ। (ଅଦ୍ୟ ରାହୁଗ୍ରସ୍ତ ଚନ୍ଦ୍ରଗ୍ରହଣ: ପୁରୀକୁ ସ୍ପର୍ଶାରମ୍ଭ-ଘ.୦୯।୫୭।୦୨, ସର୍ବମୋକ୍ଷ ଘ.୦୧।୨୭।୧୭, ଦିବା ଘ.୧୨।୫୭।୨୨୦ାରୁ ପାକତ୍ୟାଗ ଓ ଦେବନୀତି ନିଷେଧ, ଗ୍ରହଣ ଦର୍ଶନେ ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିପାଇଁ ଶୁଭଫଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଘର ମାଉସୀ ବିଲେଇ
ନିଆଁ ମାଗିଗଲା କେଉଟ ସାହି
ମାଛ ଗନ୍ଧ ଶୁଙ୍ଘି ଫେରିଲା ନାହିଁ।**

ଶ୍ରଦ୍ଧାରେ ବିଲେଇକୁ ପୁଷି ମାଉସୀ ବୋଲି କୁହାଯାଇଥାଏ। ସାଧାରଣତଃ ବିଲେଇ ଆଇଁଷ ରଙ୍କୁଣା। ଯେଉଁଠି ମାଛ କି ଶୁଖୁଆର ଟିକିଏ ଗନ୍ଧ ପାଏ ସେ ସେଇଠି ନସର ପସର ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ଆମିଷଲୋଭୀ ବ୍ୟକ୍ତିଙ୍କର ଏତାଦୃଶ ଲକ୍ଷଣ ଦେଖାଯାଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବୋହିଗଲା ପାଣି ଯାଉ ତେଣିକି
ବନ୍ଧେଇଲା ପାଣି ରହୁ ଏଣିକି।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ। ଏହାର ଧର୍ମ ବୋହିଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅଟୋକୁ ଧକ୍କା ଦେଇ ଚଢ଼ିଗଲା କାର୍, ୩ ମୃତ

**ଅନୁଗୋଳ, ୬।୯ (ମାନସ ବିଶ୍ୱାଳ)**

ଚିକିତ୍ସା ପାଇଁ ଢେଙ୍କାନାଳ ଜିଲା କାରନ୍ଦା ଅଞ୍ଚଳରୁ ଅଟୋରେ ଆସିଥିଲେ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ। ଡାକ୍ତର ଦେଖାଇବା ପରେ ତୁରଙ୍ଗସ୍ଥିତ ସମ୍ବନ୍ଧି ଘରେ ମଧ୍ୟାହ୍ନ ଭୋଜନ କରିଥିଲେ। ଏହାପରେ ଅଟୋରେ ଅସୁସ୍ଥ ସ୍ୱାମୀ, ସ୍ତ୍ରୀ ଓ ପୁଅ-ବୋହୂ କାରନ୍ଦା ଫେରୁଥିବା ବେଳେ ଅନୁଗୋଳ ସଦର ଥାନା ଖଣ୍ଡହତା ବ୍ରିଜ୍ ନିକଟରେ ଶନିବାର ଅପରାହ୍ନ ପ୍ରାୟ ୨ଟା ୩୦ଟାରେ ଘଟିଗଲା ଦୁର୍ଘଟଣା। ସମ୍ମୁଖରୁ ଦ୍ରୁତଗତିରେ ଆସୁଥିବା ଏକ କାର୍ ଧକ୍କା ଦେବା ସହ ଅଟୋ ଉପରେ ଚଢ଼ିଯାଇ ବିଲଭିତରକୁ ଠେଲି ନେଇଥିଲା। ଫଳରେ ଅଟୋରେ ଥିବା ମୋଟ ୫ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ଅସୁସ୍ଥ ବଂଶୀଧର ସେଠୀ, ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି (୩୦)। ଅଟୋରେ ଥିବା ବଂଶୀଧରଙ୍କ ପୁଅ ସାଇ ସେଠୀ, ବୋହୂ ସୁନିତା ସେଠୀଙ୍କ ସମେତ କାର୍ ମାଲିକ ବିଶ୍ୱଜିତ ସାହୁ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ରାସୋଳ ଥାନା କାରନ୍ଦା ଗ୍ରାମର ବଂଶୀଧରଙ୍କ ଦେହ ଖରାପ ଥିଲା। ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ଚିକିତ୍ସା ପାଇଁ ପରିବାର ଲୋକେ ସ୍ଥିର କରିଥିଲେ। ଏହାପରେ ମଣ୍ଟୁଙ୍କ ଅଟୋରେ ବଂଶୀଧର, ସ୍ତ୍ରୀ କମଳା, ପୁଅ ସାଇ ଓ ବୋହୂ ସୁନିତା ଅନୁଗୋଳ ଆସିଥିଲେ। ଚିକିତ୍ସା ପରେ ସମସ୍ତେ ବଂଶୀଧରଙ୍କ ସମ୍ବନ୍ଧି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ମଧ୍ୟାହ୍ନ ଭୋଜନ ପରେ କିଛି ସମୟ ବିଶ୍ରାମ କରି ସମସ୍ତେ କାରନ୍ଦା ଅଭିମୁଖେ ବାହାରିଥିଲେ। ହେଲେ ସେମାନେ ଅନୁଗୋଳ ସଦର ଥାନା ଖଣ୍ଡହତା ବ୍ରିଜ୍ ନିକଟରେ ହୋଇଥିବା ବେଳେ ନରସିଂହପୁରରୁ ଆସୁଥିବା କାର୍ ସମ୍ମୁଖରୁ ଅଟୋକୁ ଧକ୍କା ଦେଇଥିଲା। କାର୍‌ର ବେଗ ଏତେ ଅଧିକ ଥିଲା ଯେ ଅଟୋକୁ ଧକ୍କା ଦେଇ ବିଲ ଭିତରକୁ ଠେଲିନେଇ ଚଢ଼ିଯାଇଥିଲା। ଫଳରେ ବିଲ ଭିତରେ ଅଟୋଟି କାଦୁଅରେ ଚପିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚିବା ସହ ଅଗ୍ନିଶମ ବିଭାଗ ଓ ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଅଟୋ ଭିତରୁ ବହୁ କଷ୍ଟରେ ୫ ଜଣଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଅଟୋ ଚାଳକ ମଣ୍ଟୁଙ୍କ ସମେତ ବଂଶୀଧର ଓ କମଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ସାଇ ଓ ସୁନିତାଙ୍କ ସହ କାର୍ ଭିତରେ ଥିବା ମାଲିକ ବିଶ୍ୱଜିତଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଦୁର୍ଘଟଣା ପରେ କାର୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସଦର ଥାନା ପୋଲିସ ମୃତଦେହ ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।



ଅଟୋକୁ ଧକ୍କା ଦେବା ପରେ ବିଲ ଭିତରକୁ ଠେଲିନେଇ କାର୍‌ଟି ଉପରେ ଚଢ଼ିଯାଇଛି।

# ପାରିବାରିକ କଳହରୁ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

**ଅନୁଗୋଳ,୬।୯ (ଜ୍ୟୋତିରଞ୍ଜନ ସାହୁ)**

ପାରିବାରିକ କଳହରୁ ଜଣେ ମହିଳା ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ମାଣପୁର ଗ୍ରାମରେ ଶୁକ୍ରବାର ରାତିରେ ଘଟିଛି ଏହି ଘଟଣା। ଗୁରୁତର ମହିଳା ହେଲେ ବାବୁଲା ଗୋଛାୟତଙ୍କ ସ୍ତ୍ରୀ ସାବିତ୍ରୀ ଗୋଛାୟତ। ଗୁରୁତର ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ମେଡିକାଲ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ମାଣପୁର ଗ୍ରାମର ବାବୁଲା ଓ ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କ ମଧ୍ୟରେ ଶୁକ୍ରବାର ରାତିରେ କୌଣସି କାରଣରୁ କଳହ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାବିତ୍ରୀ ଘରେ ବୋତଲରେ ଥିବା ପେଟ୍ରୋଲ ଆଣି ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସାବିତ୍ରୀଙ୍କ ଦେହର ୭୦ ପ୍ରତିଶତ ପୋଡ଼ି ଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଖବରପାଇ କଣ୍ଟାବଣିଆ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ପାରିବାରିକ କଳହରୁ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତଦନ୍ତ ପରେ କାରଣ ସ୍ପଷ୍ଟ ହେବ।

# କାନ୍ଥ ପଡ଼ି ନାବାଳକଙ୍କ ମୃତ୍ୟୁ, ମା'ଭାଇ ଗୁରୁତର

**ଆନନ୍ଦପୁର,୬।୯(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ରାଧିକାଦେଇପୁର ପଞ୍ଚାୟତ କୋଲ୍ହବେଢ଼ା ଗାଁରେ କାନ୍ଥ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ପରିବାରର ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗାଁର ରାଜା ଜେନା(୧୧)ଓ ଗୁରୁତର ଦ୍ୱୟ ହେଲେ ରାଜାଙ୍କ ମା' ଅଞ୍ଜନା ଜେନା(୩୦) ଓ ତାଙ୍କ ସାନଭାଇ ଆଦିତ୍ୟ ଜେନା (୬)। ପ୍ରକାଶ ଯେ, ଶୁକ୍ରବାର ରାତିରେ ଅଞ୍ଜନା ୨ ପିଲାଙ୍କ ସହ ଖାଇପିଇ ଘରେ ଶୋଇଥିଲେ। ମଧ୍ୟରାତିରେ ମାଟିକାନ୍ଥ ସେମାନଙ୍କ ଉପରେ ପଡ଼ିଯାଇଥିଲା। ଘଟଣାସ୍ଥଳରେ ରାଜାଙ୍କ ମୃତ୍ୟୁ ହୋଇଥିଲା। ଆଦିତ୍ୟ ଓ ଅଞ୍ଜନା ଗୁରୁତର ହୋଇଥିଲେ। ଦୁହିଁଙ୍କୁ ପରିବାର ଲୋକେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଲଗାଣ ବର୍ଷା ଯୋଗୁ ଘରର କାନ୍ଥ ଓଦା ହୋଇପଡିଯାଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି। ଘସିପୁରା ଥାନାରେ ଏକ ମାମଲା(ନଂ. ୪୯/୨୫) ରୁଜୁ ହୋଇଛି।

# ଆଜି ପୂର୍ଣ୍ଣ ...

ପ୍ରଥମ ପୃଷ୍ଠାରୁ...

ମଧ୍ୟ ଦୃଶ୍ୟମାନ ହେବ। ତେବେ ଉତ୍ତର ଏବଂ ଦକ୍ଷିଣ ଆମେରିକାରେ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବନାହିଁ। ଜ୍ୟୋତିର୍ବିଦ୍‌ଙ୍କ ଅନୁଯାୟୀ, ଚନ୍ଦ୍ରଗ୍ରହଣ ଯୋଗୁ ପଶ୍ଚିମ ଦେଶ ଏବଂ ମଧ୍ୟ ପ୍ରାଚ୍ୟ ଦେଶଗୁଡ଼ିକରେ ସମସ୍ୟା ବଢ଼ିପାରେ। ଏହାର ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟୟ, ବିମାନ ଦୁର୍ଘଟଣା, ଅଗ୍ନିକାଣ୍ଡ ଆଦି ବିପର୍ଯ୍ୟୟ ଆସିପାରେ। ଧାର୍ମିକ ଏବଂ ବ୍ୟବସାୟ କ୍ଷେତ୍ରରେ କ୍ଷତି ସହିବାକୁ ପଡ଼ିବାରେ। ଜ୍ୟୋତିର୍ବିଦମାନଙ୍କ ଆକଳନ ଅନୁଯାୟୀ, ଚନ୍ଦ୍ରଗ୍ରହଣ ପ୍ରଭାବରେ ଭାରତର ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ପଞ୍ଜାବରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବନା ବଢ଼ିବାରେ। ଭାରତ-ପାକ୍ ସୀମାରେ ଉତ୍ତେଜନା ବୃଦ୍ଧି ପାଇବା ନେଇ ମଧ୍ୟ ଆଶଙ୍କା ରହିଥିବା ଜ୍ୟୋତିର୍ବିଜ୍ଞାନୀମାନେ କହିଛନ୍ତି। ରବିବାର ପରେ ୨୦୨୬ ମାର୍ଚ୍ଚରେ ପରବର୍ତ୍ତୀ ଚନ୍ଦ୍ରଗ୍ରହଣ ଦେଖିବାକୁ ମିଳିବ।




# କେନ୍ଦୁଝରରେ ପାଳନ ହେବ ୧୪ ଦିନିଆ ଶୂନ ଦୁର୍ଘଟଣା ଦିବସ

**ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର):** ଦୁର୍ଘଟଣାପ୍ରବଣ କେନ୍ଦୁଝର ଜିଲାରେ ଶୂନ ଦୁର୍ଘଟଣା ଦିବସ (ଜେଡ୍ଏଡି) ଅଭିଯାନ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ, ଆର୍‌ବିଜି ଲାବ୍ସ, ଆଇଆଇଟି ମାଡ୍ରାସ ସହଯୋଗରେ ଏହା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ଦୃଷ୍ଟିକୋଣ ସହ ସଂଯୁକ୍ତ ଏହି ପଦକ୍ଷେପ ଭୁବନେଶ୍ୱରରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ ହୋଇଥିଲା। ଶୂନ ଦୁର୍ଘଟଣା ଦିବସ ପାଳନ ଦ୍ୱାରା ଭୁବନେଶ୍ୱରରେ ସଡ଼କ ଦୁର୍ଘଟଣା ହ୍ରାସ ଲକ୍ଷ୍ୟ କରାଯାଇଛି। ଶିକ୍ଷା, ସଚେତନତା, ପ୍ରବର୍ତ୍ତନ ଏବଂ ସମୁଦାୟ ଅଂଶଗ୍ରହଣକୁ ସମନ୍ୱିତ କରିବା ପାଇଁ ୧୪ ଦିନିଆ କାର୍ଯ୍ୟକ୍ରମର ଯୋଜନା କରାଯାଇଛି। ପରିବହନ କମିଶନର ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେଉଁଝର ଶୂନ ଦୁର୍ଘଟଣା ଦିବସ ପାଇଁ ରୋଡ୍‌ମ୍ୟାପ୍ ଚୂଡ଼ାନ୍ତ ହୋଇଛି। ଆଇଆଇଟି ମାଡ୍ରାସ ଇଡିଏଆର୍ ତଥ୍ୟ ଉପରେ ଆଧାରିତ ଦୁର୍ଘଟଣାର ଗମ୍ଭୀରତା, ପିକ୍ ସମୟ, ଉଲ୍ଲଂଘନ ଧାରା ଏବଂ ଯାନବାହନ ବର୍ଗୀକରଣ ସମେତ ବିଭିନ୍ନ ତଥ୍ୟ ଉପସ୍ଥାପନ ହୋଇଥିଲା। ପାରମ୍ପରିକ ଓ ଡିଜିଟାଲ୍ ମିଡିଆ, ସ୍କୁଲ ଓ କଲେଜ କର୍ମଶାଳା ଏବଂ ଆଇଆଇଟି ମାଡ୍ରାସ ସହାୟତାରେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ସଚେତନତା କରାଯିବ। ସ୍ୱେଚ୍ଛାସେବୀ, ଛାତ୍ର ଏବଂ ସ୍ଥାନୀୟ ନେତାମାନେ 'ସଡ଼କ ସୁରକ୍ଷା ଦୂତ' ଭାବେ କାର୍ଯ୍ୟକରି ନାଟକ, ଷ୍ଟ୍ରିଟ୍ କ୍ୟାମ୍ପେନ୍ ଏବଂ ଜନସାଧାରଣଙ୍କ ସହ ଆଲୋଚନା କରିବେ। କାର୍ଯ୍ୟାନୁଷ୍ଠାନ ତଥ୍ୟଚାଳିତ ହେବ, ଦ୍ରୁତ ଗାଡ଼ି ଚାଳନା, ହେଲ୍‌ମେଟ୍ ବିନା ଗାଡ଼ି ଚାଳନା, ଓଭରଲୋଡିଂ ଏବଂ ମଦ୍ୟପାନକରି ଗାଡ଼ି ଚାଳନା ଭଳି ଉଲ୍ଲଂଘନ ଉପରେ ଧ୍ୟାନଦେବା ନେଇ ଯୋଜନା ହୋଇଛି।




# ଓଡ଼ିଶାର କଂସା ଶିଳ୍ପ ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରୁଛି: ଉପମୁଖ୍ୟମନ୍ତ୍ରୀ



ପୁସ୍ତକ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ'କୁ ଶନିବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କ ସହ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

## ଗବେଷଣା ପୁସ୍ତକ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ' ଉନ୍ମୋଚିତ

### କଂସା ଶିଳ୍ପର ସଂରକ୍ଷଣ, ପ୍ରସାର ଉଦ୍ୟମକୁ ପ୍ରଶଂସା

ଭୁବନେଶ୍ୱର,୬।୯(ସୌମ୍ୟରଞ୍ଜନ ରାଉତ)

ଏମ୍‌ଜିଏମ୍ ଫାଉଣ୍ଡେଶନ ଓ ଭୁବନେଶ୍ୱର ଏକ୍ସପେରିମେଣ୍ଟାଲ ଆର୍ଟ ଆଣ୍ଡ୍ ଡିଜାଇନ ଷ୍ଟୁଡିଓ ପକ୍ଷରୁ ଓଡ଼ିଶାର କଂସା ଶିଳ୍ପ ଐତିହ୍ୟ ଉପରେ ରଚିତ ପୁସ୍ତକ 'କଂସା: ପରମ୍ପରା ଗଠନ, ଭବିଷ୍ୟତ ରୂପରେଖ'ର ଲୋକାର୍ପଣ ଉତ୍ସବ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଏମ୍‌ଜିଏମ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇ ଏହାକୁ ଉନ୍ମୋଚନ କରିବା ସହ ୩୦ଜଣ କାରିଗରଙ୍କୁ ସମ୍ମାନିତ କରିଥିଲେ।

'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ସତପଥୀ କଂସାଧାତୁର ସଂରକ୍ଷଣ ଦିଗରେ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରି କହିଲେ, ଗାଁଗଣ୍ଡାରେ ଅନେକ ପ୍ରତିଭାବାନ୍ କଳାକାର ଏବେ ମଧ୍ୟ ରହିଛନ୍ତି। ଏହି ପ୍ରତିଭାବାନ୍‌ମାନଙ୍କୁ ପ୍ରୋତ୍ସାହନ ମିଳିଲେ ନିଶ୍ଚିତ ଭାବେ କଳା ବଞ୍ଚିବ ବୋଲି ସେ ମତ ପ୍ରକାଶ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଲେ, ଓଡ଼ିଶାର କଂସା ଶିଳ୍ପ ଆମ ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରୁଛି। ପରମ୍ପରାଗତ କଂସାବାସନ ଗଢୁଥିବା କାରିଗରମାନେ ଏହି କାର୍ଯ୍ୟକୁ ବନ୍ଦ କରନ୍ତୁ ନାହିଁ। ଏହାର ଆବଶ୍ୟକତା ବର୍ତ୍ତମାନ ସମୟରେ ଅଛି ବୋଲି କହିବା ସହ ଏହି କଳାକୁ ବଞ୍ଚାଇ ରଖିଥିବାରୁ ସେ କଳାକାରମାନଙ୍କୁ ଧନ୍ୟବାଦ ଦେଇଥିଲେ।

ଇଂଲିଶ ଏବଂ ଓଡ଼ିଆ ଭାଷାରେ ଉପଲବ୍ଧ ଏହି ପୁସ୍ତକ ଓଡ଼ିଶା କ୍ରାଫ୍ଟ ଓଡିସି (ଓସିଓ) ଫେଲୋଶିପ କାର୍ଯ୍ୟକ୍ରମ ୨୦୨୪ -୨୫ ଦ୍ୱାରା ପରିଚାଳିତ ଗଭୀର ଗବେଷଣାକୁ ପ୍ରତିପାଦିତ କରିଛି। ଏହା ଓଡ଼ିଶାର ୧୮ଟି ଗ୍ରାମର କଂସା (କାଉଁଡ଼ି ଧାତୁ) ଶିଳ୍ପର ଜୀବନ୍ତ ପରମ୍ପରାକୁ ବର୍ଣ୍ଣନା କରୁଛି। ଗବେଷଣା ଫେଲୋ ବିଳାସ ସର୍ଦ୍ଦାର ଓ ସତ୍ୟଭାମା ମାଝୀ, ଆର୍କାଇଭିଷ୍ଟ ଫେଲୋ କୀର୍ତ୍ତି କୁମାରୀ, ଶିବଦାସ ସେନଗୁପ୍ତାଙ୍କ ବିଶେଷଜ୍ଞ କ୍ୟୁରେଶନ ଅଧୀନରେ ଏହା କରାଯାଇଛି। ସେମାନଙ୍କର ସମ୍ପୂର୍ଣ୍ଣ ଗବେଷଣା ଓଡ଼ିଶାର କଂସା ଶିଳ୍ପ ପରମ୍ପରାର ସବୁଠାରୁ ବ୍ୟାପକ ସମସାମୟିକ ଦସ୍ତାବିଜ୍‌କରଣ କରିଛି। ଗବେଷକ ଓ ଫେଲୋମାନଙ୍କ ଏକ ଉତ୍ସର୍ଗୀକୃତ ଦଳ ଦ୍ୱାରା ୫ ମାସର ବ୍ୟାପକ କ୍ଷେତ୍ର କାର୍ଯ୍ୟ ଉପରେ ପୁସ୍ତକ ପ୍ରସ୍ତୁତ ହୋଇଛି। ଏହି ପୁସ୍ତକ କେବଳ କଂସା ତିଆରିର ଜଟିଳ ବୈଷୟିକ ପ୍ରକ୍ରିୟାକୁ ନୁହେଁ, ବରଂ ଶିଳ୍ପର ବ୍ୟାପକ ସାମାଜିକ-ସାଂସ୍କୃତିକ ପ୍ରସଙ୍ଗକୁ ମଧ୍ୟ ଆଲୋକପାତ କରୁଛି। ଏହା ଗବେଷକ, ନୀତି ନିର୍ମାତା, କାରିଗର ଓ ସାଂସ୍କୃତିକ ଉତ୍ସାହୀମାନଙ୍କ ପାଇଁ ଏକ ମୂଲ୍ୟବାନ୍ ସମ୍ପଦ ଭାବରେ ସେବା କରିବ ବୋଲି ଆଶା କରାଯାଉଛି। ଏଥିରେ ପାରମ୍ପରିକ କୌଶଳ, ଦେଶଜ ଶବ୍ଦକୋଷ, ସାଂସ୍କୃତିକ ମହତ୍ତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଅନୁଗୋଳ, ବରଗଡ଼, କଟକ, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ସମେତ ବିଭିନ୍ନ ଜିଲାର କାରିଗର ସମ୍ପ୍ରଦାୟଗୁଡ଼ିକର ସମସାମୟିକ ଆହ୍ୱାନଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସ୍ୱୀକୃତି ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସଂରକ୍ଷଣରେ କାରିଗରମାନେ ପାଳନ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି।

IndianSteel ASSOCIATION
Steel Shaping the Future

DEPARTMENT FOR PROMOTION OF INDUSTRY AND INTERNAL TRADE
MINISTRY OF COMMERCE & INDUSTRY
GOVERNMENT OF INDIA

Indian Steel,
Powering MSME Growth.

The **Steel Industry** plays a strategic role in India's growth. MSME are pivotal to India's Manufacturing and Engineering Export.

As the World's **Second-Largest Steel Producer**, India's Steel Sector has continuously supported MSME to rise to global standards.

The Indian Steel Association (ISA), representing the nation's leading steelmakers, is committed to empowering MSME with direct access to quality steel tailored to their specific needs.

To support this initiative, six member companies have offered to supply steel to MSMEs at Member Company-Specific Export Parity Prices in addition to supply of steel at domestic prices.

To avail these offerings, visit the respective member company websites/ nearest sales offices and access the portals directly.

These platforms offer:

- Timely Supplies
- Assured Quality that meets global standards
- Wide Product Range
- Trusted Partnership

**Whether you're building for India or exporting to the world, your success starts with the right steel.**

**To register, log on to the websites:**

www.amns.in/msmeconnect
https://shop.jindalpanther.com/msme-registration.html
www.jswsteelformsme.in
www.sail-steel.com/cust_enq/MsmeObsLogin.jsp
https://digeca.tatasteel.com/about-digeca
https://esuvidha.vizagsteel.com/rinlesuvidha/index.jsp



Source Smarter. Build Better With Indian Steel.

ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ। –ଶ୍ରୀମା

ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା,
ଭାଗବତ ଜନ୍ମ,
ଚନ୍ଦ୍ରପୂଜା ଓ ଚନ୍ଦ୍ର ଗ୍ରହଣ



# ଏବେ ଚାଇନା



**ଆକାର ପଟେଲ**

ଧର୍ମନିରପେକ୍ଷ ତଥା ବହୁ ଧର୍ମ ଓ ସମ୍ପ୍ରଦାୟର ବିବିଧତା ମଧ୍ୟରେ ସହାବସ୍ଥାନର ଦେଶ ଭାବେ ଭାରତକୁ କେହି ସ୍ୱୀକାର କରିପାରନ୍ତି, କିନ୍ତୁ ଏବକାର ସରକାରକୁ ନେଇ ମୋର ସମସ୍ୟା ରହିଛି। ଏହି ସ୍ତମ୍ଭରେ ବିଗତ କିଛି ବର୍ଷ ହେଲା ଅନେକ ଲେଖାରେ ଏହା ଦେଖିବାକୁ ମିଳିଛି। ବିଚାରଧାରା ଓ ନୀତିଗୁଡ଼ିକରେ ଥିବା ଭିନ୍ନତାକୁ ଆଧାରକରି ଏହିସବୁ ଲେଖା ପ୍ରକାଶ ପାଇଛି। ଅନେକଙ୍କ ଭଳି ମୁଁ ମଧ୍ୟ ଭାବୁଛି, ହିନ୍ଦୁତ୍ୱ ହେଉଛି ସମସ୍ୟାବହୁଳ ଏବଂ ଦେଶ ଉପରେ ଅବାସ୍ତବ ଭାବେ ଏହାକୁ ଲଦିଦିଆଯାଇଛି। ଏହା ମଧ୍ୟରେ ଘୃଣା ଓ ଅସହମତି ବିଷୟଗୁଡ଼ିକର ଏକ ଲମ୍ବା ତାଲିକା ରହିଛି। ଏସବୁ ବିଷୟ ଭିତରୁ ଅତିକମ୍‌ରେ ମୋ ପସନ୍ଦର ଦୁଇଟି ବିଷୟକୁ ଯଦି ବାଛିବାକୁ କୁହାଯାଏ, ତେବେ ପ୍ରଥମେ ମୁଁ କହିବି, ଏହି ପ୍ରଧାନମନ୍ତ୍ରୀ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣର ସ୍ୱର ଦୃଢ଼ କରିଛନ୍ତି। ଦ୍ୱିତୀୟ ବିଷୟ ହେଉଛି ଏହି କାରଣରୁ ସେ ଅନେକ ସମର୍ପିତ ଅନୁଗାମୀ ବା ସମର୍ଥକଙ୍କୁ ସୃଷ୍ଟି କରିଛନ୍ତି, ଯେଉଁମାନେ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଅଛନ୍ତି। ଏହା ଏକ ଗୁରୁତ୍ୱହୀନ ବୁଝାମଣା ଭଳି ମନେହେଲେ ମଧ୍ୟ ଏଥିରେ ଥିବା କିଛି ରହସ୍ୟକୁ ବାହାରକରିବା ସହଜ ନୁହେଁ। ୧୨ ବର୍ଷର ସବୁ ଘଟଣାକୁ ଯଦି ଜଣେ ଆକଳନ କରନ୍ତି, ତେବେ ଏସବୁର ସମ୍ପୂର୍ଣ୍ଣ ପ୍ରଭାବରୁ ବର୍ତ୍ତିବା କଷ୍ଟକର ହୋଇଯିବ। ସେ କ'ଣ କରୁଛନ୍ତି ସେଥିରେ ସମସ୍ୟା ନାହିଁ। କିନ୍ତୁ ଯେତେବେଳ ଯାଏ ବାଛବିଚାରର ଆଇନ, ବାଦ୍ ଦିଆଯିବାର ନୀତି ଏବଂ ଘୃଣା ମନ୍ତବ୍ୟ ମାଧ୍ୟମରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେଉଥିବ ସେତେବେଳ ପର୍ଯ୍ୟନ୍ତ ତାଙ୍କୁ ସମର୍ଥନ କରୁଥିବା ଲୋକେ ଅସନ୍ତୁଷ୍ଟ ହେବେ ନାହିଁ। ଯାହାକୁ ମୁଁ ବାସ୍ତବ ମନେକରେ ଆଜି ସେହି ବିଷୟରେ ଲେଖିବା ପାଇଁ ଚେଷ୍ଟା କରିଥିଲି, କାରଣ ଏହା ଆମ ଚାରିପାଖରେ ଦୃଶ୍ୟମନ ହେଉଛି। ଅନୁଧ୍ୟାନ କରିବା ପାଇଁ ଗତ କିଛି ସପ୍ତାହରେ ଘଟିଥିବା ଘଟଣାଗୁଡ଼ିକ ତଥ୍ୟ ଯୋଗାଇଦିଏ। ସାମଗ୍ରୀ ଓ ସେବା ଟିକସ ବିଷୟକୁ ଦେଖାଯାଉ। ପ୍ରାୟ ୧ ଦଶନ୍ଧି ପୂର୍ବେ ଏହା ଯେତେବେଳେ ପାରିତ ହୋଇଥିଲା, ସେତେବେଳେ ଆମକୁ କୁହାଯାଇଥିଲା ଯେ, ଏହା ହେଉଛି ପର ପିଢ଼ିର ଏକ ସୁଧାର, ଯାହା ଭାରତର ଅର୍ଥ ବ୍ୟବସ୍ଥାର ଶକ୍ତି ବୃଦ୍ଧି କରିବା ପାଇଁ ଇଞ୍ଜିନ ଭଳି କାମ କରିବ। ହେଲେ ଏହା କିଭଳି ଘଟିବ ସେ ସମ୍ପର୍କରେ ସରକାରଙ୍କ ବିଶେଷଜ୍ଞମାନେ କିଛି କହି ନ ଥିଲେ, ବରଂ ସେମାନେ ଟିଭିରେ କହିଥିଲେ, ଏହା ଜିଡିପି ଅଭିବୃଦ୍ଧିରେ ୨% ଯୋଗକରିବ। କିନ୍ତୁ ଏହା ହୋଇପାରିନାହିଁ। ଏହା ବିଜ୍‌ନେସ୍ ପାଇଁ ଅତ୍ୟନ୍ତ ଜଟିଳ ଏବଂ ଗରିବଙ୍କ ଉପରେ ବଡ଼ ବୋଝ ବୋଲି ସେତେବେଳେ ବିରୋଧୀ ଅଭିଯୋଗ ଆଣିଥିଲା, କାରଣ ଏହି ଅପ୍ରତ୍ୟକ୍ଷ କର ସେମାନଙ୍କୁ ଭୀଷଣ କ୍ଷତିଗ୍ରସ୍ତ କରିବ। ଏହା ରାଜ୍ୟଗୁଡ଼ିକ ପାଇଁ ଅନ୍ୟାୟ, କାରଣ ସେମାନେ ରାଜସ୍ୱକୁ ନିୟନ୍ତ୍ରଣ କରିପାରିବେ ନାହିଁ। ଏହିସବୁ ଅଭିଯୋଗ ସତ୍ୟ ଓ ନ୍ୟାୟସଙ୍ଗତ ଥିଲା। ଚଳିତ ସପ୍ତାହରେ ଟିକସ ହାରରେ ପରିବର୍ତ୍ତନ କରାଯାଇ ଆମକୁ ପୁନର୍ବାର କୁହାଯାଇଛି, ପ୍ରଥମ ଜିଏସ୍‌ଟି ତ୍ରୁଟିପୂର୍ଣ୍ଣ ଥିବାରୁ ଏହି ପରିବର୍ତ୍ତିତ ହାର ପରପିଢ଼ିର ଏକ ସୁଧାର। ସମର୍ପିତ ସମର୍ଥକ ଗୋଷ୍ଠୀରେ ନ ଥିବା କେହି ଜଣେ ପ୍ରଶ୍ନ ପଚାରିବ– କାହିଁକି ଏହା ଉପଲବ୍ଧି କରିବାକୁ ଏତେ ବର୍ଷ ଲାଗିଗଲା ? ୨୦୧୭ର ଜିଏସ୍‌ଟି ସମର୍ଥକଙ୍କ ପାଇଁ ବଡ଼ ବିଷୟ ଥିଲା ଏବଂ ଏବେ ୨୦୨୫ର ପରିବର୍ତ୍ତିତ ଜିଏସ୍‌ଟି ମଧ୍ୟ ଭୟାନକ ହେବ।

ସକାଳ ଖବରକାଗଜର ଶୀର୍ଷକରେ ପ୍ରକାଶ ପାଇଥିଲା–ଟ୍ରମ୍ପ ଭାରତ ପ୍ରତି ଥିବା ତାଙ୍କ ମାନସିକତାରେ ପରିବର୍ତ୍ତନ ଆଣିଛନ୍ତି ଓ ମୋଦିଙ୍କୁ ଜଣେ ବଡ଼ ବନ୍ଧୁ କହିଛନ୍ତି। ଏହା 'ଚାଇନାର ଅନ୍ଧକାରରେ ହଜିଯାଇଛି' ଶୀର୍ଷକ ଖବର ପ୍ରକାଶ ପାଇବାର ଠିକ୍ ପରଦିନ ସାମ୍ନାକୁ ଆସିଥିଲା। ସେ ତାଙ୍କ ୫୦% ଟାରିଫ୍ ଅଧୁରା ରଖିଛନ୍ତି କି। ନା। ତାଙ୍କ ପ୍ରଶାସନ ଏହାର ନୀତିକୁ ପରିବର୍ତ୍ତନ କରିଛି କି ? ରୁଷିଆରୁ ଭାରତ କିଣୁଥିବା ତୈଳକୁ ନେଇ ଭାରତକୁ ଦଣ୍ଡ ଦିଆଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ଯାହା କହିଛି ସେଥିରେ ପରିବର୍ତ୍ତନ କରିଛି କି ? ନା। କିନ୍ତୁ ସେହି ଦିନ ଟ୍ରମ୍ପଙ୍କ ବାଣିଜ୍ୟ ସଚିବ ଲୁଟ୍‌ନିକ ସାଧାରଣରେ ଦେଇଥିବା ମନ୍ତବ୍ୟ ମଧ୍ୟ ସେହି ଖବରକାଗଜରେ ପ୍ରକାଶ ପାଇଥିଲା। ସେ କହିଥିଲେ,''ଭାରତ ଦୁଃଖ ପ୍ରକାଶ କରିବ ଏବଂ ୨ ମାସ ମଧ୍ୟରେ ଚୁକ୍ତି କରିବ''। ତେବେ କେଉଁଠି ଟ୍ରମ୍ପ୍ ଭାରତମୁହାଁ ହେଲେ ? ଏହା କେବଳ ସେହି ସମର୍ଥକଙ୍କ ମାନସିକତାରେ ରହିଛି। ଆମେରିକା ଓ ଭାରତର ଟାରିଫ୍ ଦ୍ୱନ୍ଦ୍ୱ ମଧ୍ୟରେ ପ୍ରଧାନମନ୍ତ୍ରୀ ଆସନ୍ତା ମାସରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ୟୁଏନ୍‌ଜିଏକୁ ସମ୍ବୋଧିତ କରିବେ ନାହିଁ ବୋଲି ସକାଳେ ଆଉ ଏକ ଖବର ପ୍ରକାଶ ପାଇଥିଲା। ସମସ୍ୟା ଲାଗି ରହିଛି। କିନ୍ତୁ ଯଦି ଆମେ ନିଜେ ବୁଝିଯାଇଛୁ ଯେ ଆମର ବିଜୟ ହୋଇଛି, ତେବେ କାହିଁକି ଆମେ ଏ ସମସ୍ୟାକୁ ନେଇ ମୁଣ୍ଡ ଖେଳାଇବା ? ୨୦୨୦ର ପ୍ରାରମ୍ଭିକ ମାସଗୁଡ଼ିକରୁ ଆଜିପର୍ଯ୍ୟନ୍ତ ୫ ବର୍ଷ ହେଲା ଏହି ଦେଶ ଚାଇନାକୁ ଶତ୍ରୁ ଭାବେ ଦେଖୁଥିବା କୁହାଯାଇଆସିଛି। ଚାଇନାର ଆପ୍‌କୁ ଡିଲିଟ୍ କରିବା ଏବଂ ସେମାନଙ୍କ ଟିଭିକୁ ଫିଙ୍ଗିଦେବା ପାଇଁ ସମର୍ଥକଙ୍କୁ କୁହାଯାଇଥିଲା। ଚାଇନାକୁ ରୋକିବା ପାଇଁ ଆମେ ଆମେରିକାର ସହଭାଗୀ ହେବା ଦରକାର ବୋଲି ସେମାନଙ୍କ ମୁଣ୍ଡରେ ପୂରାଇଦିଆଯାଇଥିଲା। ଥିଙ୍କ୍‌ଟ୍ୟାଙ୍କରେ ଥିବା ଭୂ-ରଣନୀତିକ ବିଶେଷଜ୍ଞମାନେ ସରକାରଙ୍କ ଏହି କଥାରେ ସହମତି ପ୍ରକାଶକରି ଏଭଳି ବଡ଼ ପରିବର୍ତ୍ତନ ସପକ୍ଷରେ ଲେଖିଥିଲେ ଏବଂ ଏହା ଆମକୁ ପାଶ୍ଚାତ୍ୟ ରାଷ୍ଟ୍ରସମୂହର ନିକଟତର କରୁଛି ବୋଲି କହିଛନ୍ତି।

କିଛିଦିନ ପୂର୍ବରୁ, ଏହି ମାନସିକତା କେବଳ ବନ୍ଦ ହୋଇନାହିଁ, ବରଂ ଏଥିରେ ପରିବର୍ତ୍ତନ ଦେଖାଦେଇଛି। ଏବେ ଚାଇନା ଆମର ମିତ୍ର ପାଲଟିଯାଇଛି ଏବଂ ଆମେ ଏହା ସାହାଯ୍ୟରେ ଆମେରିକାର ପ୍ରାଧାନ୍ୟକୁ ହଟାଇପାରିବା ବୋଲି ମନେକରୁଛୁ। ୨୦୨୦ରେ କିମ୍ବା ତା' ପୂର୍ବରୁ ଚାଇନା ଆମକୁ ଯେଉଁ ଦୃଷ୍ଟିରେ ଦେଖୁଥିଲା ଏବେ ଭିନ୍ନ ଭାବେ ଦେଖୁଛି କି ? ଅବଶ୍ୟ ନୁହେଁ। ଆମେ କେବଳ ପରିବେଶକୁ ଦେଖି ମନକୁ ଖାପ ଖୁଆଇ ନେଇଛୁ। ଏହା ହେଉଛି ଆମର ' ଲକ୍ ଇଷ୍ଟ ଲୁକ୍ ୱେଷ୍ଟ' ଆଦି ନୀତି। ମୋ ମତରେ ବିଗତ ବର୍ଷଗୁଡ଼ିକରେ ସରକାର ଯାହାସବୁ କରିଛନ୍ତି ସେଥିରୁ ଅନେକ ପସନ୍ଦଯୋଗ୍ୟ ନୁହେଁ। ବାସ୍ତବରେ କ୍ଷତି ଘଟିଛି ଏବଂ ଏଭଳି କ୍ଷତି ମଧ୍ୟ ଆଗାମୀ ଦଶନ୍ଧିଗୁଡ଼ିକରେ ଜାରିରହିବ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 2 | |
| | 7 | | 9 | | 3 | | | |
| | 8 | | | | 4 | | | 5 |
| | | | | | | | | |
| 7 | | | | | | 9 | | |
| 9 | 2 | | 6 | | | 1 | | |
| | | | | 4 | | | 9 | |
| | | 6 | | 3 | | 8 | | |
| 4 | | | | | 1 | 2 | 6 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 5 | 1 | 7 | 4 | 3 | 9 | 8 |
| 1 | 9 | 8 | 3 | 5 | 6 | 4 | 7 | 2 |
| 3 | 4 | 7 | 2 | 8 | 9 | 1 | 5 | 6 |
| 7 | 6 | 4 | 5 | 9 | 3 | 8 | 2 | 1 |
| 5 | 1 | 9 | 6 | 2 | 8 | 7 | 3 | 4 |
| 2 | 8 | 3 | 7 | 4 | 1 | 9 | 6 | 5 |
| 4 | 5 | 6 | 8 | 3 | 7 | 2 | 1 | 9 |
| 8 | 3 | 2 | 9 | 1 | 5 | 6 | 4 | 7 |
| 9 | 7 | 1 | 4 | 6 | 2 | 5 | 8 | 3 |

ଗତକାଲିର ଉତ୍ତର

# ଉତ୍ତାପଜନିତ ଚାପ ଓ ଆଇଏଚ୍‌ସିଏପି



**ଚନ୍ଦ୍ର ଭୂଷଣ**

ଭୁବନେଶ୍ୱରରେ ଉତ୍ତାପ ବୃଦ୍ଧି ଘଟିବା ସହ ଏୟାରକଣ୍ଡିଶନିଂ ଚାହିଦା ବ୍ୟାପକ ହୋଇଛି। ଏହି ଦୁଇଟି ସଙ୍କଟକୁ ନିୟନ୍ତ୍ରଣ କରିବା ସକାଶେ ୨ ସେପ୍ଟେମ୍ବର ୨୦୨୫ରେ ଭୁବନେଶ୍ୱର ପ୍ରଥମ ଭାରତୀୟ ସହର ଭାବେ ଏକ ଇଣ୍ଟିଗ୍ରେଟେଡ ହିଟ୍ ଆଣ୍ଡ କୁଲିଂ ଆକ୍ସନ ପ୍ଲାନ (ଆଇଏଚ୍‌ସିଏପି)ବା ସମନ୍ୱିତ ଉତ୍ତାପ ଓ ଶୀତଳନ କାର୍ଯ୍ୟ ଯୋଜନା ଆରମ୍ଭ କରିଛି। ହିଟ୍ ଷ୍ଟ୍ରେସ୍ (ଉତ୍ତାପଜନିତ ଚାପ ବା ପ୍ରଭାବ) କ୍ରମଶଃ ଘନୀଭୂତ ହେବାରେ ଲାଗିଛି। ବିଗତ ଦୁଇ ଦଶନ୍ଧିରେ, ଦେଶରେ ଲଗାତର ଭାବେ ଅତ୍ୟନ୍ତ ଗମ୍ଭୀର ଗ୍ରୀଷ୍ମ ଲହର ଅନୁଭୂତ ହୋଇଚାଲିଛି ଏବଂ ଏଥିରେ ଅନେକ ହଜାର ଲୋକଙ୍କ ଜୀବନ ହାନି ଘଟିଛି। ଏହା ଯୋଗୁ କର୍ମଜୀବୀଙ୍କ ଉତ୍ପାଦକତା ହ୍ରାସ ହେବା ସହ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବାଧା ଉପୁଜିଛି। ଏବେ ସହରଗୁଡ଼ିକ ବିପଜ୍ଜନକ ଉତ୍ତାପ ଓ ଶୀତଳନ ପ୍ରକ୍ରିୟାର ପଞ୍ଝାରେ ପଡ଼ିଯାଇଛି। ଉଚ୍ଚ ତାପମାତ୍ରା ଓ ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଏୟାର କଣ୍ଡିଶନିଂ (ଏସି) ବ୍ୟବହାର ବୃଦ୍ଧି ପାଇଛି। ଯାହା ଅର୍ବାନ ହିଟ୍ ଆଇଲାଣ୍ଡ (ୟୁଏଚ୍‌ଆଇ) ବା ସହର ଉତ୍ତାପଦ୍ୱୀପର ପ୍ରଭାବ ଓ ଗ୍ରୀନ୍ ହାଉସ୍ ଗ୍ୟାସ (ଜିଏଚ୍‌ଜି) ବା ସବୁଜଗୃହ ବାଷ୍ପ ନିର୍ଗମନକୁ ଆହୁରି ଖରାପ କରିଦେଇଛି। ଫଳରେ ସହରଗୁଡ଼ିକ ଅଧିକ ଉତ୍ତପ୍ତ ହେବାରେ ଲାଗିଛି ଏବଂ ଲୋକମାନେ ଶୀତଳତା ପାଇଁ ଏସି ଉପରେ ଅତ୍ୟଧିକ ନିର୍ଭର କରୁଛନ୍ତି। ଭୁବନେଶ୍ୱରର ନୂତନ ଆଇଏଚ୍‌ସିଏପି ଉତ୍ତାପ ଓ ଶୀତଳନର ଚକ୍ରକୁ ଭାଙ୍ଗି ଦେବାକୁ ଚାହେଁ। ଏହା ହେଉଛି ଭାରତର ପ୍ରଥମ ସହର ସ୍ତରୀୟ ଯୋଜନା, ଯାହା ଏକାଥରକେ ସହରୀ ଯୋଜନା, ସବୁଜ ବଳୟ ସୃଷ୍ଟି, ନିରନ୍ତର ଶୀତଳନ ଏବଂ ଉତ୍ତାପର ନକାରାତ୍ମକ ପ୍ରଭାବରୁ ରକ୍ଷା କରିବା ସହ ସହନୀୟତା ବଢ଼ାଇବା ଲାଗି ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିପାରିବ।

ଭୁବନେଶ୍ୱର ଦୀର୍ଘଦିନରୁ ଭାରତରେ ସବୁଠୁ ଉତ୍ତାପ ପ୍ରଭାବିତ ସହର ଭାବେ ରହିଆସିଛି। ବିଗତ ଚାରି ଦଶନ୍ଧିରେ ହାରାହାରି ତାପମାତ୍ରା ଏବଂ ହ୍ୟୁମିଡିଟି ସ୍ତର ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଚିନ୍ତାର ବିଷୟ ହେଉଛି, ରାତିରେ ମଧ୍ୟ ଭୁବନେଶ୍ୱରର ତାପମାତ୍ରାରେ ବୃଦ୍ଧି ଘଟିଛି, ଯାହା ଅଧିକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି। ଏବେ ଫେବୃଆରୀରୁ ଅକ୍ଟୋବର ଯାଏ ହିଟ୍ ଷ୍ଟ୍ରେସ୍ ଦେଖାଯାଉଛି। ଆଇଏମ୍‌ଡିର 'ଫିଲ୍ସ ଲାଇକ୍' ଇଣ୍ଡେକ୍ସ ଅନୁଯାୟୀ, ୨୦୨୪ରେ ପାଖାପାଖି ୨୭୦ ଦିନ ଭୁବନେଶ୍ୱର ୟେଲୋ କିମ୍ବା ଅରେଞ୍ଜ ଉତ୍ତାପ ଜନିତ ସତର୍କତାକୁ ସାମ୍ନା କରିଛି।

ଦ୍ରୁତ ସହରୀକରଣ ହିଟ୍ ଷ୍ଟ୍ରେସ୍‌କୁ ଆହୁରି ତୀବ୍ର କରିଦେଇଛି। ୨୦୧୮ରୁ ୨୦୨୪ ମଧ୍ୟରେ ଭୁବନେଶ୍ୱରର ସହରୀକରଣରେ ନିର୍ମାଣ କ୍ଷେତ୍ର ୨୩% ବୃଦ୍ଧି ହୋଇଥିବାବେଳେ ସବୁଜ ବଳୟ ପାଖାପାଖି ୧୦% ହ୍ରାସ ଘଟିଛି। ଏହା ସହ ଜଳଉତ୍ସ ଅବିଶ୍ୱସନୀୟ ଭାବେ ୭୫% କମିଛି। ପରିଣାମ ସ୍ୱରୂପ, ୟୁଏଚ୍‌ଆଇ ପ୍ରଭାବ ଅଧିକ ସ୍ପଷ୍ଟ ହୋଇଛି ଏବଂ ଭୁବନେଶ୍ୱର ଏହାର ଚାରିପାଖରେ ଥିବା ଗ୍ରାମୀଣ ଅଞ୍ଚଳ ତୁଳନାରେ ୨-୫ ଡିଗ୍ରୀ ସେଲ୍‌ସିୟସ୍ ଉତ୍ତପ୍ତ ହୋଇଛି। ଏହାର ପ୍ରଭାବଗୁଡ଼ିକ ମଧ୍ୟ ସ୍ପଷ୍ଟ ଭାବେ ଅନୁଭବ କରିହେଉଛି। ହିଟ୍‌ଷ୍ଟ୍ରେସ ଯୋଗୁ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କଠାରୁ ଆରମ୍ଭ କରି ରାସ୍ତାକଡ଼ ଦୋକାନୀଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କର ଉତ୍ପାଦକତା ଓ ମଜୁରି ୨୦-୩୦% କମିଛି। ସାମଗ୍ରିକ ଭାବେ ସହରର ବାର୍ଷିକ ଆୟ ମଧ୍ୟ ୮.୬% ହ୍ରାସ ପାଇଛି। ଏହି ସମୟରେ ମାତ୍ର ଦୁଇ ବର୍ଷ ମଧ୍ୟରେ ଏସି ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧି ପାଇ ଦୁଇଗୁଣରେ ପହଞ୍ଚିଛି। ୨୦୨୧ରେ ସହରର ୬% ପରିବାରରେ ଏସି ଥିଲାବେଳେ ୨୦୨୩ରେ ଏହା ବୃଦ୍ଧି ଘଟି ୧୫% ହୋଇଛି। ସହରରେ ବ୍ୟବହୃତ ମୋଟ ବିଦ୍ୟୁତ୍‌ର ଏକ ତୃତୀୟାଂଶ ଏହି ଶୀତଳନ ପ୍ରକ୍ରିୟାରେ ଲାଗୁଛି ଏବଂ ଖରାମାସଗୁଡ଼ିକରେ ଏହା ଦୁଇ ତୃତୀୟାଂଶରେ ପହଞ୍ଚିଯାଉଛି। ଆଗକୁ ଏହି ସ୍ଥିତି ଆହୁରି ଖରାପ ହେବ। ଏପରିକି ୨୦୨୫ରେ ସାଧାରଣ ଭାବେ ଉତ୍ତପ୍ତ ଏକ ଦିବସରେ ଏବକାର ସବୁଠୁ ଅଧିକ ଉତ୍ତପ୍ତ ଦିବସର ସ୍ଥିତି ସୃଷ୍ଟି ହେବ। ସେତେବେଳେ ସହରରେ ବଞ୍ଚିବାକୁ ହେଲେ କେବଳ ଏସି ବା ଶୀତଳନ ପଦ୍ଧତି ଉପରେ ନିର୍ଭର କରିବାକୁ ପଡ଼ିବ। ଏଣୁ ବିଜ୍‌ନେସ -ଆଜ୍-ୟୁଜୁଆଲ (ବିଏୟୁ) ବା ଚିରାଚରିତ ରୂପେ ଚାଲିଆସିଥିବା ବ୍ୟବସାୟକୁ ଜାରି ରଖିବାକୁ ହେଲେ ୨୦୫୦ ସୁଦ୍ଧା ଏସି ପାଇଁ ବିଦ୍ୟୁତର ଆବଶ୍ୟକତା ଏବକା ତୁଳନାରେ ୭.୬ ଗୁଣ ବଢ଼ିଯାଇପାରେ।

ଏହି ପରିପ୍ରେକ୍ଷୀରେ, ଭୁବନେଶ୍ୱରର ଆଇଏଚ୍‌ସିଏପି ଯୋଜନା ପାଞ୍ଚସୂତ୍ରୀ ରଣନୀତି ପ୍ରସ୍ତୁତ କରିଛି। ପ୍ରଥମେ ସହରକୁ ଶୀତଳ କରାଯିବ, ଯାହାପାଇଁ ସବୁଜ ବନାନୀର ବଳୟ ବୃଦ୍ଧି ସହ ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର ହେବ। ଏହା ସହ ଏସି ବ୍ୟବହାର କମ୍ କରିବା ପାଇଁ ଛାତର ଶୀତଳୀକରଣ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବା ଏବଂ ୟୁଏଚ୍‌ଆଇ ହ୍ରାସ ପାଇଁ ରାସ୍ତାଗୁଡ଼ିକର ପୁନର୍ଗଠନ ହେବାର ଆବଶ୍ୟକତା ରହିଛି। ଦ୍ୱିତୀୟରେ, ଏନର୍ଜି କଞ୍ଜରଭେଶନ ବିଲ୍ଡିଂ କୋଡ୍ ବା ଶକ୍ତି ସଂରକ୍ଷଣ ଭବନ ପାଇଁ ନିୟମ ଲାଗୁ ହେବ ଏବଂ ଉତ୍ତାପ ଶୋଷଣ ହ୍ରାସ କରି ଘର ଭିତରେ ଆରାମଦାୟକ ଶୀତଳ ପରିବେଶ ସୃଷ୍ଟି କରିବା ପାଇଁ ସ୍ଥାନୀୟ ଜଳବାୟୁ ଆଧାରରେ ଗୃହ ନିର୍ମାଣ ପଦକ୍ଷେପକୁ ପ୍ରୋତ୍ସାହିତ କରାଯିବ। ତୃତୀୟରେ ରହିଛି ସମସ୍ତଙ୍କ ପାଇଁ ସ୍ଥାୟୀ ଶୀତଳ ବ୍ୟବସ୍ଥା ସୁନିଶ୍ଚିତ କରିବା। ଏଥିପାଇଁ ସ୍ୱଳ୍ପ ଆୟକାରୀ ପରିବାରଗୁଡ଼ିକୁ ଶସ୍ତାରେ ପ୍ରଭାବୀ ଏବଂ ଜଳବାୟୁ ଉପଯୋଗୀ ଶୀତଳନ ବ୍ୟବସ୍ଥା ଯଥା ଉନ୍ନତ ଫ୍ୟାନ ଓ ଏସି , ଡିଷ୍ଟ୍ରିକ୍ଟ କୁଲିଂ ସିଷ୍ଟମ ଓ ହ୍ୱାଇଟ୍ ରୁଫ୍ ଉପଲବ୍ଧତା ନିଶ୍ଚିତ କରାଯିବ। ଚତୁର୍ଥରେ, ଉତ୍ତାପ ସହନୀୟତା ବୃଦ୍ଧି କରିବାକୁ ହେବ। ବିଦ୍ୟୁତ୍, ପାଣି ଓ



ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଦୃଢ଼ କରାଯିବ। କୁଲିଂ ଶେଲଟ୍‌ର ନିର୍ମାଣ କରାଯିବା ସହ କୁଲ୍ ବସ୍‌ଷ୍ଟପ ଓ ସାର୍ବଜନୀନ ଥଣ୍ଡା ପାନୀୟ ଜଳ ଷ୍ଟଲ୍ ନିର୍ମାଣ ହେବ। ପଞ୍ଚମରେ ରହିଛି ଉତ୍ତାପ ଅନୁକୂଳନ। ଏଥିରେ ଆର୍ଦ୍ରତା ଓ ରାତି ସମୟର ତାପମାତ୍ରାକୁ ଦୃଷ୍ଟିରେ ରଖି ଉତ୍ତାପ ଚେତାବନୀ ସ୍ତରର ନବୀକରଣ ହେବ। ଏହା ବ୍ୟତୀତ ବିପଦରେ ରହୁଥିବା ଶ୍ରମିକମାନଙ୍କ ପାଇଁ ଇନ୍‌ସ୍ୟୁରାନ୍ସ ଯୋଗାଇ ଦିଆଯିବା ସହ ସଚେତନତା ଅଭିଯାନକୁ ବ୍ୟାପକ କରାଯିବ। ଯଦି ଏହିସବୁ ପଦକ୍ଷେପକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଏ, ତେବେ ଭୂପୃଷ୍ଠୀୟ ଉତ୍ତାପକୁ ୦.୫ରୁ ୯.୪ ଡିଗ୍ରୀ ସେଲ୍‌ସିୟସ ହ୍ରାସ କରାଯାଇପାରିବ। ଏହାବ୍ୟତୀତ ସହରରେ ଏବେ ବିଜ୍‌ନେସ ଯେମିତି ଚାଲିଛି,ସେମିତି ଜାରି ରହିଲେ ବି ଶୀତଳନ ପ୍ରକ୍ରିୟା ସହ ଜଡ଼ିତ ବିଦ୍ୟୁତ୍ ଚାହିଦା ୪୪-୬୭% କମିଯିବ।

ଏପର୍ଯ୍ୟନ୍ତ ପୃଥକ୍ ଭାବେ କାମ କରିଆସୁଥିବା ଦୁଇଟି ଜାତୀୟ ନୀତିକୁ ଆଇଏଚ୍‌ସିଏପି ଏକାଠି କରିଛି। ପରିବେଶ ମନ୍ତ୍ରଣାଳୟର ଇଣ୍ଡିଆ କୁଲିଂ ଆକ୍ସନ ପ୍ଲାନ (ଆଇସିଏପି) ବା ଭାରତ ଶୀତଳନ କାର୍ଯ୍ୟ ଯୋଜନା ସ୍ଥାୟୀ ତଥା ପରିବେଶ ଉପଯୋଗୀ ଶୀତଳନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରେ। ଏହା ସହ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ)ର ହିଟ୍ ଆକ୍ସନ ପ୍ଲାନ (ଏଚ୍‌ଏପି) ବା ଉତ୍ତାପ କାର୍ଯ୍ୟ ଯୋଜନା ମୁଖ୍ୟତଃ ଉତ୍ତାପ ଅନୁକୂଳନ ଓ ପ୍ରାରମ୍ଭିକ ସତର୍କତା ଉପରେ ଧ୍ୟାନ ଦେଉଛି। ଏସବୁ ଯୋଜନାକୁ ଏକାଠି କରି ଉତ୍ତାପଜନିତ ଚାପର ମୁକାବିଲା କରିବା ପାଇଁ ଆଇଏଚ୍‌ସିଏପି ଏକ ବିସ୍ତୃତ ଢାଞ୍ଚା ସାମ୍ନାକୁ ଆଣିଛି। ଏହି ଢାଞ୍ଚାକୁ ଆଗକୁ ବଢ଼ାଇବାକୁ ହେଲେ ନୀତିଗୁଡ଼ିକରେ ଉଲ୍ଲେଖନୀୟ ସୁଧାର ଆବଶ୍ୟକ ହେବ। ଉତ୍ତାପ ପ୍ରଶମନ ଓ ପରିବେଶ ଉପଯୋଗୀ ଶୀତଳନ ପଦକ୍ଷେପକୁ ସାମିଲ କରିବା ଲାଗି ଏନ୍‌ଡିଏମ୍‌ଏର ଏଚ୍‌ଏପି ମାର୍ଗଦର୍ଶିକାର ନବୀକରଣ କରାଯିବା ଦରକାର। ସହରର ମାଷ୍ଟର ପ୍ଲାନ ଓ ବିଲ୍ଡିଂ ନିୟମଗୁଡ଼ିକରେ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଉଦାହରଣ ସ୍ୱରୂପ, ବ୍ୟବସାୟିକ ଓ ସଂସ୍ଥାଗତ ବିଲ୍ଡିଂ ପାଇଁ ଶକ୍ତି ସଂରକ୍ଷଣ ଓ ସଷ୍ଟେନେବଲ ବିଲ୍ଡିଂ କୋଡ୍, ୨୦୨୪ ଏବଂ ଆବାସିକ ଘର ପାଇଁ ଇକୋ-ନିବାସ ସଂହିତା ୨୦୨୪ ଆଗକୁ ନିର୍ମାଣର ଏକ ଅଂଶ ଭାବେ ଲାଗୁ ହେବ। ଭୁବନେଶ୍ୱରରେ ମାତ୍ର ୨୫% ବ୍ୟବସାୟିକ ଓ ସଂସ୍ଥାଗତ ବିଲ୍ଡିଂ ଏବଂ କେବଳ ୧.୫% ବାସୋପଯୋଗୀ ଘର ନିର୍ମାଣ ଏହିସବୁ ନିୟମ ଅଧୀନରେ ରହୁଛି। ଏହିଭଳି ଭାବେ ମାଷ୍ଟରପ୍ଲାନଗୁଡ଼ିକ ୟୁଏଚ୍‌ଆଇ, ଉତ୍ତାପ ପ୍ରଶମନ ରଣନୀତି କିମ୍ବା ଉତ୍ତାପ ସହନୀୟ ଭିତ୍ତିଭୂମିର ଆବଶ୍ୟକତାକୁ ବିଚାରକୁ ନେଉନାହିଁ।

ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ଭାରତର ସହରଗୁଡ଼ିକରେ ୬୦-୭୦ କୋଟି ଲୋକ ବାସ କରିବେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତାପ ଚାପ ପ୍ରଭାବିତ ସହରଗୁଡ଼ିକରେ ରହିବେ। ସମନ୍ୱିତ ପଦକ୍ଷେପ ନ ନେଲେ ଆମ ଭବିଷ୍ୟତ ବିପଦପୂର୍ଣ୍ଣ ହୋଇଯିବ। ଏଭଳି ସ୍ଥିତିରେ ବାହାରେ କାମ କରିବା ଅନେକ ଲକ୍ଷ ଲୋକଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିବ ଓ ଅସମାନତା ଅତ୍ୟଧିକ ବୃଦ୍ଧି ପାଇବ। ଏହା ସହ ସହରରେ ବଞ୍ଚିବାକୁ ହେଲେ ସମ୍ପୂର୍ଣ୍ଣ ଭାବେ ଶୀତଳନ ଉପକରଣ ଉପରେ ନିର୍ଭର କରିବାକୁ ପଡ଼ିବ। ତେବେ ଭୁବନେଶ୍ୱର ଆଇଏଚ୍‌ସିଏପି (ଆଇଫରେଷ୍ଟ ଦ୍ୱାରା ସିଙ୍ଗାପୁର ଇଟିଏଚ୍ ସେଣ୍ଟର, ଯାହା ସିଙ୍ଗାପୁର ଶୀତଳନ କାର୍ଯ୍ୟକ୍ରମକୁ ଚଳାଇଛି, ତାହାର ସହଯୋଗରେ ଏହି ଯୋଜନା ବିକଶିତ କରାଯାଇଛି) ଦର୍ଶାଏ ଯେ, ସହରଗୁଡ଼ିକ ଏଭଳି ଭୟାନକ ଭବିଷ୍ୟତକୁ ଦୂରେଇ ଦେଇପାରିବେ । ଏହା ସହ ଉତ୍ତାପ ଓ ଶୀତଳନର ବିପଜ୍ଜନକ ଚକ୍ରକୁ ବୈଜ୍ଞାନିକ ପଦ୍ଧତି, ନୂତନ ଯୋଜନା ଓ ଦୂରଦୃଷ୍ଟିସମ୍ପନ୍ନ ନୀତି ମାଧ୍ୟମରେ ଭାଙ୍ଗି ଦିଆଯାଇପାରିବ।

*ସିଇଓ,ଇଣ୍ଟରନ୍ୟାଶନାଲ ଫୋରମ୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ, ସଷ୍ଟେନବିଲିଟି ଆଣ୍ଡ ଟେକ୍ନୋଲୋଜି (ଆଇଫରେଷ୍ଟ)*

# ଝିଅଙ୍କ ଶିକ୍ଷା ପ୍ରବର୍ତ୍ତିକା

ଏକବିଂଶ ଶତାବ୍ଦୀର ତୃତୀୟ ଦଶନ୍ଧିର ମଧ୍ୟଭାଗରେ ଆଶା ରହିବା କଥା ଯେ ସବୁ ଝିଅ ଶିକ୍ଷିତ ହୁଅନ୍ତୁ। କିନ୍ତୁ ଏମିତି କେତେ ଲୋକ ଅଛନ୍ତି ଝିଅଙ୍କୁ ବୋଝ ଭାବି ତା' ବାହାଘରକୁ କେବଳ ଗୁରୁତ୍ୱ ଦେଇଥାଆନ୍ତି। ସେମାନଙ୍କ ଶିକ୍ଷାରେ ଖର୍ଚ୍ଚ କରିବାକୁ କୁଣ୍ଠିତ ହୋଇଥାଆନ୍ତି। ଆଉ ଗରିବ ଓ ଅସହାୟ ସ୍ତରରେ ଥିବା କିଛି ଲୋକ ଅର୍ଥାଭାବ ଯୋଗୁ ଝିଅମାନଙ୍କୁ ପଢ଼ିବାକୁ ନ ଦେଇ ବାଲ୍ୟବେଳୁ ଶ୍ରମିକ କରାଇ ଦେଉଛନ୍ତି। ଫଳରେ କେତେ ଜଣ ଝିଅ ଆଦୌ ସ୍କୁଲ ଦେଖିପାରୁ ନାହାନ୍ତି କିମ୍ବା ସ୍କୁଲ ଯାଇ କିଛି ଦିନ ପରେ ଡ୍ରପ୍‌ଆଉଟ୍ ତାଲିକାରେ ସ୍ଥାନିତ ହୋଇଯାଇଥାଆନ୍ତି। ଏଭଳି ଅସଙ୍ଗତିକୁ ଅନୁଭବ କରିବା ପରେ ଦିଲ୍ଲୀର ସାଫିନା ହୁସେନ୍ ଶିକ୍ଷାରୁ ବଞ୍ଚିତ ଝିଅମାନଙ୍କ ପାଇଁ କାମ କରିବାକୁ ଆଗେଇ ଆସିଥିଲେ। ତାଙ୍କ ଦ୍ୱାରା ଗଢ଼ାଯାଇଥିବା ଅଣ-ଲାଭଦାୟକ ସଙ୍ଗଠନ 'ଏଜୁକେଟ ଗର୍ଲସ୍' ଅନେକ ହଜାର ଝିଅଙ୍କ ପାଇଁ ସାହାରା ପାଲଟି ବିଶ୍ୱ ସ୍ତରରେ ଉଦାହରଣ ସୃଷ୍ଟି କରିପାରିଛି। ତାଙ୍କ ସଙ୍ଗଠନକୁ ସ୍ୱୀକୃତି ସ୍ୱରୂପ ୬୭ତମ ରମନ ମାଗ୍‌ସେସେ ପୁରସ୍କାର-୨୦୨୫ ମିଳିବ ବୋଲି ନିକଟରେ ଘୋଷଣା ହୋଇଛି। ଆସନ୍ତା ୭ ନଭେମ୍ବରରେ ଫିଲିପାଇନ୍ସ ରାଜଧାନୀ ମାନିଲାର ମେଟ୍ରୋପଲିଟାନ୍ ଥିଏଟରରେ 'ଏଜୁକେଟ ଗର୍ଲସ' ଭାରତର ପ୍ରଥମ ସଙ୍ଗଠନ ଭାବେ ଏସିଆର ନୋବେଲ ସମ୍ମାନ ରୂପେ ପରିଚିତ ଏହି ପୁରସ୍କାର ପାଇବାକୁ ଯାଉଥିବାରୁ ସାଫିନା ବ୍ୟକ୍ତିଗତ ସ୍ତରରେ ଖୁସି ବ୍ୟକ୍ତ କରିଛନ୍ତି। କହିଛନ୍ତି ଏହି ସମ୍ମାନ ସଙ୍ଗଠନର ନିରବଚ୍ଛିନ୍ନ ସାମାଜିକ କାର୍ଯ୍ୟକୁ ସ୍ୱୀକୃତି ଦେଇଛି ଓ ଅନେକ ଅସହାୟ ଝିଅଙ୍କୁ ଶିକ୍ଷିତ କରିବା ସହ ସେମାନଙ୍କୁ ଜୀବିକା ଦେବାରେ ସଙ୍ଗଠନକୁ ସହାୟତା ଦେଇଥିବା ବ୍ୟକ୍ତି ଓ ବର୍ଗ ମଧ୍ୟ ଧନ୍ୟବାଦାର୍ହ। ସେ କହିଛନ୍ତି, ଏଜୁକେଟ ଗର୍ଲସକୁ ସମ୍ମାନ ମିଳିବା ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଏହି ମାନ୍ୟତା ଭାରତର ଝିଅମାନଙ୍କ ଶିକ୍ଷା ପାଇଁ ଏକ ଆଲୋକବର୍ତ୍ତିକା ସଦୃଶ ହୋଇଛି, ଯାହା ଦିନେ ଦୂର ଗାଁରେ ଜଣେ ଝିଅଙ୍କଠାରୁ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏହି ସଙ୍ଗଠନ ଦେଶର ୩୦ ହଜାର ପଛୁଆ ଗ୍ରାମରେ ପହଞ୍ଚି ୨୦ ଲକ୍ଷରୁ ଅଧିକ ଝିଅଙ୍କ ଭାଗ୍ୟ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହୋଇଛି। ବ୍ୟବସ୍ଥା ବିରୋଧରେ ନ ଯାଇ ସମସ୍ତଙ୍କ ସହଯୋଗରେ ଅନେକ ଶିଶୁଙ୍କ ଶିକ୍ଷଣ ଅଭ୍ୟାସରେ ଉନ୍ନତି ଆଣି ସାଫିନା ଯେଉଁ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି

**ବ୍ୟକ୍ତିତ୍ୱ**



ସାଫିନା ହୁସେନ୍

କରିଛନ୍ତି, ତାହା ସ୍ୱେଚ୍ଛାସେବୀଙ୍କ ପାଇଁ ପ୍ରେରଣାଦାୟୀ।

ସାଫିନା ୨୧ ଜାନୁଆରୀ ୧୯୭୧ରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ପିଲାଟୁ ବେଳୁ ପଢ଼ାରେ ଉତ୍ତମ ପ୍ରଦର୍ଶନ କରିପାରିଥିବାରୁ ମର୍ଯ୍ୟାଦାଜନକ ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସରୁ ଡିଗ୍ରୀ ଅର୍ଜନ କରିଥିଲେ। ଚାକିରି କରିବାକୁ ଯାଇ ସେ ୧୯୯୮ରୁ ୨୦୦୪ ଯାଏ ଆମେରିକାର ସାନ୍ ଫ୍ରାନ୍ସିସ୍‌କୋଠାରେ 'ଚାଇଲ୍ଡ ଫ୍ୟାମିଲି ହେଲ୍‌ଥ ଇଣ୍ଟରନ୍ୟାଶନାଲ'ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ରହିଥିଲେ। ନିଜ ଦେଶ ପାଇଁ କିଛି କରିବା ଲକ୍ଷ୍ୟ ନେଇ ସେ ୨୦୦୫ରେ ମୁମ୍ବାଇ ଚାଲିଆସିଥିଲେ। ଝିଅମାନଙ୍କ ଶିକ୍ଷାକୁ ଗୁରୁତ୍ୱ ଦେଉଥିବା ଓ ତାଙ୍କୁ ସନ୍ତୋଷ ମିଳିବା ଭଳି କୌଣସି ସଙ୍ଗଠନ ନ ଥିବା ସେ ଅନୁଭବ କରିବା ପରେ ୨୦୦୭ରେ ଗଢ଼ିଲେ 'ଏଜୁକେଟ ଗର୍ଲସ'। ଏହାର ମୁଖ୍ୟାଳୟ ମୁମ୍ବାଇରେ ଅବସ୍ଥିତ। ପ୍ରାରମ୍ଭିକ ସମୟରେ ଶିକ୍ଷା ମନ୍ତ୍ରଣାଳୟ ସହ ମିଶି ସାଫିନା କାମ ଆରମ୍ଭ କଲେ। ସେତେବେଳେ ଶିକ୍ଷା ଦୃଷ୍ଟିରୁ ଦେଶର ସବୁଠାରୁ ଲିଙ୍ଗଗତ ତଫାତ୍ ଥିବା ରାଜସ୍ଥାନର ପାଲି ଓ ଜାଲୋର ଗ୍ରାମକୁ ବାଛିଥିଲେ। ପରବର୍ତ୍ତୀ ସମୟରେ ସେ ଅଭିନବ ଶୈଳୀରେ ଗୁଣାତ୍ମକ ଶିକ୍ଷା ଦିଗରେ କାର୍ଯ୍ୟ କରୁଥିବା ସଙ୍ଗଠନ 'ପ୍ରଥମ' ଏବଂ ୟୁନିସେଫ୍ ସହ ଯୋଗାଯୋଗ ସ୍ଥାପନ କରିଥିଲେ। ଏଥିସହିତ ସାଙ୍ଗଠନିକ କାର୍ଯ୍ୟକୁ ବ୍ୟାପକ କରିବା ଲକ୍ଷ୍ୟ ରଖି ସେ ବୃତ୍ତିଗତ ଗୋଷ୍ଠୀର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଥିଲେ। ଏହି ରଣନୀତି 'ଟିମ୍ ବାଲିକା' ନାମରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ସୃଷ୍ଟି କରିବାରେ ସହାୟକ ହୋଇଥିଲା, ଯେଉଁଥିରେ ଅନେକ ହଜାର ସଦସ୍ୟ ଅଛନ୍ତି। ସେମାନେ ପାଠ ଛାଡ଼ିଥିବା ସ୍କୁଲ ଝିଅମାନଙ୍କୁ ପୁନଃ ନାମ ପଞ୍ଜୀକରଣ ପାଇଁ ପ୍ରୋତ୍ସାହିତ କରୁଛନ୍ତି।

ସ୍କୁଲରୁ ବାହାରେ ଥିବା ଝିଅମାନଙ୍କୁ ଖୋଜି ପୁନଃ ପଞ୍ଜୀକୃତ ପାଇଁ ପ୍ରୋତ୍ସାହିତ କରି ସାଫିନା ଶିକ୍ଷା କ୍ଷେତ୍ରରେ ନୂଆ ଧାରା ସୃଷ୍ଟି କରିଥିବାରୁ ସେ ବିଭିନ୍ନ ପୁରସ୍କାର ଓ ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ୨୦୧୪ ଏବଂ ୨୦୨୩ରେ ସେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କତାରରୁ ପ୍ରଦାନ କରାଯାଉଥିବା 'ୱାଇଜ୍' ପୁରସ୍କାର ପାଇଥିଲେ। ୨୦୨୩ ପୁରସ୍କାର ବେଳେ ଏଜୁକେଟ ଗର୍ଲସ ପାଇଁ ୫,୦୦,୦୦୦ ଆମେରିକୀୟ ଡଲାର ମିଳିଥିଲା। ସାଫିନା ଇଟି ପ୍ରାଇମ୍ ଉଇମେନ ଲିଡରଶିପ ଆୱାର୍ଡ ୨୦୧୯, ନୀତି ଆୟୋଗ ଉଇମେନ ଟ୍ରାନ୍ସଫର୍ମିଂ ଇଣ୍ଡିଆ ଆୱାର୍ଡ ୨୦୧୭ ସହ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ସାଂସାରିକ ଜୀବନ ଦେଖିଲେ ସାଫିନା ୨୦୨୨ରେ ହଂସଲ ମେହେଟାଙ୍କୁ ୧୭ ବର୍ଷ ଏକାଠି ରହିବା ପରେ ବିବାହ କରିଥିଲେ। ବିବାହ ପୂର୍ବରୁ ତାଙ୍କର ଦୁଇଟି ଝିଅ ହୋଇଥିଲେ- କିମାୟା ମେହେଟା ଏବଂ ରେହାନା ମେହେଟା।

**– ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ସ୍ମାର୍ଟ ଡାଏରି ଫାର୍ମ ବିଷୟରେ ଶୁଣିଛନ୍ତି କି? ଏବେ ଏମିତିକା ଏକ ଫାର୍ମ କରିଛନ୍ତି ମହାରାଷ୍ଟ୍ରର ସୁନୀଲ କୋଲ୍‌ପେ। ସେ ସ୍ମାର୍ଟକାଡଯୁକ୍ତ ମିଲ୍କ ଏଟିଏମ୍ କରି କ୍ଷୀର ବିକ୍ରି କରୁଛନ୍ତି। ଏହାସହ ସେ ମଧ୍ୟ ଏକ ଆଇସ୍‌କ୍ରିମ ପାର୍ଲର କରିଛନ୍ତି। ସୁନୀଲଙ୍କ ଫାର୍ମରେ ୧୬ଟି ମଇଁଷି ଅଛି। ତାଙ୍କୁ ବୟସ ଏବେ ୪୩। ସେ ରହୁଛନ୍ତି ମହାରାଷ୍ଟ୍ର ୟୁବତମଲ ଜିଲାର ଛୋଟ ସହର ମହାଗାଓଁରେ। ଏହାଠାରୁ ୧୩ କିଲୋମିଟର ଦୂରରେ ୨୪ ଏକର ଜମିରେ ସେ ଏହି ଫାର୍ମ କରିଛନ୍ତି। ଦିନକୁ ଏବେ ୩୫୦ ଲିଟର କ୍ଷୀର ବିକ୍ରି କରୁଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରି ସୁନୀଲ ମାସକୁ ୭୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ସେ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ବୈଜ୍ଞାନିକ ପଦ୍ଧତିରେ ଗୁହାଳ କରିଛନ୍ତି। ସୁନୀଲ ଫାର୍ମରେ ମଇଁଷି ପାଳନ କରିବା ସହିତ ଆଖୁ, ସୋୟାବିନ ଓ କପାଚାଷ ମଧ୍ୟ କରୁଛନ୍ତି। ସେ ଏଟିଏମ୍ ମାଧ୍ୟମରେ କ୍ଷୀର ବିକ୍ରି କରିବା ସହ ବରଂ ଘରକୁ ଘର ବୁଲି କ୍ଷୀର ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୭୬

- ପଶ୍ଚିମବଙ୍ଗର ରାଇଗଞ୍ଜ ସବ୍‌ଡିଭିଜନର ବନ୍ୟା ପ୍ରପିଡ଼ିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ସାହାଯ୍ୟ ପାଣ୍ଠିରୁ ଏକଲକ୍ଷ ଟଙ୍କା ମଞ୍ଜୁର।
- ଜୀବନବୀମା କର୍ପୋରେସନ ପକ୍ଷରୁ ରାଜ୍ୟରେ ଗୃହନିର୍ମାଣ ପାଇଁ ୧୫ କୋଟି ୨୦ ଲକ୍ଷ ଟଙ୍କା ଋଣ ବ୍ୟବସ୍ଥା।

## ପାଠକ ଶ୍ରେଷ୍ଠ ବିଚାରକ

### ଏରେଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା ମିଳୁ

ମହାଶୟ,

ମୋର ୧୦ ବର୍ଷର ପୁଅ ସାଇକେଲ ଚଳାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ମୁଁ ତା'ର ଚିକିତ୍ସା ପାଇଁ ଏରେଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଦେଖେ ତ ଏହା ବନ୍ଦ। ଅନନ୍ୟୋପାୟ ହୋଇ ମୁଁ ଚରମ୍ପାର ଏକ ନର୍ସିଂହୋମକୁ ଗଲି। ସେଠାରେ ପୁଅର ଖଣ୍ଡିଆ ଜାଗାରେ ଷ୍ଟିଚ୍ ଡାକ୍ତରଙ୍କ ଫି ବାବଦରେ ମୋତେ ୪୦୦ ଟଙ୍କା ଦେବାକୁ ପଡ଼ିଥିଲା ଓ ଡାକ୍ତର ଲେଖିଥିବା କିଛି ଔଷଧ ମୋତେ ବାହାରୁ କିଣିବାକୁ ହେଲା। ଏରେଇଁ ଚିକିତ୍ସାଳୟ ଉପରେ ଏରେଇଁ, ପରସିଙ୍ଗା, ବଣିଆ ଗ୍ରାମ ପଞ୍ଚାୟତ ଓ ଭଦ୍ରକ ପୌରପାଳିକାର ୪ଟି ୱାର୍ଡର ଜନସାଧାରଣ ନିର୍ଭରଶୀଳ। ଆମ୍ଭମାନଙ୍କ ବହୁ ଦାବି ପରେ ତତ୍କାଳୀନ ସରକାର ଏହାକୁ ସ୍ଥାପନା କରିଥିଲେ। ମାତ୍ର ଏଠାରେ ରୋଗୀଙ୍କୁ ସାଧାରଣ ଚିକିତ୍ସାସେବା ମିଳୁନାହିଁ। କିଛି ମାସ ହେବ ଏଠାରେ ରେଗୁଲାର ଡାକ୍ତର ନାହାନ୍ତି। କର୍ମଚାରୀମାନେ ରୋଗୀ ଚିକିତ୍ସା କରୁଛନ୍ତି। ଯଦି ନ ପାରୁଛନ୍ତି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଯଥାଶୀଘ୍ର ଏହି ଚିକିତ୍ସାଳୟରେ ରେଗୁଲାର ଡାକ୍ତର ନିଯୁକ୍ତ କରିବା ସହ ଜରୁରୀ ଚିକିତ୍ସା ସୁବିଧା ଉପଲବ୍ଧର ପଦକ୍ଷେପ ଗ୍ରହଣ କରାଯାଉ।

**– ନରହରି ନାୟକ, ପରସିଙ୍ଗା, ଚରମ୍ପା, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁଇ ପାରୁଶରେ ମୋର ପକ୍ୱଶାଳୀ
ପଡ଼ିଅଛି ନଇଁ
ରହି ରହି
ଅଦୂର ସେ ନଦୀକୋଲୁଁ ଆସଇ ବାରତା
ବିଶ୍ୱର ଅବିନଶ୍ୱର କି ନିଗୂଢ଼ ବ୍ୟଥା !
–(ଚକ୍ରବାକ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

# ୫ ନାବାଳକ ଛାତ୍ର ହତ୍ୟାକାରୀ

## ଅପ୍ରାକୃତ ଯୌନ ସମ୍ପର୍କ ପରେ ତଣ୍ଟି ଚିପି ହତ୍ୟା

- ମଦ୍ରାସା ପାଇଖାନା ଟାଙ୍କିରୁ ନିଖୋଜ ଛାତ୍ରଙ୍କ ମୃତଦେହ ଜବତ ଘଟଣା
- ୧୩ ଦିନ ପାଇଁ ଗଲେ ଅନୁଗୋଳ ବାଳ ସୁଧାର ଗୃହ

ନୟାଗଡ଼,୬।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି କୁଳାସର ପଞ୍ଚାୟତ ନୀଳପଲ୍ଲୀ ଗାଁରେ ଥିବା ମଦ୍ରାସାର ପାଇଖାନା ଟାଙ୍କିରୁ ନାବାଳକ ଛାତ୍ର (୧୨)ଙ୍କ ମୃତଦେହ ଜବତ ଘଟଣାର ଗୁମର ଫିଟିଛି। ଏହି ଛାତ୍ର ଜଣକ ସେହି ମଦ୍ରାସାର ହୋଇଥିବାବେଳେ ସେ ନିଖୋଜ ଥିଲେ। ତାଙ୍କ ସହ ଉକ୍ତ ମଦ୍ରାସାର ୨ ନାବାଳକ ଛାତ୍ର ଜବରଦସ୍ତି କରି ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ପରେ ପୀଡ଼ିତଙ୍କୁ ଉକ୍ତ ୨ ନାବାଳକଙ୍କ ସମେତ ୫ଜଣ ଛାତ୍ର ମିଶି ତଣ୍ଟିଚିପି ହତ୍ୟା କରିଥିବା ଜଣାପଡ଼ିଛି। ଏପରି କି ପ୍ରମାଣ ନଷ୍ଟ ପାଇଁ ଛାତ୍ରଙ୍କ ମୃତଦେହକୁ ପାଇଖାନା ଟାଙ୍କିରେ ଫୋପଡ଼ାଯାଇଥିଲା। ପରେ ସେ ନିଖୋଜ ବୋଲି ହତ୍ୟା କରିଥିବା ଛାତ୍ରମାନେ ପ୍ରଧାନ ଶିକ୍ଷକଙ୍କୁ ସଫେଇ ଦେଇ ଚୁପଚାପ୍ ରହିଥିଲେ। ହତ୍ୟାର ପ୍ରମାଣ ମିଳିବା ପରେ ପୋଲିସ ହତ୍ୟା ଅଭିଯୋଗରେ ୫ ଛାତ୍ରଙ୍କୁ ନୟାଗଡ଼ ବାଳ ଅପରାଧ କୋର୍ଟରେ ଶନିବାର ହାଜର କରିଥିଲା। କୋର୍ଟ ନିର୍ଦ୍ଦେଶ ମୁତାବକ ପୋଲିସ ୧୩ ଦିନ ପାଇଁ ୫ ଛାତ୍ରଙ୍କୁ ଅନୁଗୋଳ ବାଳ ସୁଧାର ଗୃହକୁ ପଠାଇଛି।

ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡାଙ୍କ ସୂଚନା ଅନୁସାରେ ନୀଳପଲ୍ଲୀରେ ଥିବା ମଦ୍ରାସାରେ ୧୬ଜଣ ପଢୁଛନ୍ତି। ବଡ଼ମ୍ବାଗଡ଼ ଅଞ୍ଚଳର ଜଣେ ଛାତ୍ର ରହିମ (ଛଦ୍ମନାମ)ଙ୍କ ମୃତଦେହ ପାଇଖାନା ଟାଙ୍କିରୁ ଉଦ୍ଧାର ହେବା ପରେ ଗତ ୩ ତାରିଖରେ ହତ୍ୟା ମାମଲା ହୋଇଛି। ଘଟଣାର ତଦନ୍ତ ରଣପୁର ଥାନା ଆଇଆଇସି କରୁଛନ୍ତି। ଘଟଣାରେ ମଦ୍ରାସାର ସମସ୍ତଙ୍କୁ ପଚରାଉଚୁରା କରାଯାଇଥିଲା। ଅନ୍ୟପକ୍ଷରେ ସିସିଟିଭି ଯାଞ୍ଚ କରାଯାଇଥିଲା। ସିସିଟିଭିରେ ଆସୁଥିବା ବ୍ୟକ୍ତିବିଶେଷଙ୍କର କାର୍ଯ୍ୟକଳାପ ଅନୁଧ୍ୟାନ କରାଯାଇଥିଲା। ପୁଣି ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ରିପୋର୍ଟକୁ ପରୀକ୍ଷଣ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା ଯେ, ଜଣେ ୧୫ ବର୍ଷର ଛାତ୍ର ଅକବର (ଛଦ୍ମନାମ) ହେଉଛନ୍ତି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ। ଅକବର ପ୍ରାୟ ୧ବର୍ଷ ହେଲା ରହିମ୍‌ଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖୁଥିଲେ। ବାରମ୍ବାର ଅପ୍ରାକୃତ ଯୌନ ସମ୍ପର୍କ ରଖିବା ପରେ ରହିମ୍ ପ୍ରତିବାଦ କରି ମା'ବାପାଙ୍କୁ ଜଣାଇବ ବୋଲି କହିଥିଲେ। ହେଲେ ଘରେ ନ କହିବା ପାଇଁ ରହିମ୍‌ଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ଗତ ୩୧ ତାରିଖରେ ଅକବର ଅନ୍ୟ ୪ଜଣ ସହପାଠୀଙ୍କୁ ନେଇ ରହିମ୍‌ଙ୍କୁ ମାରିଦେବା ଉଦ୍ଦେଶ୍ୟରେ ପାଇଖାନା ଟାଙ୍କି ଭିତରକୁ ଫୋପାଡ଼ି ଦେଇଥିଲେ। ତେବେ ଟାଙ୍କି ଭିତରୁ ରହିମ୍ ଉଠି ବଞ୍ଚିଯାଇଥିଲେ। ତାଙ୍କର ମୁଣ୍ଡରେ କେବଳ ସାମାନ୍ୟ ଆଘାତ ଲାଗିଥିଲା। ଘଟଣାକୁ ୫ ଛାତ୍ର ଲୁକ୍କାୟିତ ରଖିଥିଲେ। ଶିକ୍ଷକଙ୍କୁ ବି କହି ନ ଥିଲେ। କେତେଜଣ ଛାତ୍ର ଘଟଣା ସମ୍ପର୍କରେ ଜାଣିଥିଲେ ବି ମୁହଁ ଖୋଲି ନ ଥିଲେ। ଏପରି କି ରହିମ୍ ମଧ୍ୟ ମୁହଁ ଖୋଲି ନ ଥିଲେ। ଗତ ୨ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୦ରୁ ୧୧ଟା ଭିତରେ ଅକବର ଅନ୍ୟଜଣେ ସହପାଠୀଙ୍କୁ ନେଇ ରହିମ୍‌ଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ରଖିଥିଲେ। ପରେ ୪ ସହପାଠୀ ରହିମ୍‌ଙ୍କ ହାତ ଧରିଥିବାବେଳେ ତାଙ୍କ ତଣ୍ଟିକୁ ଚିପି ହତ୍ୟା କରିଥିଲେ ଅକବର। ପରେ ପାଇଖାନା ଟାଙ୍କିକୁ ମୃତଦେହ ଫୋପାଡି ସେମାନେ ଚାଲି ଯାଇଥିଲେ। ଅନ୍ୟପକ୍ଷରେ ରହିମ୍ ନିଖୋଜ ହୋଇଯାଇଥିବା ନେଇ ଅପରାହ୍ନ ସାଢ଼େ ୧ଟାରେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ। ହତ୍ୟା ପରେ ପ୍ରତିଦିନ ପରି ସେମାନେ ସାଧାରଣ ଆଚରଣ ଦେଖାଇଥିଲେ।

ଅଭିଯୋଗ ଅନୁସାରେ ରହିମ୍ ମଦ୍ରାସାରେ ଅନ୍ତେବାସୀ ଭାବେ ରହି ପ୍ରାୟ ୧ବର୍ଷ ହେଲା ପାଠ ପଢୁଥିଲେ। ସେ ୨ ଘଣ୍ଟା ହେଲା ନିଖୋଜ ଥିବାନେଇ ମଦ୍ରାସା ପକ୍ଷରୁ ଗତ ୨ ତାରିଖ ଅପରାହ୍ନ ୪ଟାରେ ପରିବାର ଲୋକଙ୍କୁ କୁହାଯାଇଥିଲା। ଫୋନ ପାଇବା ପରେ ୨ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ପୁତୁରାଙ୍କ ସହ ରହିମ୍‌ଙ୍କ ବାପା ମଦ୍ରାସାରେ ପହଞ୍ଚିଥିଲେ। ଖୋଜାଖୋଜି କରିଥିଲେ ମଧ୍ୟ ରହିମ୍‌ଙ୍କ ଟେର୍ ମିଳି ନ ଥିଲା। ପୁଅକୁ ଖୋଜିବା ପାଇଁ ମଦ୍ରାସାରେ ଲାଗିଥିବା ସିସିଟିଭିର ଯାଞ୍ଚ କରିବାକୁ ସେ ଅନୁରୋଧ କରିଥିଲେ ମଧ୍ୟ ସହଯୋଗ ମିଳି ନ ଥିଲା। ତେବେ ୩ ତାରିଖ ଅପରାହ୍ନ ୧ଟାରେ ପରିତ୍ୟକ୍ତ ପାଇଖାନା ଭିତରେ ରହିମ୍‌ଙ୍କ ମୃତଦେହ ଭାସୁଥିବାର ଦେଖିବାକୁ ମିଳିଥିଲା। ପାଇଖାନା ଟାଙ୍କିର ଗୋଟିଏ ମୁହଁରେ ରହିମ୍‌ଙ୍କ ମୃତଦେହ ଓ ଅନ୍ୟ ମୁହଁରେ ଏକ କୁକୁରର ମୃତଦେହ ଭାସୁଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ମଦ୍ରାସା କର୍ତ୍ତୃପକ୍ଷଙ୍କ ଅସହଯୋଗକୁ ଭିତ୍ତିକରି ରହିମ୍‌ଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ପରେ ପୋଲିସ ୨୭୦ ନମ୍ବରରେ ମାମଲା ରୁଜୁକରି ତଦନ୍ତ କରିଥିଲା।

# ୨୦ହଜାର ଲାଞ୍ଚ: ଫାଣ୍ଡି ଅଧିକାରୀ ଗିରଫ

## ଇଟା ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ରିପୋର୍ଟ ପାଇଁ ଟଙ୍କା ଦାବି କରିଥିଲେ

ବାଙ୍କୀ,୬।୯(ଶୁଭେନ୍ଦୁ ମହାପାତ୍ର)

ଏକ ଇଟା ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ସମ୍ପର୍କିତ ରିପୋର୍ଟ ପ୍ରଦାନ ପାଇଁ ୨୦ହଜାର ଟଙ୍କା ଲାଞ୍ଚ ନେଇ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ବିଟ୍ ହାଉସର ଏସ୍‌ଆଇ ପ୍ରସନ୍ନ କୁମାର ମାହାଳି ଶନିବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। କଟକ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ଏକ୍କାଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ଟିମ୍ ଚଢ଼ାଉକରି ବିଟ୍ ହାଉସ୍ ଅଧିକାରୀ ମାହାଳିଙ୍କୁ ଗିରଫ କରିବା ସହ ତାଙ୍କ ରୁମ୍ ଭିତରୁ ନଗଦ ୨୦ ହାଜର ଟଙ୍କା ଜବତ କରିଛନ୍ତି। ଏଥିସହିତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ମାହାଳୀଙ୍କ ୩ଟି ସ୍ଥାନରେ ଚଢ଼ାଉ କରାଯାଇଛି। ମାହାଳିଙ୍କୁ ପଚରାଉଚରା ଚାଲିଛି। ରବିବାର ତାଙ୍କୁ ଭିଜିଲାନ୍ସ କୋର୍ଟ ଚାଲାଣ କରାଯିବ ବୋଲି ଡିଏସ୍‌ପି ଏକ୍କା କହିଛନ୍ତି।



ପ୍ରସନ୍ନ କୁମାର ମାହାଳି

ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ବାଉଁଶପୁଟ ପଞ୍ଚାୟତ ପାଳପୁଟ ଗ୍ରାମର ଦିଲେଶ୍ୱର ମାଝୀଙ୍କ ଇଟାଭାଟିରେ ଗତ କିଛି ଦିନ ତଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଉକ୍ତ କ୍ଷୟକ୍ଷତିର ଇନ୍‌ସ୍ୟୁରାନ୍ସ କ୍ଲେମ ପାଇଁ ରିପୋର୍ଟ ପ୍ରଦାନ କରିବାକୁ ଦିଲେଶ୍ୱର ଫାଣ୍ଡି ଅଧିକାରୀ ମାହାଳିଙ୍କ ନିକଟରେ ଆବେଦନ କରିଥିଲେ। ହେଲେ ମାହାଳି ରିପୋର୍ଟ ପ୍ରଦାନ ପାଇଁ ଦିଲେଶ୍ୱରଙ୍କୁ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଦିଲେଶ୍ୱର କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏନେଇ ଭିଜିଲାନ୍ସ କେସ୍ ନଂ.୨୭/୫।୯।୨୦୨୫ରେ ଏକ ମାମଲା ରୁଜୁ ହୋଇଥିଲା। ଶନିବାର ଅପରାହ୍ନରେ କଟକ ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ଏକ୍କାଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଜ୍ୟୋତି ଶଙ୍କର ସାହୁ, ପ୍ରଭାସିନୀ ପୁହାଣ, ବିଜୟ କୁମାର ସେଠୀଙ୍କ ସମେତ ୧୧ ଜଣିଆ ଟିମ ଚଢ଼ାଉ କରି ମାହାଳିଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

# ମହିଳା ସରପଞ୍ଚଙ୍କୁ ସଂଘବଦ୍ଧ ଆକ୍ରମଣ

## ଶାଢ଼ି, ବ୍ଲାଉଜ ଚିରି ମଙ୍ଗଳସୂତ୍ର, ସୁନାଚେନ ଲୁଟିନେଲେ

ରାଜନଗର,୬।୯(ଭାସ୍କର ରାଉତରାଏ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶନିବାର ଜଣେ ମହିଳା ସରପଞ୍ଚଙ୍କ ଘରେ ପଶି ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏପରିକି ତାଙ୍କ ଶାଢ଼ି ଓ ବ୍ଲାଉଜ ଇତ୍ୟାଦି ଟାଣି ଚିରି ଦେବା ସହ ସୁନାଗହଣା ଲୁଟି ନିଆଯାଇଛି। ଘଟଣାସ୍ଥଳରେ ସ୍ୱାମୀ ପହଞ୍ଚି ବଞ୍ଚାଇବାକୁ ଉଦ୍ୟମ କରିବାକୁ ତାଙ୍କୁ ମଧ୍ୟ ନିର୍ମମ ମାଡ଼ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଏକ ପଞ୍ଚାୟତରେ ଏହିପରି ଘଟଣା ଘଟିଛି। ଏନେଇ ଥାନାରେ ଖବର ଦିଆଯିବା ସତ୍ତ୍ୱେ ପୋଲିସ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ପରେ ସମ୍ପୃକ୍ତା ସରପଞ୍ଚ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

# ଗଞ୍ଜେଇ ଭର୍ତ୍ତି କାର୍ ଜାଳିଦେଲେ ଡ୍ରାଇଭର

ସୋନପୁର/ବିନିକା,୬।୯(ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହର ନୂଆବଜାରଠାରେ ଗଞ୍ଜେଇ ବୋଝେଇ ହୋଇ ଯାଉଥିବା ଏକ କାର୍‌ର ଆଗ ଚକା ଫାଟି ଯିବାରୁ ଧରାପଡ଼ିଯିବା ଭୟରେ ଏହାର ଡ୍ରାଇଭର କାର୍‌ରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଏଥିସହିତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିନିକା ପୋଲିସ ଅଧାପୋଡ଼ା କାର୍ ଓ ଗଞ୍ଜେଇକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଜବତ ଗଞ୍ଜେଇର ଓଜନ ପ୍ରାୟ ଅଢେଇ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ। ଏହାର ବଜାର ମୂଲ୍ୟ ୨.୫କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗାଡ଼ିରେ ନମ୍ବର ପ୍ଲେଟ ଖୋଲାଯାଇଥିବାରୁ ଏହାର ମାଲିକ କିଏ ସେନେଇ ଯାଞ୍ଚ ଚାଲିଛି।



ମିଳିଥିବା ସୂଚନା ଅନୁସାରେ, ଶନିବାର ସକାଳେ ଏକ ଧଳା କାରରେ ବିପୁଳ ପରିମାଣର ଗଞ୍ଜେଇ ବୌଦ୍ଧ ଜିଲାର ଚୋରା ଚାଲାଣ ହେଉଥିଲା। ସକାଳ ପ୍ରାୟ ୬ଟାରେ ନୂଆବଜାର ଠାରେ କାର୍‌ର ଡାହାଣ ପାର୍ଶ୍ୱ ଆଗ ଚକ ଫାଟି ଯାଇଥିଲା। କାର୍ ଡ୍ରାଇଭର ଗାଡ଼ିରୁ ବାହାରି ତରବର ଭାବେ ନମ୍ବର ପ୍ଲେଟ୍ ଖୋଲିଦେଇଥିଲେ। ପରେ ନିଜେ ପେଟ୍ରୋଲ ଢାଳି କାର୍‌କୁ ଜାଳିଦେଇଥିବା ପ୍ରତ୍ୟକ୍ଷଦର୍ଶୀମାନେ ସୂଚନା ଦେଇଛନ୍ତି। ଏପରିକି ଗଞ୍ଜେଇ ବୋଝେଇ କାର୍ ପଛରେ ଏସ୍କର୍ଟ କରି ଯାଉଥିବା କାର୍‌ରେ ବସି ଡ୍ରାଇଭର ଫେରାର ହୋଇଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ କାର୍ ଆଗ ଚକ ଫାଟିଯାଇଥିବାରୁ ଆଗକୁ ବଢ଼ିବା ସମ୍ଭବ ନ ଥିଲା। ଏପରିକି ମାର୍କେଟ୍ ଭିତରେ ଚକ ବଦଳାଇବା ସମୟରେ ଗଞ୍ଜେଇ ବାସ୍ନା ଯୋଗୁ ପୋଲିସ ଓ ଅବକାରୀ ବିଭାଗ ହାତରେ ଧରା ପଡ଼ିଯିବାର ଭୟ ଥିଲା। ତେଣୁ ଗଞ୍ଜେଇ ବ୍ୟବସାୟୀଙ୍କ ନିର୍ଦ୍ଦେଶକ୍ରମେ ଡ୍ରାଇଭର କାର୍‌ରେ ନିଆଁ ଲଗାଇଦେଇଥିବା ସନ୍ଦେହ କରାଯାଉଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା।

ପ୍ରକାଶ ଯେ, ବୌଦ୍ଧ ଓ କନ୍ଧମାଳ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଅନେକ ହଜାର ଏକର ଜଙ୍ଗଲ ଜମିରେ ଗଞ୍ଜେଇ ଚାଷ ହୋଇଛି। ନିଶା କାରବାର ରୋକିବା ପାଇଁ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। କିନ୍ତୁ ନିଶା କାରବାର କରୁଥିବା ଆନ୍ତଃରାଜ୍ୟ ଅପରାଧୀଙ୍କ ନେଟ୍‌ୱର୍କ ଭାଙ୍ଗିପାରୁନାହିଁ।









# ଭାଷା ହେଉଛି ଆମର ପ୍ରଥମ ପରିଚୟ: ମୁଖ୍ୟମନ୍ତ୍ରୀ

## ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ପକ୍ଷରୁ ଓଡ଼ିଶା ଲିଟେରାରି ଫେଷ୍ଟିଭାଲ



ଓଡ଼ିଶା ଲିଟେରାରି ଫେଷ୍ଟିଭାଲକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)**

ସାହିତ୍ୟ ହେଉ ବା ଶିକ୍ଷା, ଆମର ପ୍ରଥମ ପରିଚୟ ହେଉଛି ଆମ ଭାଷା। ଓଡ଼ିଆ ଆମ ମୁଖ୍ୟ ଭାଷା ହେଲେ ମଧ୍ୟ ଓଡ଼ିଶାରେ ୬୨ ବର୍ଗର ଆଦିବାସୀ ଅଛନ୍ତି। ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଶନିବାର ଆୟୋଜିତ ଓଡ଼ିଶା ଲିଟେରାରି ଫେଷ୍ଟିଭାଲ(ଓଏଲ୍‌ଏଫ୍)କୁ ଉଦ୍‌ଘାଟନକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଲିଟେରାରି ଫେଷ୍ଟିଭାଲର ୧୩ତମ ସଂସ୍କରଣର ଥିମ୍ ରହିଛି 'ନୋଟ୍ସ ଫ୍ରମ୍ ଦି ଫିଲ୍ଡ୍: ନ୍ୟୁ ନାରେଟିଭ୍ସ, ଲିଭିଂ ରିଆଲିଟିଜ୍'। ଉଦ୍‌ଘାଟନୀ ଭାଷଣରେ ମୁଖ୍ୟମନ୍ତ୍ରୀ କହିଲେ, ୨୦୧୪ ମସିହାରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଅର୍ଜନକରିବା ଫଳରେ ଆମ ଭାଷାର ପ୍ରାଚୀନତା ପ୍ରମାଣିତ ହୋଇସାରିଛି। ପ୍ରାୟ ୩ ହଜାର ବର୍ଷର ଐତିହାସିକତା ଉପରେ ପ୍ରତିଷ୍ଠିତ ଓଡ଼ିଆ ଭାଷାର ଲିପି ବ୍ରାହ୍ମିଲିପିରୁ ତା'ର ଅସ୍ତିତ୍ୱ ଅର୍ଜନ କରିଛି। ଆମ ଭାଷା ମଧ୍ୟ ବିଭିନ୍ନ ଆଞ୍ଚଳିକ ଭାଷା ଓ ଜନଜାତିଙ୍କ ଭାଷା ଦ୍ୱାରା ବହୁଭାବରେ ଉପକୃତ, ଉତ୍ସାହିତ ଓ ସମୃଦ୍ଧ ହୋଇଛି । ଓଡ଼ିଆ ଭାଷାର ବ୍ୟାପକ ପ୍ରଚଳନ, ସମୃଦ୍ଧି ଓ ସଂରକ୍ଷଣ ସକାଶେ ସବୁ ମହଲରେ ଉଦ୍ୟମ ଜାରି ରହିଛି। ଓଡ଼ିଆକୁ ଜ୍ଞାନଭଣ୍ଡାରର ଭାଷା ଭାବରେ ବ୍ୟବହାରକରିବା ଦିଗରେ ସବୁପ୍ରକାର ପ୍ରଚେଷ୍ଟା ଚାଲିଛି। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ, କେନ୍ଦ୍ର ସରକାର ବିଭିନ୍ନ ପାଠ୍ୟପୁସ୍ତକ, ଏପରିକି ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୃତ୍ତିଗତ ବିଦ୍ୟାର ଅଧ୍ୟୟନ ନିମନ୍ତେ ଆବଶ୍ୟକ ପାଠ୍ୟପୁସ୍ତକକୁ ଓଡ଼ିଆ ଭାଷାରେ ପ୍ରକାଶ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍‌ର ସମ୍ପାଦକୀୟ ନିର୍ଦ୍ଦେଶକ ପ୍ରଭୁ ଚାୱଲା, ଦି ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ଗ୍ରୁପ୍‌ର ସିଇଓ ଲକ୍ଷ୍ମୀ ମେନନ୍ ଏବଂ ଓଡ଼ିଶାର ରେସିଡେଣ୍ଟ ଏଡିଟର ଶିବ ମହାନ୍ତି ଉପସ୍ଥିତ ଥିଲେ। ୩୦ଜଣ ବିଶିଷ୍ଟ ବକ୍ତା ୧୬ଟି ବିଶେଷ ଅଧିବେଶନରେ ସାମିଲହୋଇ ସାହିତ୍ୟ, କଳା, ସଙ୍ଗୀତ ଓ ସିନେମା ବିଷୟରେ ଆଲୋଚନା କରିଥିଲେ।

## ଭୁବନେଶ୍ୱରରେ ସାଇନ୍ସ ସିଟି ପାଇଁ ବିହାରରୁ ଆସିବେ ସ୍ୱତନ୍ତ୍ର ଅଧିକାରୀ

**ଭୁବନେଶ୍ୱର,୬।୯(ସୁଚିସ୍ମିତା ସାହୁ):** ଭୁବନେଶ୍ୱରର ୧୦୦ ଏକର ଜାଗାରେ ସାଇନ୍ସ ସିଟି ନିର୍ମାଣ କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି। ଏଥିପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଓ ପ୍ରକ୍ରିୟା ଆରମ୍ଭ ହୋଇଛି। ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ରହିବ। ସେହିପରି ବୈଜ୍ଞାନିକଙ୍କ ଅନୁସନ୍ଧିତ୍ସା, ଉଦ୍ଭାବନ ଓ ଶିକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସାଇନ୍ସ ସିଟି ନିର୍ମାଣ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ବିହାରର ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ଆମ ରାଜ୍ୟକୁ ଆମନ୍ତ୍ରଣ କରାଯିବ। ଆବଶ୍ୟକ କ୍ରମେ ସେମାନଙ୍କ ପରାମର୍ଶ ମଧ୍ୟ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଗତ ସପ୍ତାହରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବିହାର ଗସ୍ତକରି ପାଟନାସ୍ଥିତ ଡ. ଏପିଜେ ଅବଦୁଲ କଲାମ ବିଜ୍ଞାନ ସିଟି ପରିଦର୍ଶନ କରିଥିଲେ। ଏଥିସହ ଏହି ଗସ୍ତ ସମୟରେ ସେ ବିହାରର ଦୁଇ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା ଏବଂ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତକରି ଏହି ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ।

## ଏଫ୍‌ଏମ୍ ରେଡିଓରେ ଦିଆଯିବ ଟ୍ରାଫିକ୍ ସୂଚନା

**ଭୁବନେଶ୍ୱର,୬।୯(ସତ୍ୟଜିତ ରାଉତ)**

### ରାଜଧାନୀରେ ଭିଡ଼ ନିୟନ୍ତ୍ରଣ ପାଇଁ ନୂଆ ବ୍ୟବସ୍ଥା

ରାଜଧାନୀରେ ଟ୍ରାଫିକ ସମସ୍ୟା କମିଶନରେଟ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ବିଶେଷକରି ସକାଳ ଓ ସନ୍ଧ୍ୟାରେ ରାସ୍ତା ଜାମ୍ ରହୁଛି। ଆଗକୁ ଦୁର୍ଗାପୂଜା ଆସୁଥିବାରୁ ଭିଡ଼ ନିୟନ୍ତ୍ରଣ କରିବାକୁ ବିକଳ୍ପ ବ୍ୟବସ୍ଥା କରିଛି ପୋଲିସ। ଏଣିକି ଏଫଏମ୍ ରେଡିଓରେ ଭୁବନେଶ୍ୱର ଟ୍ରାଫିକ ସମ୍ବନ୍ଧୀୟ ସୂଚନା ଦିଆଯିବ। ଟ୍ରାଫିକ ସ୍ଥିତି ନେଇ ଅପ୍‌ଡେଟ୍ ଦେବ କମିଶନରେଟ ପୋଲିସ। ଏଥିପାଇଁ ସମସ୍ତ ଏଫ୍‌ଏମ୍ ଚ୍ୟାନେଲ ସହ ଆଲୋଚନା ହୋଇଛି। ଟ୍ରାଫିକ ପୋଲିସ ସହ ଏଫ୍‌ଏମ୍ ରେଡ଼ିଓ ଟିମ୍ କାମ କରିବ। ଲୋକମାନଙ୍କୁ ସଚେତନ କରାଯାଇ ଟ୍ରାଫିକ ଭିଡ଼ କମାଇବାକୁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ଡିସିପି ଜଗମୋହନ ମିନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶନିବାର ପ୍ରାୟ ୫ଟି ଏଫ୍‌ଏମ୍ ଚ୍ୟାନେଲ ଟିମ୍ କମିଶନରେଟ ପୋଲିସ ସହ ଆଲୋଚନା କରିଛନ୍ତି। ଏନେଇ ହ୍ୱାଟ୍ସଆପ୍ ଗ୍ରୁପ ମଧ୍ୟ କରାଯାଇଛି। ଟ୍ରାଫିକ ଭିଡ଼ ନେଇ ଭଏସ୍ ନୋଟ୍ କିମ୍ବା ଅନ୍ୟାନ୍ୟ ତଥ୍ୟ ଛାଡ଼ିବା ପରେ ଏଫ୍‌ଏମ୍ ଟିମ୍ ପକ୍ଷରୁ ଲୋକମାନଙ୍କୁ ଅବଗତ କରାଯିବ। ଏହାଦ୍ୱାରା ଲୋକମାନେ ଭିଡ଼ ରାସ୍ତାରେ ନ ଯାଇ ବିକଳ୍ପ ରାସ୍ତାରେ ଯାତାୟାତ କରିବେ। ସବୁ ଭିଡ଼ ସମୟରେ ଲୋକଙ୍କୁ ସଚେତନ କରିବାକୁ ବ୍ୟବସ୍ଥା କରାଯାଇଛି ବୋଲି ଡିସିପି କହିଛନ୍ତି।

## ଉତ୍କଳ ହସ୍ପିଟାଲରେ ଟିଏମ୍‌ଭିଆର୍ ପ୍ରକ୍ରିୟା ସଫଳ



**ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)**

ଉତ୍କଳ ହସ୍ପିଟାଲର କାର୍ଡିଆକ କେୟାରରେ ଟ୍ରାନ୍ସକାଥେଟର ମିଟ୍ରାଲ ଭାଲ୍ଭ ରିପ୍ଲେସ୍‌ମେଣ୍ଟ (ଟିଏମ୍‌ଭିଆର୍) ପ୍ରକ୍ରିୟା ସଫଳ ହୋଇଛି। କାର୍ଡିଆକ୍ ଆନାସ୍ଥେସିଓଲୋଜିଷ୍ଟ ଡା. ନାରାୟଣ ପ୍ରତିହାରୀ କ୍ୟାଥ୍ ଲାବ୍ ଏବଂ ଏସ୍‌ସିୟୁ ଦଳର ସହଯୋଗରେ ଏହି ଚିକିତ୍ସା ପ୍ରକ୍ରିୟା କରିଥିଲେ। ହସ୍ପିଟାଲ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୭୬ ବର୍ଷ ବୟସର ଜଣେ ପୁରୁଷ ୧୨ବର୍ଷ ପୂର୍ବରୁ ମିଟ୍ରାଲ ଭାଲ୍ଭ ରିପ୍ଲେସ୍‌ମେଣ୍ଟ ସର୍ଜରି କରାଇଥିଲେ। ସେ ଗୁରୁତର ମିଟ୍ରାଲ ରିଗର୍ଜିଟେଶନ (ଏମ୍‌ଆର୍) ସମସ୍ୟା ସହିତ ଆସିଥିଲେ। ଔଷଧରେ କୌଣସି ସୁଧାର ଆସି ନ ଥିଲା କି ପୁଣିଥରେ ସର୍ଜରି ସମ୍ଭବ ନ ଥିଲା। ଏପରି ସ୍ଥିତିରେ ସିନିୟର ଇଣ୍ଟରଭେନଶନାଲ କାର୍ଡିଓଲୋଜିଷ୍ଟ ଡା. ସୁଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ହାର୍ଟ ଟିମ୍ ଟିଏମ୍‌ଭିଆର୍ କରିବାକୁ ନିଷ୍ପତ୍ତି ନେଲେ। ଡା. ବିରଞ୍ଚିଙ୍କ ସହଯୋଗରେ ପ୍ରକ୍ରିୟାକୁ ସଫଳ କରାଗଲା। ସୂଚନା ଥାଉକି, ଟ୍ରାନ୍ସକାଥେଟର୍ ମିଟ୍ରାଲ ଭାଲ୍ଭ ରିପ୍ଲେସ୍‌ମେଣ୍ଟ (ଟିଏମ୍‌ଭିଆର୍) ହେଉଛି ଗୋଟିଏ ମିନିମାଲି ଇନ୍‌ଭେସିଭ ପ୍ରକ୍ରିୟା। ଏଥିରେ କ୍ଷତିଗ୍ରସ୍ତ ମିଟ୍ରାଲ ଭାଲ୍‌ଭକୁ ଓପନ୍ ହାର୍ଟ ସର୍ଜରି ବିନା ବଦଳାଯାଇପାରେ। ଏହା ଗୁରୁତର ମିଟ୍ରାଲ ଭାଲ୍ଭ ରୋଗ (ମିଟ୍ରାଲ ଷ୍ଟେନୋସିସ୍ କିମ୍ବା ମିଟ୍ରାଲ ରିଗର୍ଜିଟେଶନ)ରେ ପୀଡ଼ିତ ରୋଗୀ ତଥା ବୟସ୍କ ଏବଂ ଉଚ୍ଚ-ସର୍ଜିକାଲ-ରିସ୍କ ରୋଗୀମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ପ୍ରକ୍ରିୟା।

## ମାନସିକ ଭାରସାମ୍ୟ ହରାଇ ଯୁବକଙ୍କ ଆତ୍ମହତ୍ୟା

**ବାରଙ୍ଗ, ୬।୯(ଲିଙ୍ଗରାଜ ରାଉତ)**

ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଶନିବାର ଅଭିଯୋଗ ହୋଇଛି। ସେ ହେଲେ ଗଦେଇକୁଦ ସାହିରେ ରହୁଥିବା ଜଗତ୍‌ସିଂହପୁର ତେନ୍ତୁଳିବେଲା ଗ୍ରାମର ସୁରେଶ ବିଶ୍ୱାଳ (୨୩)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ବିଳମ୍ବିତ ରାତିରେ ସୁରେଶ ଏକ ଗାମୁଛା ସାହାଯ୍ୟରେ ଘର ଆଜବେଷ୍ଟସ ଲୁହାପାଇପ୍‌ରେ ଝୁଲିପଡ଼ିଥିଲେ। ଶନିବାର ସକାଳୁ ପଡୋଶୀମାନେ ଏହାଦେଖି ବାରଙ୍ଗ ଥାନା ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସୁରେଶଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ହେଲେ ସୁରେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## 'ମୋ ଜୀବନରେ ବ୍ରହ୍ମଯୋଗୀ ସାଇ' ଉନ୍ମୋଚିତ



ରାଜ୍ୟସ୍ତରୀୟ ସାଇ ଭକ୍ତ ସମ୍ମିଳନୀରେ ସାଇଭକ୍ତମାନେ ଆଧ୍ୟାତ୍ମିକ ପୁସ୍ତକ 'ମୋ ଜୀବନରେ ବ୍ରହ୍ମଯୋଗୀ ସାଇ'କୁ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୬। ୯ (ସୌମ୍ୟରଞ୍ଜନ ରାଉତ)**

ସୂଚନା ଭବନ ସମ୍ମିଳନୀ କକ୍ଷରେ ତୃତୀୟ ରାଜ୍ୟସ୍ତରୀୟ ସାଇ ଭକ୍ତ ସମ୍ମିଳନୀ ଶନିବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଲିଖିତ ସ୍ୱତନ୍ତ୍ର ଆଧ୍ୟାତ୍ମିକ ପୁସ୍ତକ 'ମୋ ଜୀବନରେ ବ୍ରହ୍ମଯୋଗୀ ସାଇ' ଉନ୍ମୋଚିତ ହୋଇଯାଇଛି। ସାଇଭକ୍ତ ପ୍ରଫେସର ଡ. ବିଜୟା ମିଶ୍ର, ସାହିତ୍ୟିକା ବନଜା ଦେବୀ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ପଣ୍ଡା, ସମ୍ମିଳନୀର ମୁଖ୍ୟ ଆୟୋଜକ ପବିତ୍ର ମୋହନ ସାମଲଙ୍କ କରକମଳରେ ପୁସ୍ତକଟି ସାଇ ବାବାଙ୍କୁ ଅର୍ପଣ ପୂର୍ବକ ଲୋକାର୍ପିତ ହୋଇଥିଲା। ପୁସ୍ତକର ଲେଖକ ଚୌଧୁରୀ ଅନୁଭୂତି ସମ୍ପର୍କିତ ଅନେକ ତଥ୍ୟ ଏବଂ ତତ୍ତ୍ୱ ଭକ୍ତମାନଙ୍କ ପାଖରେ ରଖିଥିଲେ। ଏଥିସହ ଶ୍ରୀ ଜଗନ୍ନାଥଙ୍କ ତତ୍ତ୍ୱ ସହିତ ସଦ୍‌ଗୁରୁ ସାଇରାମଙ୍କ ତତ୍ତ୍ୱକୁ ବ୍ରହ୍ମତତ୍ତ୍ୱ ଏବଂ ଗୁରୁତତ୍ତ୍ୱ ମାଧ୍ୟମରେ ସମ୍ମିଳିତ କରି ଉପସ୍ଥାପନ କରିଥିଲେ।

## ଅନ୍ତର୍ଜାତୀୟ ସମବାୟ ବର୍ଷ, ନୂଆଖାଇ ଭେଟ୍‌ଘାଟ୍




**ଭୁବନେଶ୍ୱର, ୬।୯ (ବନ୍ଦନା ସେଠୀ)**

ନିଖିଳ ଓଡ଼ିଶା ପ୍ୟାକ୍ସ ଏବଂ ଲ୍ୟାମ୍ପ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଓ ନୂଆଖାଇ ଭେଟ୍‌ଘାଟ୍ ଉତ୍ସବ ଆର୍‌ସିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଯୋଗଦେଇ 'ବିକଶିତ ଓଡ଼ିଶା ୨୦୩୬' ପାଇଁ ସମବାୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସମବାୟ ମନ୍ତ୍ରୀ ଅରବିନ୍ଦ ଢାଲି ଯୋଗଦେଇ କହିଲେ, ୨୦୦୨ରେ ପ୍ରଣୟନ ହୋଇଥିବା ଓଡ଼ିଶା ସେଲ୍‌ଫ ହେଲ୍‌ପ୍ କୋପରେଟିଭ୍ ଆଇନ୍‌ର ସୁଫଳ ବର୍ତ୍ତମାନ ଓଡ଼ିଶାବାସୀ ପାଇପାରୁଛନ୍ତି। ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଯଜ୍ଞେଶ୍ୱର ବାବୁ ସମବାୟ ପ୍ରଗତିରେ ରାଜ୍ୟ ଓ ଦେଶର ପ୍ରଗତି ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ସ୍ତମ୍ଭକାର ପ୍ରତାପ ସାମଲ, ଅରୁଣ ଉଦୟ ପାତ୍ର, ରାଧାମୋହନ ସାମଲ, କୋଷାଧ୍ୟକ୍ଷ ହେମନ୍ତ ନାୟକ, କୋଅର୍ଡିନେଟର୍ ବିଧାନ ଚନ୍ଦ୍ର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ଉପସଭାପତି ଚନ୍ଦ୍ରଶେଖର ନାୟକ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିବାବେଳେ ନିରଞ୍ଜନ ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀପଠାରେ ଫସିଥିବା ଗୋରୁପଲଙ୍କୁ ରକ୍ଷା କଲା ଅଗ୍ନିଶମ ବାହିନୀ

**ବାରଙ୍ଗ,୬।୯(ଲିଙ୍ଗରାଜ ରାଉତ)**

କାଠଯୋଡ଼ି ନଦୀର ତ୍ରିଶୂଳିଆ ବ୍ରିଜ ନିକଟ କାଜିପାଟଣା ପଠାରେ ୨୦ରୁ ଊର୍ଦ୍ଧ୍ୱ ଗୋରୁପଲ ଫସି ଯାଇଥିଲେ। ଅଗ୍ନିଶମ ବାହୀନି କର୍ମଚାରୀଙ୍କ ଉଦ୍ୟମ ଯୋଗୁ ସେମାନେ ରକ୍ଷା ପାଇଯାଇଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ଗୋରୁପଲ ନଦୀ ପଠାକୁ ଚରିବାକୁ ଯାଇଥିଲେ। ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦର ୨୪ ଗେଟ୍ ଖୋଲିଥିଲା। ଏହି ପାଣି ଶନିବାର ମୁଣ୍ଡଳୀରେ ପହଞ୍ଚିବା ପରେ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା । ଏଥିଯୋଗୁ ପଠା ଚତୁଃପାର୍ଶ୍ୱରେ ପାଣି ଘେରି ହୋଇଯାଇଥିଲା। ଫଳରେ ପଠାକୁ ଚରିବାକୁ ଯାଇଥିବା ଗୋରପଲ କୂଳକୁ ଆସି ନ ପାରି ଫସିରହିଥିଲେ। ବଢୁଥିବା ଜଳସ୍ତର ଯୋଗୁ ଗୋରୁପଲଙ୍କୁ ଉଦ୍ଧାର କରା ନ ଗଲେ ଭାସିଯିବାର ସମ୍ଭାବନା ରହିଥିଲା। ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ଏକ ବୋଟ୍ ସାହାଯ୍ୟରେ ପଠାକୁ ଯାଇ ଗୋରୁପଲଙ୍କୁ ଘଉଡାଇଥିଲା।

## ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

**ବାରଙ୍ଗ,୬।୯(ଲିଙ୍ଗରାଜ ରାଉତ)**

ବାରଙ୍ଗ ତହସିଲ ପକ୍ଷରୁ ନରାଜ ପାଖ ଆର୍‌ଟିଓ ଅଫିସ ସମ୍ମୁଖ କାଠଯୋଡ଼ି ନଦୀପଠାରେ ହୋଇଥିବା ଜବରଦଖଲ ଜାଗାକୁ ଶନିବାର ଉଚ୍ଛେଦ କରାଯାଇଛି। ତହସିଲଦାର ଡ. ତୁଷାର ଜ୍ୟୋତି ରଞ୍ଜନ, ରାମଦାସପୁର ରାଜସ୍ୱ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ କଟକ ମହାନଗର ନିଗମର ଏନଫୋର୍ସମେଣ୍ଟ ଟିମ୍, ଗୋଡିସାହିବିଦ୍ୟୁତ୍‌ବିଭାଗ ଯନ୍ତ୍ରୀ ସୂର୍ଯ୍ୟପ୍ରକାଶ ବେଉରାଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହି ଏହି ଜବରଦଖଲ ଉଚ୍ଛେଦ କରିଥିଲେ। କାଠଯୋଡ଼ି ନଦୀପଠାରେ ବେଆଇନ ଭାବେ ସରକାରୀ ଜାଗାରେ କେତେଜଣ ଯୁବକ ଘର ନିର୍ମାଣ କରି ସେଠାରେ ନିଜର ବ୍ୟବସାୟିକ ପ୍ରତିଷ୍ଠାନ କରିଥିଲେ। ସନ୍ଧ୍ୟାହେବା ମାତ୍ରେ ସେମାନେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ଫଳରେ ସାଧାରଣ ଲୋକେ ସେହି ରାସ୍ତା ଦେଇ ଯାତାୟାତ କରିବାକୁ ଭୟ କରୁଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ସଚେତନଶୀଳ ନାଗରିକମାନେ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାରୁ ତହସିଲ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିଲା। ତେବେ ଏହି ଉଚ୍ଛେଦ ସମୟରେ ନିକଟସ୍ଥ ଏକ ଜଳଖିଆ ଦୋକାନରେ ରଖାଯାଇଥିବା ଗୋଟିଏ ପାଣିକଇଁଛକୁ ଉଦ୍ଧାର କରି ଉଚ୍ଛେଦ ଟିମ୍ ବନ ବିଭାଗକୁ ହସ୍ତାନ୍ତର କରିଛି।

## ନଭେମ୍ବର ୧୦ରୁ ଅନ୍ତର୍ଜାତୀୟ 'ପୁଷ୍ଟିଶସ୍ୟ ସମ୍ମିଳନୀ'

**ଭୁବନେଶ୍ୱର, ୬।୯ (ବନ୍ଦନା ସେଠୀ)**

### ମାଣ୍ଡିଆ ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ମାଣ୍ଡିଆ ଦିବସ ପାଳନ କରୁଛି। ପ୍ରତିବର୍ଷ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ରୂପେ ପାଳନ କରାଯାଉଛି। ଚଳିତବ ବର୍ଷ ମଧ୍ୟ ମାଣ୍ଡିଆ ଦିବସରୁ ଦୁଇଦିନିଆ 'ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀ' ଆରମ୍ଭ ହେବ। ଚଳିତବର୍ଷର ବିଷୟବସ୍ତୁ ରହିଛି 'କୃଷି ଜୈବ ବିବିଧତା ଓ ଐତିହ୍ୟରେ ମହିଳା କୃଷକଙ୍କ ଅବଦାନ'। ଶନିବାର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ପୂର୍ବବର୍ଷ ଭଳି କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟ ବିଶିଷ୍ଟ ଗବେଷକ/ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହେବ। ଏଥିସହ ଏଥର ମାଣ୍ଡିଆ ଦିବସ ସମାବେଶରେ ୪୦୦ରୁ ଅଧିକ ଚାଷୀ, ଏମ୍.ଏସ୍.ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନର ଅଧ୍ୟକ୍ଷା ଡ. ସୌମ୍ୟା ସ୍ୱାମୀନାଥନ, ୟୁନାଇଟେଡ୍ ନେସନ୍ସର ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେଶନର ବୈଜ୍ଞାନିକ, ୱାର୍ଲଡ ଫୁଡ୍ ପ୍ରୋଗ୍ରାମର ଅଧିକାରୀ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମାଣ୍ଡିଆ, ସୁଆଁ, କାଙ୍ଗୁ ଆଦି ବିସ୍ମୃତ ପ୍ରାୟ ଖାଦ୍ୟାନ୍ନର ଉତ୍ପାଦନ, ବ୍ୟବହାର ଓ ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଉଦାହରଣ ସାଜିଛି। ନିକଟରେ ଏଫ୍‌ସିଆଇ ରାଜ୍ୟରୁ ମାଣ୍ଡିଆ ଅନ୍ୟ ରାଜ୍ୟକୁ ପ୍ରେରଣ କରିଛି ଏବଂ ପର୍ଯ୍ୟାୟକ୍ରମେ ମୋଟ ୪୦ ହଜାର ମେଟ୍ରିକ ଟନ୍ ମାଣ୍ଡିଆ କେବଳ ଓଡ଼ିଶାରୁ ନେବା ପାଇଁ ଯୋଜନା ରହିଛି ବୋଲି ପାଢ଼ୀ ସୂଚନା ଦେଇଛନ୍ତି। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏବଂ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।



# ଲାଲକିଲ୍ଲା ତୋରଣରେ ବିରାଜିବେ ଦୁର୍ଗତିନାଶିନୀ







**ଆଇଗିଣିଆ ଦଧିବାମନଦେବ ଦୁର୍ଗାପୂଜା ସମିତି**

**ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)**

ଶାରଦୀୟ ଦୁର୍ଗାପୂଜା ପାଇଁ ରାଜଧାନୀ ଭୁବନେଶ୍ୱର ସମେତ ଉପଖଣ୍ଡ ଅଞ୍ଚଳ ଚଳଚଞ୍ଚଳ ହେବାରେ ଲାଗିଛି। ବଡ଼ ମଣ୍ଡପଠାରୁ ଆରମ୍ଭ କରି କ୍ଲବ୍ ଓ ସାହିରେ ବ୍ୟାପକ ଆୟୋଜନ ଚାଲିଛି। ବିଶେଷକରି ମାଟି ଅନୁକୂଳଠାରୁ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ଆଇଗିଣିଆସ୍ଥିତ ଦଧିବାମନଦେବ ଦୁର୍ଗାପୂଜା ସମିତି ପକ୍ଷରୁ ୩୬ ବର୍ଷ ହେବ ମା' ଦୁର୍ଗତିନାଶିନୀଙ୍କ ପୂଜା କରାଯାଉଛି। ପ୍ରତିବର୍ଷ ସୁଉଚ୍ଚ ଆକର୍ଷଣୀୟ ତୋରଣରେ ମା' ବିରାଜୁଥିବାବେଳେ ଚଳିତବର୍ଷ କମିଟି ପକ୍ଷରୁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଏଥର ଲାଲକିଲ୍ଲା ଆକୃତିର ତୋରଣରେ ମା' ପୂଜା ପାଇବେ। ତୋରଣର ଉଚ୍ଚତା ପ୍ରାୟ ୭୦ ଫୁଟ୍ ରହିବ ଓ ଏଥିପାଇଁ କୋଲକାତାରୁ ୫୦ ଜଣ କାରିଗର ନିୟୋଜିତ ଅଛନ୍ତି। ସେହିଭଳି ୧୪ ଫୁଟ୍ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଗଢ଼ିବାରେ ବାରଙ୍ଗର ୧୨ଜଣ କାରିଗର ଲାଗିପଡ଼ିଛନ୍ତି। ଏବର୍ଷ ମା' ପ୍ରାୟ ୨୪ କିଲୋଗ୍ରାମ ଓଜନର ରୁପା ଗହଣା ପିନ୍ଧିବେ। ମୁକୁଟଠାରୁ ଆରମ୍ଭ କରି କୁଣ୍ଡଳ, କଣ୍ଠ, ବାଜୁବନ୍ଧ ଆଦି ଗହଣା ରହିଛି। ପୂଜା ପାଇଁ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ଷଷ୍ଠୀଠାରୁ ପୂଜା ଆରମ୍ଭ ହେବ। ସପ୍ତମୀରେ ପାଲା, ଅଷ୍ଟମୀରେ ଭଜନ ସମାରୋହ ଅନୁଷ୍ଠିତ ହେବ। ନବମୀ ଓ ଦଶମୀରେ ମେଲୋଡି କାର୍ଯ୍ୟକ୍ରମ ରହିଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ତେବେ ପରମ୍ପରା ଅନୁଯାୟୀ ଅଷ୍ଟମୀରେ ମା'ଙ୍କ ପାଖରେ ଖେଚୁଡ଼ି ଭୋଗ ଲାଗି କରାଯିବ। ତେବେ ନୟାପଲ୍ଲୀ ଭସାଣି ଉତ୍ସବରେ ଅନ୍ୟ ମେଢ଼ ସହ ଏହି ମେଢ଼ ସାମିଲ ହେବା ପରେ ଧୁମ୍‌ଧାମରେ ଭସାଣି ଯାତ୍ରା କରାଯିବ।

### ୧୨ ସିସିଟିଭି କ୍ୟାମେରା ଲାଗିବ



ମା'ଙ୍କ ନିକଟରେ ସବୁଦିନ ପ୍ରାତଃରେ ସୂର୍ଯ୍ୟ ପୂଜା, ଷୋଡ଼ଶ ଉପଚାର ପୂଜା କରାଯିବ। ଏହାସହ ଚଣ୍ଡୀପାଠ ଏବଂ ସ୍ତୋତ୍ର ପାଠ କରାଯିବ। ଶୃଙ୍ଖଳା ଓ ସୁରକ୍ଷାକୁ ଗୁରୁତ୍ୱ ଦେଉଛୁ। ଏଥିପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯାଉଛି। ୫୦ଜଣ ସ୍ୱେଚ୍ଛାସେବୀ ଟ୍ରାଫିକ୍ ପରିଚାଳନା କରିବେ। ୧୨ଟି ସିସିଟିଭି କ୍ୟାମେରା ଲଗାଯିବ।

– ଟୁଲୁ ପ୍ରଧାନ, ସଦସ୍ୟ

### ଶ୍ରଦ୍ଧାଳୁଙ୍କୁ ମନୋରଞ୍ଜନ କରିବ ସାଂସ୍କୃତିକ କାର୍ଯ୍ୟକ୍ରମ



ପୂଜା ସହ ୫ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନ ଯୋଗାଇଦେବ। ସପ୍ତମୀ ଓ ଅଷ୍ଟମୀରେ ଭଜନ କାର୍ଯ୍ୟକ୍ରମ ଏବଂ ନବମୀ ଓ ଦଶମୀରେ ମେଲୋଡି ପରିବେଷଣ ହେବ। ଭସାଣିରେ ପାରମ୍ପରିକ ବାଦ୍ୟର ବନ୍ଦୋବସ୍ତ କରାଯାଇଛି। ପ୍ରତିବର୍ଷ ଭଳି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆଶା କରୁଛୁ।

– ନୃସିଂହ ପ୍ରସାଦ ସୁନ୍ଦରାୟ, ସଭାପତି

### ବିଧି ଅନୁସାରେ ପୂଜାକୁ ଗୁରୁତ୍ୱ



ସମିତିର ସଦସ୍ୟଙ୍କ ଉଦ୍ୟମରେ ପୂଜା ଆୟୋଜନ ଆଗେଇଛି। ବିଧି ଅନୁସାରେ ପୂଜାକୁ ଗୁରୁତ୍ୱ ଦିଆଯାଉଛି। ଦଶହରା ଦିନ ୫୦୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ଜାତୀୟ ରାଜପଥ କଡରେ ମଣ୍ଡପ ହୋଇଥିବାରୁ ମାତ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହେବ ବୋଲି କମିଟି ପକ୍ଷରୁ ଆଶା କରାଯାଉଥିବାବେଳେ ଅନୁରୂପ ଭାବେ ବନ୍ଦୋବସ୍ତ କରାଯାଇଛି।

–ରଞ୍ଜନ କୁମାର ସୁନ୍ଦରାୟ, ସମ୍ପାଦକ

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଯାଁଳା,୬।୯(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସର୍ଭିସ ରାସ୍ତାରେ ଶନିବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲାର ଦୁଷ୍ମନ୍ତ ଲେଙ୍କା(୩୦)। ସେ ଯାଁଳାରେ ରହି ଏକ ୱେଲ୍ଡିଂ ଦୋକାନରେ କାମ କରୁଥିଲେ। ସୂଚନା ମୁତାବକ, ଦୁଷ୍ମନ୍ତ କୌଣସି କାମରେ ବାହାରକୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ କାମ ସାରି ସର୍ଭିସ ରାସ୍ତାରେ ଦୋକାନକୁ ଫେରୁଥିଲେ। ଯାଁଳା ୟୁନିୟନ ବ୍ୟାଙ୍କ ନିକଟରେ ପହଞ୍ଚିଥିବା ବେଳେ ଏକ ଅଜଣା ଗାଡ଼ି ଦ୍ରୁତ ଗତିରେ ଆସି ଦୁଷ୍ମନ୍ତଙ୍କ ବାଇକ୍ ପଛରେ ଧକ୍କା ଦେଇଥିଲା। ଫଳରେ ଦୁଷ୍ମନ୍ତ ବାଇକ୍‌ରୁ ଛିଟିକି ପଡିଥିଲେ। ଫଳରେ ତାଙ୍କ ମୁଣ୍ଡ ପଛପଟେ ଗଭୀର ଆଘାତ ଲାଗିଥିଲା। ଖବରପାଇ ଦୋକାନ ମାଲିକ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁରୁତର ଦୁଷ୍ମନ୍ତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାମ ନାଟକ ମଞ୍ଚସ୍ଥ

କୃଷ୍ଣପ୍ରସାଦ,୬।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ପଞ୍ଚାୟତର ଦଳବେହେରା ସାହିଠାରେ ରାମ ନାଟକ ମଞ୍ଚସ୍ଥ ହୋଇଯାଇଛି। ଖୁଦୁରୁକୁଣୀ ଓଷା ଉଦ୍‌ଯାପନୀ ଉତ୍ସବ ଅବସରରେ ଆୟୋଜିତ ନାଟ୍ୟ ଉତ୍ସବକୁ ଗାଦିଶ୍ୱର ଦେବ ନାଟ୍ୟ ସଂସଦର ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବ୍ଲକ ଆତ୍ମା କମିଟି ଅଧକ୍ଷ ସଞ୍ଜୟ ସେଠୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହ ସାମନ୍ତ, ମୁଖ୍ୟ ବକ୍ତା ଅବସର ସେନା ଅଧିକାରୀ କାଳନ୍ଦୀ ଚରଣ ବାରିକ, ସମ୍ମାନିତ ଅତିଥିଭାବେ ବ୍ୟବସାୟୀ ବବୁଲ ପଲେଇ, ରବୀନ୍ଦ୍ର ଜେନା, ହିରଣ୍ୟ ସ୍ୱାଇଁ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଦୁର୍ଗା ଚରଣ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

### ଜାପାନର ଜ୍ଞାନକୌଶଳ ଜାଣିଲେ ଓମ୍

ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଡ଼ିପଡ଼ା ପଞ୍ଚାୟତ ଲହଙ୍ଗା ଗ୍ରାମର ଦଶମ ଶ୍ରେଣୀ ଛାତ୍ର ଓମ୍ ନାରାୟଣ ପ୍ରଧାନ ଜାପାନ ଗସ୍ତ କରି ଫେରିଛନ୍ତି। ସେ ମୁଗମଣ୍ଡା ଦେବଗୁରୁ ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ଜାପାନ ଯିବା ନେଇ ଏକ ପରୀକ୍ଷା କରାଇଥିଲେ। ଏଥିରେ ଓଡ଼ିଶାର ୧୦ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ। ୮ଜଣ ଛାତ୍ରୀଛାତ୍ର ଜାପାନ ଯାଇଥିଲେ। ସେମାନଙ୍କ ସହିତ ଥିଲେ ଓମ୍। ଜାପାନର ଶିକ୍ଷା ବ୍ୟବସ୍ଥା, ଶୃଙ୍ଖଳା, ସ୍ୱଚ୍ଛତା, ଆତ୍ମନିର୍ଭରଶୀଳତା, ଟେକ୍ନୋଲୋଜି ବ୍ୟବସ୍ଥା ଉପରେ ଜ୍ଞାନ ଅର୍ଜନ କରିଛନ୍ତି। ସେ ଚଳିତ ମାସ ୧ ତାରିଖରୁ ୫ତାରିଖ ପର୍ଯ୍ୟନ୍ତ ଜାପାନ ଗସ୍ତ କରି ଫେରିଛନ୍ତି।

### କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ନିରାକାରପୁର,୬।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଲେଣ୍ଡୁ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଟା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୨ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସିଆର୍‌ସିସି ମଳୟ କୁମାର ମଙ୍ଗରାଜ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ ସହ ଶିକ୍ଷୟିତ୍ରୀ ଉନିତା ହରିଚନ୍ଦନ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଡିଆ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରା, ସାନଗୋବିନ୍ଦପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସେଠୀ, କୁନିଆ ସାମନ୍ତରାୟପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ସୁଶାନ୍ତ ସ୍ୱାଇଁ, ସଂଯୁକ୍ତା ପଟ୍ଟନାୟକ, ସଂଯୁକ୍ତା ସାହୁ, ରବି ଭୋଇ, ରମେଶ ସିଂହ, ଅଞ୍ଜନା ବେହେରା, ସତ୍ୟ ନାରାୟଣ ସୁନ୍ଦରାୟ, ପ୍ରଭାତୀ ସାହୁ, ନିବେଦିତା ସାହୁ, ବିଦ୍ୟାଧର ପ୍ରଧାନ, ବନଜ୍ୟୋତ୍ସ୍ନା ସେଠୀ, ଗଦାଧର ସାହୁ, ରିଙ୍କି ଦାସ, ସଚିତ୍ର ନନ୍ଦ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ ଧନ୍ୟବାଦ ଦେଇଥିଲେ।

# 'ଓଡ଼ିଆ ଅସ୍ମିତାର ପରିଚୟ ହେଉଛି ମହୋତ୍ସବ'



ଜଟଣୀ କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ଗଣେଶ ମହୋତ୍ସବରେ ଆୟୋଜିତ ସଭାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

## ଜଟଣୀ ଗଣେଶ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା

ଜଟଣୀ,୬।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଗଣେଶ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଶନିବାର କଳିଙ୍ଗ ଯୁବ ପରିଷଦ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ, ଜଟଣୀ ଅଞ୍ଚଳ ଗଣେଶ ପୂଜା ପାଇଁ ବେଶ ଖ୍ୟାତି ଅର୍ଜନ କରିଛି। ବର୍ଷ ବର୍ଷ ଧରି ଏ ମାଟି ଓଡ଼ିଶା କଳା ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ସହିତ ତାର ସୁରକ୍ଷା ପାଇଁ କାର୍ଯ୍ୟ ପ୍ରଶଂସନୀୟ। ଓଡ଼ିଆ ଅସ୍ମିତାର ପରିଚୟ ହେଉଛି ମହୋତ୍ସବ ବୋଲି ସେ କହିଥିଲେ। ଅତିଥିଭାବେ ଭାଜପା ଖୋର୍ଦ୍ଧା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂ, ଭାଜପା ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଜଟଣୀ ଭାଜପା ନଗର ସଭାପତି ତିରୁପତି ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଜଟଣୀର ଗୌରବମୟ ସଂସ୍କୃତି ଓ ଇତିହାସକୁ ମନେପକାଇଥିଲେ। ଏଥିସହ ଅତିଥିମାନେ ଆୟୋଜକ କମିଟିର ପ୍ରଶଂସା କରିଥିଲେ। ଆୟୋଜକ ସଙ୍ଗଠନର ସଭାପତି ରବିନାରାୟଣ ଦାଶଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ସଙ୍ଗଠକ ତଥା ଅନୁଷ୍ଠାନର ଉପଦେଷ୍ଟା ସୀତାକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ।

ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏବଂ ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟିକୁ ସମ୍ମାନିତ କରାଯାଇଥିଲା। ଏଥିସହ ଓଡ଼ିଶାର ପ୍ରତିଷ୍ଠିତ କଳାକାରଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ବେଶ୍ ଭିଡ଼ ଜମିଥିଲା। ଅନୁଷ୍ଠାନର ସମ୍ପାଦକ ସମୀର ଜେନା ଉତ୍ସବର ଆଭିମୁଖ୍ୟ ଏବଂ ଅନୁଷ୍ଠାନ ବିଷୟରେ ସୂଚନା ପ୍ରଦାନ କରିବା ସହିତ ଧନ୍ୟବାଦ ଦେଇଥିଲେ।



ଜଟଣୀ ଗଣେଶ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଶନିବାର ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

# ନିଲାମ ହେଲା ୬୦କେଜି ଲଡୁ

## ୭୫ ହଜାର ଟଙ୍କାରେ ନିଲାମ ନେଲେ ଜଟଣୀର ରିବେଲ ଗ୍ରୁପ୍



ଜଟଣୀ,୬।୯(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଗଣେଶ ମହୋତ୍ସବର ଅନ୍ତିମ ଦିବସରେ ପ୍ରତିବର୍ଷ ଭଳି ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ୬୦କେଜି ଓଜନର ଲଡୁ ନିଲାମ କରାଯାଇଛି। ବ୍ୟବସାୟୀ ସଂଘ ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଟଣୀର ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜଟଣୀ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତଥା ଜଟଣୀ ବିକାଶ ପରିଷଦ ସଭାପତି ବିଜୟ କୁମାର ଛୋଟରାୟ, ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ଜଟଣୀ ବିକାଶ ପରିଷଦ କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ସମାଜର ବିଭିନ୍ନ ବର୍ଗର ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲଡୁ ନିଲାମ ଡାକ ୧୦୦ ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ଶେଷରେ ଜଟଣୀ ଅଞ୍ଚଳର ରିବେଲ ଗ୍ରୁପ ୭୫ହଜାର ଟଙ୍କାରେ ଉକ୍ତ ଲଡୁ ନେଇଥିଲେ। ଏହି ନିଲାମ ପ୍ରକ୍ରିୟାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସହିତ ସ୍ଥାନୀୟ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଦେବଦାସୀ କଳା ବିକାଶ କେନ୍ଦ୍ର ଜଟଣୀର କଳାକାରଙ୍କ ପକ୍ଷରୁ ସମ୍ବଲପୁରୀ ଏବଂ ଢେମସା ନୃତ୍ୟ ସହିତ ବିଶିଷ୍ଟ କଣ୍ଠଶିଳ୍ପୀ ବିଶ୍ୱନାଥ ପଟ୍ଟନାୟକଙ୍କ ଭଜନ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସୁଶାନ୍ତ ରାଉତ ଅତିଥିଙ୍କ ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ।

### ପ୍ରାଚୀରପତ୍ର ଅରୁଣିମା ଉନ୍ମୋଚିତ

ଟାଙ୍ଗୀ,୬।୯(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ସୁନ୍ଦରପୁର ପଞ୍ଚାୟତର ସରପଞ୍ଚ ସୁଜିତ କୁମାର ହାଲଦାର ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାଚୀରପତ୍ର ଅରୁଣିମା ଉନ୍ମୋଚନ କରାଯାଇଥିଲା। ଶିଶୁମାନେ ଗୁରୁମାନଙ୍କୁ ପୂଜାର୍ଚ୍ଚନା କରିବା ପରେ ଗୁରୁମାନଙ୍କ ଆଶୀର୍ବଚନରେ ଆଶିଷପ୍ରାପ୍ତ ହୋଇଥିଲେ। ଗୁରୁଜୀ, ଗୁରୁମା ଏବଂ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ୱାଗତିକା ରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ବାଇଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମନୋରମା ସାହୁ ଏବଂ ରୁପାଲି ପାତ୍ରଙ୍କ ତତ୍ତ୍ୱାବଧାନରେ ଶିଶୁମାନେ 'ହେ ଗୁରୁ ତୁମେ ମଙ୍ଗଳମୟ' ଶୀର୍ଷକ ଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ।

### ବାଉଁଶମୂଳ ଗାଁ ପୋଖରୀରୁ ମାଛ ଚୋରି ଅଭିଯୋଗ

ଟାଙ୍ଗୀ,୬।୯(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ପଞ୍ଚାୟତର ବାଉଁଶମୂଳ ଗାଁ ପୋଖରୀରୁ ମାଛ ଚୋରି ହୋଇଥିବା ନେଇ ଶନିବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ଅନ୍ନପୂର୍ଣ୍ଣା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗାଁ ପୋଖରୀକୁ ୫ବର୍ଷିଆ ଲିଜ୍ ନେଇଛନ୍ତି। ସେଥିରେ ପ୍ରାୟ ୧ଲକ୍ଷ ଟଙ୍କାର ମାଛ ଯାଁଅଳ ଛାଡିଥିଲେ। ମହିଳାମାନେ ଋଣ ଆଣି ମାଛଚାଷ କରିଥିଲେ। ତେବେ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଜାଲ ମାଧ୍ୟମରେ ମାଛ ଧରି ନେଇଥିବା ଜଣାପଡିଛି। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ'




ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସର ନେତୃବୃନ୍ଦ।

ବାଘମାରୀ/ବୋଲଗଡ଼,୬।୯ (ମିହିର ରଞ୍ଜନ ମହାପାତ୍ର/ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣ ପ୍ରସ୍ରବଣ ପରିସରରେ 'ସଂଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଗୁଜରାଟର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ବିମଳ ଶାହା ଯୋଗଦେଇ କହିଥିଲେ ଯେ, କଂଗ୍ରେସର ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଗୁଜରାଟରୁ ଆରମ୍ଭ ହୋଇ ଝାଡ଼ଖଣ୍ଡ, ହରିୟାଣା, ମଧ୍ୟପ୍ରଦେଶ ପରେ ଏବେ ଓଡ଼ିଶାରେ ଚାଲୁରହିଛି। ଏହାର ଉଦ୍ଦେଶ୍ୟ ଗାଁ ଓ ବ୍ଲକସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ କର୍ମୀଙ୍କ ମତାମତ ନେଇ ଜିଲା ସଭାପତି ଚୟନ କରାଯିବ। କଂଗ୍ରସ ଖୋର୍ଦ୍ଧା ଜିଲା ସଂଯୋଜକ ରାଜୀବ ପଟ୍ଟନାୟକ ଏଭଳି କାର୍ଯ୍ୟକ୍ରମ ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବ ବୋଲି କହିଥିଲେ। ଦେବାଶିଷ ମହାପାତ୍ର, ବିଶ୍ୱରଞ୍ଜନ ପଣ୍ଡା, ସଦାଶିବ ମହାପାତ୍ର ପ୍ରମୁଖ ମତ ରଖିବା ସହ କର୍ମୀମାନଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ସଭାପତି କାଳନ୍ଦୀ ମହାପାତ୍ର, ମହମ୍ମଦ ମଇଉଦ୍ଦିନ ଅହମ୍ମଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ବୋଲଗଡ଼ ନନ୍ଦିଘୋଷ ଭବନ ପରିସରରେ 'ସଙ୍ଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକ ୧୯ଟି ପଞ୍ଚାୟତର କଂଗେସ ନେତା କର୍ମୀଙ୍କ ମତାମତ ସଂଗ୍ରହ ଓ ଭୋଟଦାନ ପାଇଁ ଉଦ୍ଦିଷ୍ଟ ଫର୍ମ ବଣ୍ଟନ ଉଦ୍ଦେଶ୍ୟରେ ନିଯୁକ୍ତ ଏଆଇସିସି ପର୍ଯ୍ୟବେକ୍ଷକ ଗୁଜରାଟର ପୂର୍ବତନ ମନ୍ତ୍ରୀ ବିମଳ ଶାହା ଉପସ୍ଥିତ ରହି କର୍ମୀଙ୍କୁ ଭେଟିଥିଲେ। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ଅଧକ୍ଷତାରେ ପିସିସି ପର୍ଯ୍ୟବେକ୍ଷକ ଦେବାଶିଷ ମହାପାତ୍ର, ବିଶ୍ୱରଞ୍ଜନ ପଣ୍ଡା, ସଦାଶିବ ମହାପାତ୍ର ପ୍ରମୁଖ କଂଗ୍ରେସ ନେତାଙ୍କ ସମେତ ଆଶାୟୀ ପ୍ରାର୍ଥୀମାନେ ଉପସ୍ଥିତ ରହି ସୁଦୃଢ଼ ସଙ୍ଗଠନ ପାଇଁ କର୍ମୀମାନେ ଏକଜୁଟ ହେବା ସହ ଉପଯୁକ୍ତ ସଭାପତି ଚୟନ ପାଇଁ ପରାମର୍ଶ ଦେଇଥିଲେ। ବ୍ଲକ ସଭାପତି ସଞ୍ଜୟ ସୁବୁଦ୍ଧି, ଉପସଭାପତି ଧୀରେଶ ମହାପାତ୍ର, ସନ୍ତୋଷ ପ୍ରଧାନ, ପ୍ରକାଶ ରଥ, ସୁଶାନ୍ତ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ

## ଗ୍ରାହକ ସାଜି ମାଡ଼ି ବସିଲା ପୋଲିସ

ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)



ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ବାହାର ରାଜ୍ୟ ଏବଂ ଜିଲାରୁ ବିଭିନ୍ନ ଗଳାବାଟ ଦେଇ ବ୍ରାଉନ୍‌ସୁଗାର ଏଠାରେ ପହଞ୍ଚୁଛି। ଏଠାରୁ ଗ୍ରାମାଞ୍ଚଳ ସହ ବିଭିନ୍ନ ପଡ଼ୋଶୀ ଜିଲାକୁ ଯାଉଛି। ପୋଲିସ, ଅବକାରୀ ବିଭାଗ ଏବଂ ଏସଟିଏଫ୍‌ର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଟାଉନ ଥାନା ପୋଲିସ ସାମନ୍ତରାପୁର ଛକ ନିକଟରେ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୦ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ସେ ହେଲେ ଶାଗୁଆନ ବଗିଚା ଅଞ୍ଚଳର ନିରଞ୍ଜନ ପରମାଣିକ। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ଏସ୍‌ପି ବିବେକାନନ୍ଦ ଶର୍ମା ଟାଉନ ଥାନା ପରିସରରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାମନ୍ତରାପୁର ଛକ ନିକଟରେ ଜଣେ ବ୍ରାଉନ୍‌ସୁଗାର ବେପାରୀ ଗ୍ରାହକଙ୍କୁ ଅପେକ୍ଷା କରିଥିବା ଖବରପାଇ ପୋଲିସର ଏକ ଟିମ୍ ଗ୍ରାହକ ବେଶ ସାଜି ତାଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲା। ତାଙ୍କଠାରୁ ୨ଟି ମୋବାଇଲ ଏବଂ ବାଇକ ଜବତ କରାଯାଇଛି। ତାଙ୍କ ନାଁରେ ପୂର୍ବରୁ ଶିଳ୍ପାଞ୍ଚଳ ଥାନାରେ ୫ଟି ଏବଂ ଟାଉନ ଥାନାରେ ୩ଟି ମୋଟ ୮ଟି ମାମଲା ରହିଛି। ଏନେଇ ଥାନାରେ ଏନ୍‌ଡିପିସି ଆକ୍ଟ ୨୧(ବି)ରେ ଏକ ମାମଲା (ନଂ.୩୮୫/୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ କେଉଁଠାରୁ ବ୍ରାଉନସୁଗାର ଆଣୁଥିଲେ, ତାଙ୍କ ସହ ଅନ୍ୟ କେଉଁମାନଙ୍କ ହାତ ରହିଛି, ତାହାର ତଦନ୍ତ ପାଇଁ ଟାଉନ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବ୍ରାଉନସୁଗାର ଗ୍ରହଣ କରୁଥିବା ଯୁବପିଢ଼ିଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ପାଇଁ ଆଗାମୀ ଦିନରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନାଧିକାରୀ ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ

ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)

ସ୍ୱାବଲମ୍ବୀ ଭାରତ ଅଭିଯାନ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ସୁଶାନ୍ତ ମୋହନ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ଅଧିବକ୍ତା ପରିଷଦ ରାଜ୍ୟ ସଭାପତି ଅଜିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଭାରତ ପ୍ରଗତି ପଥରେ ଆଗେଇ ଚାଲିଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ପାଇଁ ଅଧିକରୁ ଅଧିକ ଯୁବ ଉଦ୍ୟମୀ ପ୍ରସ୍ତୁତ ହେବା ଜରୁରୀ। ମୁଖ୍ୟ ବକ୍ତା ପ୍ରଭାତ ପାଣିଗ୍ରାହୀ ଉଦ୍ୟମୀ ଭାରତ ନିର୍ମାଣ ଦିଗରେ ଯୁବସମାଜ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ସଶକ୍ତ, ସମୃଦ୍ଧ ଭାରତ ଗଠନ ପାଇଁ ଯୁବପିଢ଼ିଙ୍କ ଏକ ପ୍ରମୁଖ ଭୂମିକା ରହିଛି। ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟଙ୍କୁ ମଧ୍ୟ ରୋଜଗାରକ୍ଷମ ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ କହିଥିଲେ। ଭାରତକୁ ଆର୍ଥିକ ରୂପରେ ସୁରକ୍ଷିତ, ସ୍ୱାବଲମ୍ବନ କରିବାକୁ ହେଲେ ସ୍ୱଦେଶୀକୁ ପ୍ରାଥମିକତା ଦେବାକୁ ପଡ଼ିବ। ପ୍ରତ୍ୟେକ ବ୍ୟକ୍ତିର ପ୍ରାଥମିକତା ହେଉଛି ତାହାର ଆର୍ଥିକ ଆବଶ୍ୟକତା। ତେଣୁ ସ୍ୱାବଲମ୍ବ ଭାରତ ପାଇଁ ପ୍ରତ୍ୟେକ ବ୍ୟକ୍ତି ଆର୍ଥିକ କ୍ଷେତ୍ରରେ ସ୍ୱରୋଜଗାରକ୍ଷମ ହେଲେ ପରମବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟ ପୂରଣ ହେବ। ଶିଶୁ ବିଦ୍ୟାମନ୍ଦିର ସହ ପ୍ରଧାନାଚାର୍ଯ୍ୟ ପ୍ରଭାକର ସ୍ୱାଇଁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପୁରୀ ବିଭାଗ ସଂଯୋଜକ ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଗୁରୁମା,ଗୁରୁଜୀ ଉପସ୍ଥିତ ଥିଲେ।




ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ଦୁଇଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗସ୍ଥିତ ଫୁଟ୍‌ବଲ ଖେଳପଡ଼ିଆରେ ମୋବେଶର ଅହମ୍ମଦ ମେମୋରିଆଲ ଦୁଇ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ୪ଟି ମ୍ୟାଚ୍ ହୋଇଥିବା ବେଳେ କେରଙ୍ଗ(ବି), ପୁରୀ, ଶରଧାପୁର ଏବଂ କେରଙ୍ଗ(ଏ) ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ କେରଙ୍ଗ ଅହମଦିଆ(ବି) ଏବଂ ପାଇକତିଗିରିଆ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ପାଇକତିଗିରିଆ ୧-୦ ଗୋଲ ବ୍ୟବଧାନରେ କେରଙ୍ଗ ଅହମଦିଆ (ବି)କୁ ପରାସ୍ତ କରି ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ୍ ଡିଏଚ୍‌ସି ଜଟଣୀ ଏବଂ ନିତା ଏକାଡେମୀ ପୁରୀ ମଧ୍ୟରେ ହୋଇଥିଲା। ଏଥିରେ ପୁରୀ ୧-୦ ଗୋଲ ବ୍ୟବଧାନରେ ଜଟଣୀଠାରୁ ବିଜୟୀ ହୋଇଛି। ସେହିପରି ତୃତୀୟ ମ୍ୟାଚ୍ ଏସ୍‌ଏସ୍‌ସି ଶରଧାପୁର ଏଫ୍‌ସି ଏବଂ ଦିବ୍ୟଜ୍ୟୋତି କ୍ଲବ ପଙ୍କାଳ ମଧ୍ୟରେ ହୋଇଥିଲା। ଏଥିରେ ଶରଧାପୁର ୨-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇଛି। ଚତୁର୍ଥ ମ୍ୟାଚ୍ କେରଙ୍ଗ ଅହମଦିଆ(ଏ) ଏବଂ ବଜରଙ୍ଗବଳୀ ଘାଟିକିଆ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ ପରସ୍ପରକୁ ୧-୧ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ କେରଙ୍ଗ ଅହମଦିଆ (ଏ) ୪-୨ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ରେଫେରି ଭାବେ ବିଦେଶୀ ନାୟକ, ସଖାୱତ ଅଲ୍ଲି ଏବଂ ପ୍ରଫୁଲ୍ଲ କୁମାର ବେହେରା ମାଚ୍ ପରିଚାଳନା କରିଥିଲେ। ଲାଇନ୍ସମ୍ୟାନରେ ସଗିର ଅହମଦ ଏବଂ ଅମଜାଦ ଖାଁ ସହଯୋଗ କରିଥିଲେ। ୪ର୍ଥ ରେଫେରି ଭାବେ ସେକ୍ ଫରହାନ ଏବଂ ନାସର ଖାଁ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥିଭାବେ କେରଙ୍ଗ ଅହମଦିଆ ମୁସଲିମ ସଙ୍ଗଠନର ସଭାପତି ଓସିମ ଅହମ୍ମଦ ଯୋଗଦେଇଥିବା ବେଳେ ଅତିଥିଭାବେ ଇଦ୍ରିସ ଖାଁ, ଜଲାଲ ମହମ୍ମଦ, ସେକ ଇଦୁ, ଡାନିଆଲ ନାୟକ, ନସିରୁଦ୍ଦିନ ଖାଁ, ମୋଜଫର ଖାଁ, ତହମୁର ଖାଁ, ଜାହାଙ୍ଗିର ଖାଁ, ସୁକଦେବ ନାୟକ, ରାମ ମାରାଣ୍ଡି, ଓଲିମୁଦ୍ଦିନ ଖାଁ, ଦେବାଶିଷ ନାୟକ, ରସିଦ ଖାଁ, ସଲିମ ଖାଁ, ଫଜଲ ଅଲ୍ଲି, ଅମିର ଅହମଦ ଏବଂ ଫରିଦୁଦ୍ଦିନ ଖାଁ ଯୋଗଦେଇଥିଲେ। ଦ୍ୱିତୀୟ ଦିବସ ପୂର୍ବାହ୍ନ ୧୦ଟାରେ ପ୍ରଥମ ସେମିଫାଇନାଲ ଏବଂ ୧୧ଟାରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଅପରାହ୍ନ ୩ଟାରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଟୁର୍ନାମେଣ୍ଟ କମିଟି ପକ୍ଷରୁ ସୂଚନା ମିଳିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୬।୯।୨୦୨୫

| | |
|---|---|
| | ୫,୭୦,୬୮୧ ଟଙ୍କା |
| ସୁନା | ୪.୬୭୦ ଗ୍ରାମ୍ |
| ରୁପା | ୧୮.୨୦୦ ଗ୍ରାମ୍ |

# ଅପରାଧୀଙ୍କ ଉପରେ କଡ଼ା ନଜର ରଖିବାକୁ ଗୁରୁତ୍ୱ

ପୁରୀ,୬।୯(ଅଜିତ୍ କୁମାର ମହାନ୍ତି)

କିଛିଦିନ ହେବ ପୁରୀରେ ଆପରାଧୀକ କାର୍ଯ୍ୟ ବୃଦ୍ଧି ପାଇବା ସହ ଅପରାଧୀ ପୋଲିସକୁ ଚାଲେଞ୍ଜ ଦେଇ ଘଟଣା ଘଟାଉଥିବା ଦେଖିବାକୁ ମିଳିଛି। ପୁରୀର ନୂତନ ଏସ୍‌ପି ପ୍ରତୀକ ସିଂ ଦାୟିତ୍ୱ ଗ୍ରହଣ କରିବା ପରେ ଅପରାଧ ଓ ଅପରାଧୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଗତ ଦୁଇଦିନ ତଳେ ୭ରୁ ଅଧିକ ଅପରାଧୀଙ୍କୁ ଗିରଫ କରିବା ସହ ମଦ୍ୟପାନ କରିବା, ନିଶାଦ୍ରବ୍ୟ ସେବନ କରିବା ତଥା ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଶନିବାର ଏସ୍‌ପି ସିଂଙ୍କ କ୍ରାଇମ୍ କ୍ରିମିନାଲ ସମୀକ୍ଷା ବୈଠକରେ ସୂଚନା ଦେଇଛନ୍ତି। ବୈଠକରେ କ୍ରାଇମ୍ ପ୍ରିଭେଣ୍ଟିଭ୍ ଓ ଅପରାଧୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିବାକୁ ଗୁରୁତ୍ୱ ଦିଆଯାଇଛି। ଟାଉନ୍ ଥାନା ସମ୍ମେଳନ କକ୍ଷରେ ଏସ୍‌ପି




ବୈଠକରେ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ସିଂଙ୍କ ଅଧ୍ୟକ୍ଷତାରେ ଜିଲାର ସମସ୍ତ ଥାନା ଆଇଆଇସି, ଏସ୍‌ଡିପିଓ ଓ ଡିଏସ୍‌ପିଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ନେଇ ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣ। ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର ନ କରି ଉତ୍ତମ ବ୍ୟବହାର ପ୍ରଦର୍ଶନ କର। ଥାନାରେ ଅଭିଯୋଗଗୁଡ଼ିକ ପଞ୍ଜୀକରଣ ହେବା ପରେ ତଦନ୍ତକାରୀ ଅଧିକାରୀମାନେ ସ୍ପଟ୍ ଭିଜିଟ କରନ୍ତୁ, ପୁରୀ ସମୁଦ୍ରକୂଳ ଅଞ୍ଚଳରେ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବାକୁ ଏସ୍‌ପି ସିଂ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ପଞ୍ଜୀକରଣ ହେଉଥିବା ମାମଲାଗୁଡ଼ିକର ତଦନ୍ତକୁ କ୍ୱାଲିଟେଟିଭ କରିବା, ତଦନ୍ତକୁ ତ୍ୱରାନ୍ୱିତ କରିବା ସହ

### କ୍ରାଇମ୍ କ୍ରିମିନାଲ ସମୀକ୍ଷା ବୈଠକ

ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା, ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା, କିପରି ଦଣ୍ଡ ହାର ବୃଦ୍ଧି ହେବ ସେ ଦିଗରେ ଦୃଷ୍ଟି ଦେବା ପାଇଁ ଏସ୍‌ପି ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୁଶୀଳ କୁମାର ମିଶ୍ର, ସଚିନ ପଟେଲ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସଦର ଏସ୍‌ଡିପିଓ ଆର.ଏନ. ଭଞ୍ଜ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଟାଉନ ଥାନା, ସମୁଦ୍ରକୂଳ ଥାନା, କୁମ୍ଭାରପଡ଼ା ଥାନା, ବାସେଳୀ ସାହି ଥାନା, ସଦର ଥାନା, ବଳିଆପଣ୍ଡା ଥାନା ସମେତ ଜିଲାର ସମସ୍ତ ଥାନା ଆଇଆଇସି ଉପସ୍ଥିତ ଥିଲେ।

# ଆଜି ଇନ୍ଦ୍ରଗୋବିନ୍ଦଙ୍କ ବନ୍ଦାପନା ନୀତି

ପୁରୀ,୬।୯(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଭାଦ୍ରବ ପୂର୍ଣ୍ଣିମା ତିଥି ରବିବାର ଅବସରରେ ଇନ୍ଦୁ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହେବ। ଏହି ପବିତ୍ର ତିଥିରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ ହେବ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହେବ। ପରେ ଦକ୍ଷିଣୀ ଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନସେବକ ହସ୍ତରେ ବିଜେ କରାଇ ରତ୍ନସିଂହାନ ନିକଟକୁ ନେବେ। ସେଠାରେ ପୂଜାପଣ୍ଡା ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଇବେ। ଏହାପରେ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକମାନେ ବିଜେ କରାଇବା ପରେ ବିମାନବଡୁ ସେବକମାନେ ଘଣ୍ଟ, ଛତା, କାହାଳୀ ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟରେ ଥିବା ବଡ଼ଛତା ମଠ ପାର୍ଶ୍ୱକୁ ନେବେ। ସେଠାରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯିବ। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୂର୍ବରୁ ଦେବରାଜ ଇନ୍ଦ୍ରଙ୍କର ଐରାବତ ହସ୍ତୀ ସହ ଦେବରାଜ ଇନ୍ଦ୍ର ଥିବେ। ଶୀତଳ ଭୋଗ ପରେ ଭିତରଛ ବନ୍ଦାପନା ନୀତି ସମ୍ପାଦନ କରିବେ। ଏହି ଅବସରରେ ହରଚଣ୍ଡୀ ସାହି ଆଖଡ଼ାରୁ ସୁସଜ୍ଜିତ ଐରାବତ ହସ୍ତୀ ଉପରେ ଇନ୍ଦ୍ର ଏବଂ ମାହୁନ୍ତ ବେଶରେ ଦୁଇଜଣ ବ୍ୟକ୍ତି ବସି ସିଂହଦ୍ୱାର ନିକଟକୁ ନୀତି ସମ୍ପାଦନ ପାଇଁ ଆସିବେ। ସେଠାରେ ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ତେବେ ରବିବାର ଚନ୍ଦ୍ରଗ୍ରହଣ ପଡୁଥିବାରୁ ସହଳ ନୀତି କରାଯିବ। ଚୂଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ନୀତି ସାରି ଠାକୁର ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ନେଇ ସ୍ଥିର କରାଯାଇଛି।

## ସଂକ୍ଷେପରେ

### କର୍ତ୍ତବ୍ୟରେ ଅବହେଳା, ୨ ଶିକ୍ଷକଙ୍କ ଦରମା ବନ୍ଦ

ଅସ୍ତରଙ୍ଗ,୬।୯(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ଆଳଙ୍ଗପୁର ପଞ୍ଚାୟତରେ ଥିବା ବିଭିନ୍ନ ବିଦ୍ୟାଳୟକୁ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଅଚାନକ ପରିଦର୍ଶନ କରିବା ସହିତ କର୍ତ୍ତବ୍ୟରେ ଅବହେଳା କାରଣରୁ ୨ ଶିକ୍ଷକଙ୍କ ଦରମା ବନ୍ଦ କରିଛନ୍ତି। ଆଳଙ୍ଗପୁର ପଞ୍ଚାୟତ ଅଧୀନ ଥିବା ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷକ କର୍ତ୍ତବ୍ୟରେ ଅବହେଳା କରିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ କରାଯିବା ସହ ଗୋଟିଏ ଦିନର ଦରମା ବନ୍ଦ କରିଛନ୍ତି। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ଅଚାନକ ବିଦ୍ୟାଳୟ ପରିଦର୍ଶନ ସମୟରେ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ତ୍ରୁଟି ଦେଖିବାକୁ ପାଇଥିଲେ। ଏହା ସହ ଅନ୍ୟଜଣେ ଶିକ୍ଷକଙ୍କର କର୍ତ୍ତବ୍ୟରେ ଅବହେଳା କାରଣରୁ ତାଙ୍କୁ ତାଗିଦା କରି ଗୋଟିଏ ଦିନର ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ କରାଯାଇଛି। ଫଳରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ତାଙ୍କର ଗୋଟିଏ ଦିନର ଦରମା ବନ୍ଦ ସହ କାରଣ ଦର୍ଶାଅ ନୋଟିସ କରି ୭ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ କହିଛନ୍ତି।

### ଚନ୍ଦ୍ରଗ୍ରହଣ ପାଇଁ ମଙ୍ଗଳା ମନ୍ଦିରରେ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ

କାକଟପୁର/ଅସ୍ତରଙ୍ଗ,୬।୯(ଶୁଭଦର୍ଶନ ମିଶ୍ର/ ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ମନ୍ଦିରରେ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଏଥିପାଇଁ ପଞ୍ଜିକାର, ମଙ୍ଗଳା ମନ୍ଦିର ପୁରୋହିତ ଓ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏକ ବୈଠକ ଡକାଯାଇ ସ୍ୱତନ୍ତ୍ର ନୀତିକାନ୍ତି ସ୍ଥିର କରାଯାଇଥିଲା। ଶନିବାର ରାତ୍ର ୩ଟାଠାରୁ ଦ୍ୱାର ଫିଟା, ମଙ୍ଗଳ ଆଳତି, ସ୍ନାନ, ସୂର୍ଯ୍ୟପୂଜା, ବଲ୍ଲଭ, ସକାଳ ଧୂପ, ଦ୍ୱିପ୍ରହର ଧୂପ ଓ ଭଅଣ୍ଡ ଧୂପ ରବିବାର ପୂର୍ବାହ୍ନ ୧୦ଟା ଘଡ଼ିକା ସୁଦ୍ଧା ସକାଳ ନୀତି ସମାପ୍ତ ହେବା ସହିତ ପୂର୍ବାହ୍ନ ୧୦ଟା ୩୦ରେ ସନ୍ଧ୍ୟା ଆଳତି, ରାତ୍ର ଧୂପ ଓ ବଡ଼ସିଂହାର ନୀତି ୧୨.୩୦ ସୁଦ୍ଧା ସମାପ୍ତ ହେବ। ମଧ୍ୟାହ୍ନ ୧୨ଟା ୪୫ରେ ପହୁଡ଼ ପକାଯାଇ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସର୍ବମୋକ୍ଷ ପରେ ସୋମବାର ନୀତି ଆରମ୍ଭ ହେବ ବୋଲି ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ ଏବଂ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି ।




ସୁଖଲତା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରମାନେ ଗୁରୁ ପୂଜନ କରି ଆଶୀର୍ବାଦ ନେଉଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଗୋବିନ୍ଦ ଚନ୍ଦ୍ର ପ୍ରଧାନ

ସାକ୍ଷୀଗୋପାଳ,୬।୯(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ଗୁରୁଦିବସ ପରିପ୍ରେକ୍ଷୀରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ପୁରୀ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପରାହାଟ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ (ପ୍ରାଥମିକ ଶିକ୍ଷକ ପୁରସ୍କାର) ପ୍ରଦାନ କରିଥିଲେ। ଏଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସହ ସତ୍ୟବାଦୀ ଅଞ୍ଚଳରେ ବୁଦ୍ଧିଜୀବୀମ ଖୁସିବ୍ୟକ୍ତ କରିଛନ୍ତି। ଇତିମଧ୍ୟରେ ତାଙ୍କ ପୁଅ ଆଦର୍ଶ ବିଦ୍ୟାଳୟ ଛାତ୍ର ସାଇସୋହମ୍ ଜାପାନ ଯାଇ ସେଠାରେ ସାକୁରା ସାଇନ୍ସ ଏକ୍ସଚେଞ୍ଜ୍‌ରେ ନିଜର ମତବ୍ୟକ୍ତ କରି ସଫଳତା ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ଦେଶରୁ ୩୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଦେଶରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରି ସାଇ ବିଜ୍ଞାନର ନୂତନ ଜ୍ଞାନକୌଶଳ ଲାଭ କରିଛନ୍ତି। ଜାପାନର ଅନୁଭୂତି ସମ୍ପର୍କରେ ଓଡ଼ିଶା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ସତ୍ୟବାଦୀର ଜନସାଧାରଣ ସାଇଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ପାରମ୍ପରିକ ବାଦ୍ୟ, ନୃତ୍ୟରେ ଗଣପତିଙ୍କୁ ବିଦାୟ

କାକଟପୁର/ଅସ୍ତରଙ୍ଗ,୬।୯ (ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ମଙ୍ଗଳା ବଜାର ପୂଜା କମିଟି ତରଫରୁ ସେବାୟତ ସାହିର ତତ୍ତ୍ୱାବଧାନରେ ଗଣପତିଙ୍କ ମୃଣ୍ମୟ ମୂର୍ତ୍ତି ଗଣ ଭସାଣିରେ ସାମିଲ ହୋଇଥିଲା। ବାଜା, ବାଣ, ନାଚ ସାଙ୍ଗକୁ ଆସାମ, କେରଳ ଓ କୋଲକାତା ନୃତ୍ୟ ଶିଳ୍ପୀଙ୍କ ନାଚ ସହିତ ରଙ୍ଗିନ ଆଲୋକମାଳାରେ ଗଜାନନଙ୍କ ବିସର୍ଜନ କରାଯାଇଛି। ଭସାଣିକୁ ନେଇ କାକଟପୁର ଅଞ୍ଚଳ ଉତ୍ସବମୁଖର। ଆକର୍ଷଣୀୟ ମେଢ଼ ସାଙ୍ଗକୁ ବିରାଟ ପଟୁଆର ସହିତ ପାରମ୍ପରିକ ନୃତ୍ୟ ସହ ଆସାମ, କେରଳ ଓ କୋଲକାତାରୁ ଆସିଥିବା ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ୧୦ଦିନ ଧରି କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ଉତ୍ତରଦ୍ୱାର ନିକଟରେ ମଙ୍ଗଳା ବଜାର ପୂଜା କମିଟି ତରଫରୁ ସେବାୟତ ସାହିର ତତ୍ତ୍ୱାବଧାନରେ ଗଜାନନ ପୂଜା ପାଇବା ପରେ ଶୁକ୍ରବାର ସନ୍ଧ୍ୟାରେ ବେଶ୍ ମନୋହର ବିଦାୟ ଥିଲା। ମଙ୍ଗଳା



ଭସାଣି ଉତ୍ସବରେ ସଂକୀର୍ତ୍ତନ କରାଯାଉଛି ।

ମନ୍ଦିର ନିକଟରୁ କାକଟପୁର ମେଡ଼ିକାଲ ଛକ ଦେଇ କାକଟପୁର ବଜାର ପରିକ୍ରମା କରିଥିଲା। ଗୋଟିଏ ପରେ ଗୋଟିଏ ବାଦ୍ୟ ସାଙ୍ଗକୁ ଆସାମ, କେରଳ,କେନ୍ଦ୍ରାପଡ଼ା ଓ କୋଲକାତାରୁ ଆସିଥିବା ବିଭିନ୍ନ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅନ୍ୟପଟେ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ କାକଟପୁର ଥାନାଧିକାରୀଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲା। ଏହି ଭସାଣକୁ ଦେଖିବା ନିମନ୍ତେ କାକଟପୁର ବଜାରର ଉଭୟ ପାର୍ଶ୍ୱରେ ଶତାଧିକ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଗଜାନନଙ୍କୁ ଦର୍ଶନ କରିଥିଲେ। ଏହି ଭସାଣି ଶୋଭାଯାତ୍ରାରେ ମାନସ ଦୀକ୍ଷିତ, ଅଶୋକ ଦୀକ୍ଷିତ, କମଳଲୋଚନ ଦୀକ୍ଷିତ, ତୁଷାର ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ, ଅଞ୍ଜନ ଦୀକ୍ଷିତ, ହରିହର ଦୀକ୍ଷିତ, ଲାଲୁ, କାହ୍ନା, ସାନୁ, ମନୋରଞ୍ଜନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଗୁହାରିଆ ପଡ଼ିଥିବା ଭକ୍ତଙ୍କ ମୃତ୍ୟୁ

କୋଣାର୍କ,୬।୯(ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ଥାନା ଅଧୀନ ବାବା ବାଲିକପିଳେଶ୍ୱରଙ୍କ ବେଢ଼ାରେ ଆଶୁ ଆରୋଗ୍ୟ ନିମନ୍ତେ ୩ ଦିନ ଧରି ଗୁହାରିଆ ପଡ଼ିଥିବା ଜଣେ ଭକ୍ତଙ୍କ ଶନିବାର ଭୋର୍ ସମୟରେ ମୃତ୍ୟୁ ହୋଇଛି। ବାବା ବାଲିକପିଳେଶ୍ୱର ମନ୍ଦିର ଠାରେ ମାଘ ସ୍ନାନ ନୀତି ଓ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପାଦନ କରାଯାଇଛି। ପ୍ରକାଶ ଯେ, ପୁରୀ ଚକ୍ରତୀର୍ଥ ରୋଡ୍ ନୂଆସାହି ନିବାସୀ ଗୋବିନ୍ଦ ବେହେରା (୪୦) ଦୀର୍ଘ ଦିନ ହେବ କର୍କଟ ରୋଗର ପୀଡ଼ିତ ହୋଇ ଚିକିତ୍ସିତ ହେବା ପରେ ମଧ୍ୟ ଆରୋଗ୍ୟ ଲାଭ କରି ନ ଥିଲେ। ରୋଗମୁକ୍ତ ଓ ଆରୋଗ୍ୟ ଲାଭ ନିମନ୍ତେ ଭକ୍ତ ଗୋବିନ୍ଦ ବେହେରା ଗତ ୩ ଦିନ ଧରି ବାବା ବାଲିକପିଳେଶ୍ୱର ମନ୍ଦିର ବେଢ଼ାରେ ଗୁହାରିଆ ପଡ଼ିଥିଲେ। ସମ୍ପୃକ୍ତ ବ୍ୟକ୍ତି ଶନିବାର ଭୋର ସମୟରେ ମନ୍ଦିର ବେଢ଼ାରେ ବସିଥିବା ବେଳେ ତଳେ ପଡ଼ି ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ମନ୍ଦିର ପୂଜକ ରାମଚଣ୍ଡୀ ଥାନା ପୋଲିସକୁ ଅବଗତ କରାଇବା ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଶବ ବ୍ୟବଚ୍ଛେଦ ନିମନ୍ତେ ରାମଚଣ୍ଡୀ ଥାନା ପୋଲିସ ପୁରୀ ସଦର ମହକୁମା ମୁଖ୍ୟ ହସ୍ପିଟାଲକୁ ପଠାଇ ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।

# କଲେଜ କର୍ମଚାରୀଙ୍କ ବିୟୋଗରେ ଶୋକ

ଯୋଗେଶ୍ୱରପୁର,୬।୯ (ରଶ୍ମି ରଞ୍ଜନ ସାହୁ)

ନୟାହାଟ କଲେଜର ଅବସରପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରକାଶ ଚନ୍ଦ୍ର ବାରିକଙ୍କ ବିୟୋଗରେ ନୟାହାଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ପ୍ରକାଶ ମେ ୩୧ ତାରିଖରେ ଅବସର ନେଇଥିବା ବେଳେ ଶାରୀରିକ ଅସୁସ୍ଥ କାରଣରୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ପରେ ସେ ତାଙ୍କ ଶ୍ୱଶୁର ଘର ବାଲିପାଟଣାଠାରେ ରହୁଥିଲେ। ଶନିବାର ମୃତ୍ୟୁବରଣ ଖବର ପ୍ରଚାର ହେବା ପରେ ତାଙ୍କ ମୃତଦେହକୁ ଅଣାଯାଇ ନୟାହାଟ ବଜାର ପରିକ୍ରମା କରାଯାଇଥିଲା। କଲେଜ ଅଧ୍ୟକ୍ଷ ଭୋଳାନାଥ ପାତ୍ର, ଅଧ୍ୟାପକ ରତିକାନ୍ତ ଦାସ,ଭାବଗ୍ରାହୀ ଜେନା, ଜୟରାମ ସ୍ୱାଇଁ, ଜିତେନ୍ଦ୍ର ପାତ୍ର, ଅଜିତ କୁମାର ନାୟକ, କୁଞ୍ଜ ନାୟକ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବଜ୍ରପାତ ରୋକିବ ତାଳଗଛ




ତାଳ ମଞ୍ଜି ରୋପଣ ଅଭିଯାନ ଆରମ୍ଭ ।

କାକଟପୁର/ଅସ୍ତରଙ୍ଗ,୬।୯ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଞ୍ଚାୟତ ଅଧୀନ ଶ୍ରୀଖଣ୍ଡିବେଲାରୀ ଗ୍ରାମର ତ୍ରିନାଥ ଯୁବକ ସଂଘର ଯୁବକମାନେ ବିଭିନ୍ନ ପ୍ରକାର ଚାରା ଲଗାଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଏଭଳି ଗଛ ଲଗାଉଛନ୍ତି ବୋଲି ସଂଗଠନର ସଦସ୍ୟମାନେ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ସହ ବଢ଼ିଚାଲିଛି ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତି। ବନ୍ୟା, ବାତ୍ୟା, ମରୁଡ଼ି, ବଜ୍ରପାତ ଭଳି ପ୍ରକୃତି ତାଣ୍ଡବ ଦେଖିବାକୁ ମିଳୁଛି। ପ୍ରତିବର୍ଷ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବଢ଼ି ଚାଲିଥିବା ବେଳେ ତାଳଗଛ ହିଁ ବଜ୍ରପାତଜନିତ ମୃତ୍ୟୁ ରୋକିପାରିବ ବୋଲି କୁହାଯାଉଛି। ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତରେ ଥିବା ବିଭିନ୍ନ ବିଦ୍ୟାଳୟରେ ବୃକ୍ଷ ରୋପଣ ପ୍ରତି ସଚେତନ କାର୍ଯ୍ୟକ୍ରମ ହେବା ସହ ଶନିବାର ନାନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ତାଳଗଛ ରୋପଣ ସମ୍ପର୍କରେ ସଚେତନ

### ଯୁବକଙ୍କ ଅଭିନବ ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା

କରାଯାଇଥିଲା। ଶ୍ରୀଖଣ୍ଡିବେଲାରୀ ଗ୍ରାମର ତ୍ରିନାଥ ଯୁବକ ସଂଘ ସଦସ୍ୟମାନେ ଏଯାବତ ୩ହଜାରରୁ ଊର୍ଦ୍ଧ୍ୱ ତାଳଗଛ ଲଗାଇବା ସହ ୫୦୦ରୁ ଅଧିକ ନିମ, ନଡ଼ିଆ ଗଛ ନିଜ ଅଞ୍ଚଳରେ ଲଗାଇଛନ୍ତି। ବଜ୍ରପାତଜନିତ ମୃତ୍ୟୁ ରୋକିବା ପାଇଁ ସରକାର ତାଳଗଛ ଲଗାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ଶ୍ରୀଖଣ୍ଡିବେଲାରୀ ଗ୍ରାମର ତ୍ରିନାଥ ଯୁବକ ସଂଘ ତାହା କାର୍ଯ୍ୟରେ କରି ଦେଖାଇଛନ୍ତି। ଝାଡ଼ଲିଙ୍ଗ ପଞ୍ଚାୟତ ଅଧୀନ ଶ୍ରୀଖଣ୍ଡିବେଲାରୀ ଗ୍ରାମ ନିକଟସ୍ଥ କୋଳିଖିଆ ନଦୀ ବନ୍ଧର ଉଭୟ ପାର୍ଶ୍ୱରେ ଶନିବାର ୫ଶହରୁ ଊର୍ଦ୍ଧ୍ୱ ତାଳ ମଞ୍ଜି ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ତ୍ରିନାଥ ଯୁବକ ସଂଘର ସଦସ୍ୟ ଗଣେଶ ନାୟକ, ବିଚିତ୍ରାନନ୍ଦ ମହାରଣା, ନିକୁଞ୍ଜ ପଢ଼ିଆରୀ, ବୁଦ୍ଧେଶ୍ୱର ମହାରଣା, ବିକାଶ ମହାରଣା, ପ୍ରସନ୍ନ ବିଶ୍ୱାଳ, ଆଦିତ୍ୟ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ୧୦୮ ଗ୍ରାମ୍ ବ୍ରାଉନସୁଗାର ଜବତ, ବ୍ୟବସାୟୀ ଗିରଫ

ନିମାପଡ଼ା,୬।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଶନିବାର କାକଟପୁର ଥାନା ଅନ୍ତର୍ଗତ ଗୋପୀକାନ୍ତପୁର ଦାସସାହି ନିକଟରେ ଅଚାନକ ଚଢ଼ାଉ କରାଯାଇ ଜଣେ ଚୋରା ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଗିରଫ ବ୍ୟବସାୟୀ ହେଲେ ନିକୁଞ୍ଜ ବିହାରୀ ଦାସ। ବ୍ୟବସାୟୀଙ୍କଠାରୁ ଅବକାରୀ ବିଭାଗର ଅଧିକାରୀମାନେ ୧୦୮ ଗ୍ରାମ୍ ଚୋରା ବ୍ରାଉନ୍‌ସୁଗାର ଜବତ କରିଛନ୍ତି। ଜବତ ଚୋରା ବ୍ରାଉନ୍‌ସୁଗାରର ମୂଲ୍ୟ ୧୦ଲକ୍ଷ ୮୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ଅଧିକାରୀଙ୍କଠାରୁ ଜଣାପଡ଼ିଛି। ଏ ସମ୍ପର୍କରେ ନିମାପଡ଼ା ଅବକାରୀ ଥାନା କେସ୍ ନଂ. ୧୦୪/୨୫-୨୬ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲ, ନିମାପଡ଼ା ଅବକାରୀ ଥାନା ଇନ୍ସପେକ୍ଟର ପ୍ରଭାକର ସେଠୀ, ଭାରପ୍ରାପ୍ତ ଅଧିକାରୀ ସିଦ୍ଧେଶ୍ୱର ମଲ୍ଲିକ, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ସୁଶାନ୍ତ ଜେନା, ତପନ ପ୍ରଧାନ, ସବିତା ସାହୁ ପ୍ରମୁଖ ସଦଳବଳ ଚଢ଼ାଉ କରିଥିଲେ। ଚଳିତ ପାର୍ବଣ ଋତୁରେ ଚୋରା ମାଦକଦ୍ରବ୍ୟ କାରବାରକୁ ଦୃଢ଼ ଭାବେ ପ୍ରତିହତ କରାଯିବା ଓ ଚୋରା ମାଦକଦ୍ରବ୍ୟ ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିମାପଡ଼ା ଅବକାରୀ ଥାନା ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି।

# ସମାଜର ଅବହେଳିତଙ୍କ ପାଇଁ ଲଢ଼ିବ ସଂଗଠନ

ପିପିଲି,୬।୯(ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ପିପିଲିରେ ଅଲ୍ ଇଣ୍ଡିଆ ମୂଳନିବାସୀ ସଂଘ ଗଠନ ହୋଇଛି। ରାଜ୍ୟର ପ୍ରତିଜିଲାରେ ଏହି ସଂଗଠନ ସାଧାରଣ ଲୋକଙ୍କ ସ୍ୱର ହେବ ବୋଲି ନେତାମାନେ କହିଛନ୍ତି। ସମାଜର ନିଷ୍ପେଷିତ, ନିର୍ଯାତିତ ଓ ଅବହେଳିତଙ୍କ ପାଇଁ ଅଲ୍ ଇଣ୍ଡିଆ ମୂଳନିବାସୀ ନୂତନ ସଂଗଠନ ଲଢ଼ିବ ବୋଲି ପୂର୍ବତନ ଏମ୍‌ପି ଭଜମନ ବେହେରା ଏକ ସମାବେଶରେ କହିଛନ୍ତି। ସରକାରଙ୍କର ଜନହିତକର ଯୋଜନାରେ ବାଟମାରଣା ହେଉ କି ଗରିବଙ୍କ ଟଙ୍କା ବାଟମାରଣା ହେଉ, ସାଧାରଣଜନତାଙ୍କ ପାଇଁ ଠିଆ ହେବ ଏହି ସଙ୍ଗଠନ ବୋଲି

### ଅଲ୍ ଇଣ୍ଡିଆ ମୂଳନିବାସୀ ସଂଘର ପ୍ରଥମ ସମାବେଶ

ବେହେରା ସୂଚନା ଦେଇଥିଲେ। ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଛାତ୍ରୀଛାତ୍ର ଆଦିଙ୍କୁ ଏହି ସମାବେଶରେ ପ୍ରାୟ ବିଭିନ୍ନ ଚାରା ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଖବରଦାତା ଏବଂ ସାମାଜିକ କର୍ମୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ସଂଗଠନର ରାଜ୍ୟ ସଭାପତି ବିଜୟ ସେଠୀଙ୍କର ନେତୃତ୍ୱରେ ସେଠାରେ ସମ୍ବିଧାନ ପ୍ରଣେତା ବି.ଆର. ଆମ୍ବେଦକରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପିପିଲି ବାଇପାସ୍ ତରାକାଜରୁ ଏକ ବିରାଟ ଶୋଭାଯାତ୍ରା ପିପିଲି ବ୍ଲକ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଏମ୍‌ପି ଭଜମନ ବେହେରା, କମ୍ୟୁନିଷ୍ଟ ନେତା ସର୍ବେଶ୍ୱର ଭାରତୀ ଓ ହାଇକୋର୍ଟର ଆଇନଜୀବୀ କବିରାଜ ପ୍ରଧାନ, ସଂଘର ରାଜ୍ୟ ଆବାହିକା ସୋନିଲତା ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନ୍ୟାୟ ବିରୋଧରେ ଲଢ଼େଇ ଜାରି ରହିବ ବୋଲି କହିଥିଲେ। ଏହି ସମାବେଶରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଯୋଗଦେଇଥିଲେ।



ଅଲ୍ ଇଣ୍ଡିଆ ମୂଳନିବାସୀ ସଂଘର ପ୍ରଥମ ସମାବେଶରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ସୁଧୁରୁନି ସମସ୍ୟା, ମୁହଁ ମୋଡୁଛନ୍ତି ପର୍ଯ୍ୟଟକ

ଗୋପ,୬।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ମାସ ଧରି କୋଣାର୍କ-ଗୋପ ମୁଖ୍ୟ ରାସ୍ତାର ଗୋପ ବଜାର ଛକ ଠାରେ କେତେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି।ଦୈନନ୍ଦିନ ଏହି ରାସ୍ତା ଦେଇ ଦେଶ ବିଦେଶର ଶତାଧିକ ପର୍ଯ୍ୟଟକ ପୁରୀ କୋଣାର୍କ ବୁଲି ଯାଉଥିବା ବେଳେ ଏହି ସ୍ଥାନରେ ଖାଲଖମା ରହିଛି। ରାସ୍ତା ଦାୟିତ୍ୱରେ ପୂର୍ତ୍ତ ବିଭାଗ ରହିଥିଲେ ମଧ୍ୟ ଏହି ଖାଲଖମା ରାସ୍ତା ଉପରେ ଅଭିଯୋଗ ପରେ ବି ନୀରବଦ୍ରଷ୍ଟା ସାଜିଥିଲା। ଅଭିଯୋଗକୁ ବିଭାଗୀୟ ଯନ୍ତ୍ରୀମାନେ ଗୁରୁତ୍ୱ ନ ଦେବାରୁ ଗୋପ ସନ୍ନିକଟ କୁସୁପୁର ଯୁବ ପରିଷଦ ସଦସ୍ୟମାନେ ରାସ୍ତା ମରାମତି କରିଥିଲେ। କିନ୍ତୁ ବର୍ଷା କ୍ରମାଗତ ଲାଗି ରହିବା ଫଳରେ ମରାମତି ବେଳେ ପକାଯାଇଥିବା ଡଷ୍ଟଗୁଣ୍ଡଗୁଡ଼ିକ ଭାସି ଯାଇଥିଲା। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉପରେ ବିଭାଗ ପକ୍ଷରୁ ୬ ଥର ଡଷ୍ଟ ପକା




ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି ।

ଯାଇଥିଲେ ମଧ୍ୟ ସେହି ଡଷ୍ଟଗୁଣ୍ଡଗୁଡ଼ିକ ଭାସିଯିବାରୁ ଏବେ ଖାଲ ହୋଇ ରହିଛି। ଦୈନିକ ଶତାଧିକ ପର୍ଯ୍ୟଟକ ଗାଡ଼ି କୋଣାର୍କ ସୂର୍ଯ୍ୟମନ୍ଦିର ସହିତ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଉଥିବା ପର୍ଯ୍ୟଟକମାନେ ମୁହଁ ମୋଡୁଛନ୍ତି। ଗୋପ ପୂର୍ତ୍ତବିଭାଗ ସେକ୍ସନଟି ସବୁବେଳେ ତାଲା ଝୁଲୁଥିବାରୁ ସାଧାରଣ ଲୋକମାନେ ଅଭିଯୋଗ କରିପାରୁନାହାନ୍ତି।

ଅପରପକ୍ଷରେ ଏହି ରାସ୍ତା ଦେଇ ଦୈନନ୍ଦିନ ଶହଶହ ସଂଖ୍ୟକ ଦେଶବିଦେଶ ଓ ରାଜ୍ୟ ସରକାରଙ୍କ ବହୁ ଭିଭିଆଇ, ଭିଆଇପି କୋଣାର୍କ, ପୁରୀ ଯାଉଥିଲେ ମଧ୍ୟ ଏହି ଖାଲଖମା ରାସ୍ତା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପର୍ଯ୍ୟଟନ ମନ୍ତ୍ରୀ ଥିବାରୁ ତୁରନ୍ତ ଏହି ରାସ୍ତା ଉପରେ ଗୁରୁତ୍ୱଦେବାକୁ ସାଧାରଣରେ ଦାବି କରାଯାଇଛି। ପୂର୍ତ୍ତବିଭାଗ ଯନ୍ତ୍ରୀ

### କୋଣାର୍କ-ଗୋପ ମୁଖ୍ୟ ରାସ୍ତା ୬ ଥର ମରାମତି ପରେ ବି

ଏଠାରେ ରହୁ ନ ଥିବାରୁ ସାଧାରଣରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତିଙ୍କୁ ଫୋନ୍ କଲେ ମଧ୍ୟ ସମ୍ପୃକ୍ତ ଯନ୍ତ୍ରୀ ଫୋନ୍ ଉଠାଉନାହାନ୍ତି। ମାସ ମାସ ଧରି ଖାଲଖମା ପୂର୍ଣ୍ଣ ରାସ୍ତାରେ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟିବା ଭଳି ଅଭିଯୋଗ ରହିଛି। ରାଜ୍ୟ ସରକାର କୋଣାର୍କ ରାସ୍ତାକୁ ଚାରି ଥାକିଆ ରାସ୍ତା କରିବା ପାଇଁ କହୁଥିବା ବେଳେ ଏହି ଖାଲଖମା ରାସ୍ତାକୁ ତୁରନ୍ତ ସ୍ଥାୟୀ ମରାମତି ପାଇଁ ସାଧାରଣରେ ଦାବି କରା ଯାଇଥିବା ବେଳେ ମରାମତି କାର୍ଯ୍ୟ ନାଁରେ ନିଆଯାଇଥିବା ଲକ୍ଷାଧିକ ଟଙ୍କା ଉପରେ ଭିଜିଲାନ୍ସ ତଦନ୍ତ ମଧ୍ୟ କରିବା ପାଇଁ ଦାବି ହୋଇଛି।

**ରାମନଗର ଗ୍ରାମରୁ ଗୋଟିଏ ରାତିରେ ସିରିଜ ଚୋରି ଉଦ୍ୟମ**

ବ୍ରାହ୍ମଣଝରିଲୋ: କଟକ ସଦର ଥାନା ଅଧୀନ ସିଏମ୍‌ସି ୫୯ ନଂ. ୱାର୍ଡ ରାମନଗର ଗ୍ରାମରେ ଗୋଟିଏ ରାତିରେ ସିରିଜ ଚୋରି ଉଦ୍ୟମ କରାଯାଇଛି। ଗ୍ରାମର ୮ଜଣଙ୍କ ଘରେ ଚୋର ପଶିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ଚୋରମାନେ ଗ୍ରାମର ତ୍ରୈଲୋକ୍ୟ ବେହେରାଙ୍କ ଠାକୁର ଘର ଝରକା ତାଡି ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ସେହିପରି ସେହି ରାତ୍ରିରେ ଗ୍ରାମର ୭ଜଣଙ୍କ ଘରେ ପଶିବା ପାଇଁ ଉଦ୍ୟମ କରିଥିଲେ। କାହାର ଝରକା ତ କାହାର କବାଟକୁ ଚୋରମାନେ ତାଡିଛନ୍ତି। କିନ୍ତୁ ଘର ଲୋକେ ଉଠି ପଡିବାରୁ ଚୋରମାନେ ଫେରାର ହୋଇଛନ୍ତି। ୨ଜଣ ଗ୍ରାମବାସୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ରାତ୍ରି ପାଟ୍ରୋଲିଂକୁ ଜୋରଦାର କରିଛି।

**ସଂକ୍ଷେପରେ**

## ମା' ବଉଳ ଦେବୀଙ୍କ ମାଟି ଅନୁକୂଳ

ଖୁଣ୍ଟୁଣୀ,୬।୯(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ରାଜା ରାଜୁଡା ଅମଳରୁ ବାଳିବଉଳ ଗ୍ରାମରେ ବିଜେ ପ୍ରସିଦ୍ଧ ଦେବୀ ମା' ବଉଳ ଦେବୀଙ୍କ ମୃଣ୍ମୟୀ ପ୍ରତିମା ପାଇଁ ମାଟି ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ମାଗୁଣି ଚରଣ ରାଉତ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଦେବୀ ସାଧକ ପୂଜକ ପ୍ରଭାତ କୁମାର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ମା'ଙ୍କ ପୀଠ ବଉଳଠାରୁ ସଦସ୍ୟମାନେ ନାଁ ସଂକୀର୍ତ୍ତନ କରି ଏକ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ପୋଖରୀ ହୁଡ଼ାରୁ ପୂଜା କରି ମାଟି ଆଣିଥିଲେ। ଶନିବାରଠାରୁ ମା'ଙ୍କ ମୃଣ୍ମୟୀ ପ୍ରତିମା କାର୍ଯ୍ୟର ଆରମ୍ଭ ହେଲା ବୋଲି କମିଟି ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ସିଂ କହିଛନ୍ତି । ଏହି କାର୍ଯ୍ୟକର୍ମରେ ଓରନ୍ଦା ସରପଞ୍ଚ ପ୍ରତିନିଧି ରାଜୀବ ଲୋଚନ ଦାସ, ପୂର୍ବତନ ସରପଞ୍ଚ ଶୁକଦେ ବେହେରା, ବ୍ରହ୍ମାନନ୍ଦ ଦାସ, ପ୍ରଶାନ୍ତ କୁମାର ରାଉତ, ହରିହର କରଣ, ଶ୍ରୀନିବାସ ଦଳେଇ, ସୁରେଶ କାଳିଆ, କାର୍ତ୍ତିକ ଦେହୁରୀ, ବିଭୂତି ବାରିକ ଓ ପରମାନନ୍ଦ ଧଳ ପ୍ରମୁଖ ଯୋଗଦେଇ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରଖ୍ୟାତ କାରିଗର ମନି ବେହେରା ପ୍ରତିମା ଗଢିବେ ବୋଲି ରାଜୀବ ଲୋଚନ ଦାସ କହିଛନ୍ତି।

## ହୀରାଖଣ୍ଡ ସଂସ୍କୃତି ସମାଜର ନୂଆଁଖାଇ ଭେଟ୍‌ଘାଟ୍

କଟକ,୬।୯(କାର୍ତ୍ତିକ ସାହୁ)

ହୀରାଖଣ୍ଡ ସଂସ୍କୃତି ସମାଜର ବିଂଶତମ ନୂଆଁଖାଇ ଭେଟ୍‌ଘାଟ୍ ସାରଳା ଭବନରେ ଶୁକ୍ରବାର ପାଳିତ ହୋଇଯାଇଛି। ସମାଜର ସଭାପତି ଦେବେନ୍ଦ୍ର ନାଥ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ମୁଖ୍ୟ ଉପଦେଷ୍ଟା ବାସୁଦେବ ପୂଜାରୀ ଏବଂ ମୁଖ୍ୟବକ୍ତା ଅରବିନ୍ଦ ଦାଶ ନୂଆଁଖାଇ ପର୍ବ କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ନ ହୋଇ, ଦେଶ ବିଦେଶରେ ମଧ୍ୟ ପାଳିତ ହେଉଛି ବୋଲି କହିଥିଲେ। ଡାକ୍ତର ଜୟନ୍ତ ପଣ୍ଡାଙ୍କ ସମ୍ପାଦନା ଓ ନଳିନୀ ମହାପାତ୍ରଙ୍କ ସହଯୋଗରେ ପ୍ରସ୍ତୁତ ସ୍ମରଣିକା ମାଲେଶିରୀ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପଦ୍ମଶ୍ରୀ ପଟାୟତ ସାହୁ ଓ ପ୍ରଫେସର ଡାକ୍ତର ବଳଭଦ୍ର ନାୟକଙ୍କୁ ହୀରାଖଣ୍ଡ ହୀରା ସମ୍ମାନ ଏବଂ ପଦ୍ମଶ୍ରୀ ଡାକ୍ତର ଉତ୍ସବ ଚରଣ ଦାସଙ୍କୁ ହୀରା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗଙ୍ଗାଧର ଦାସ କୋଡ଼ିଏ ବର୍ଷର ନୂଆଁଖାଇ ଭେଟ୍‌ଘାଟ୍ ପାଳନର ସଫଳତା କହିଥିଲେ। ନୃତ୍ୟଗୀତର ତାଳେତାଳେ ପରିବେଶ ଝଙ୍କୃତ ହୋଇଥିଲା। ଧନଞ୍ଜୟ ମୁଣ୍ଡ ଧନ୍ୟବାଦ ଦେଇଥିଲେ। ମନୋଜ ପୁରୋହିତ, ନିରଞ୍ଜନ ହୋତା, ଦିଲୀପ ସାହୁ, ସୁଶାନ୍ତ ପ୍ରଧାନ, ଜଗନ୍ନାଥ ନାୟକ, ଲକ୍ଷ୍ମୀ ନାରାୟଣ ପଟେଲ, ସରୋଜ କୁମାର ପଟେଲ, ସୁବାସ ଚନ୍ଦ୍ର ଦେହୁରୀ, ଶୁଭ୍ରାଂଶୁ ପାତ୍ର, ମନୋଜ ସାହୁ ସହଯୋଗ କରିଥିଲେ।

# ଖୁବ୍‌ଶୀଘ୍ର ପୂରଣ ହେବ ଖାଲି ଡାକ୍ତର ପଦବୀ



ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କଟକ ଜିଲା ପରିଷଦର ଏକାଦଶତମ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୬।୯(କାର୍ତ୍ତିକ ସାହୁ)

**ଏକାଦଶତମ କଟକ ଜିଲା ପରିଷଦ ବୈଠକ**

କଟକ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ରହିଛି। ଯଦ୍ୱାରା ସାଧାରଣ ଲୋକେ ଚିକିତ୍ସାଜନିତ ସମସ୍ୟା ଭୋଗୁଛନ୍ତି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଖୁବ୍‌ଶୀଘ୍ର ଖାଲି ଥିବା ଡାକ୍ତର ପଦ ପୂରଣ ନିମନ୍ତେ ଏକାଦଶତମ କଟକ ଜିଲା ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଜିଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ପ୍ରସ୍ତାବିତ ଡ୍ରେନେଜ ନବୀକରଣ, ସର୍ଭେ ତଥା ନୂତନ ନଳକୂପ ଖନନ ଓ ସ୍ଥାନାନ୍ତର ଉପରେ ଆଲୋଚନା କରାଯାଇଥିଲା। ସେହିପରି ବଡ଼ମ୍ବା, ନରସିଂହପୁର, ଆଠଗଡ଼ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଖଣି ଖାଦାନରୁ ନିର୍ଦ୍ଦିଷ୍ଟ କିସ ବ୍ୟବସ୍ଥା, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳର ବିକାଶ କାର୍ଯ୍ୟର ସ୍ଥିତି ଅଗ୍ରଗତି ଉପରେ ବିଧାୟକ ଓ ଅନ୍ୟାନ୍ୟ ଜନ ପ୍ରତିନିଧିମାନେ ସମୀକ୍ଷା କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୈଠକରେ ମତ ରଖିଥିଲେ। ନିର୍ଦ୍ଦିଷ୍ଟ ସମୟରେ ଟେଣ୍ଡର ପ୍ରକ୍ରିୟା କରାଯାଇ ସମସ୍ତ ଉନ୍ନୟନ କାର୍ଯ୍ୟ ଶେଷ କରିବା, ନୂତନ ରାସ୍ତା ନିର୍ମାଣ, ମରାମତି, ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଅନୁଯାୟୀ ବିଭିନ୍ନ କାର୍ଯ୍ୟ ନିମନ୍ତେ ବିଧାୟକ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତାବ ଉପସ୍ଥାପନା କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପଞ୍ଚାୟତ ଓ ବ୍ଲକଗୁଡ଼ିକରେ ଚାଲୁ ରହିଥିବା ସମସ୍ତ କାର୍ଯ୍ୟର ସ୍ଥିତି ପରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ସେହିପରି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ-ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା ପ୍ରମୁଖ ନିଜ ଅଞ୍ଚଳର ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାକୁ ସମୀକ୍ଷା ମଧ୍ୟ କରିଥିଲେ।

ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଇଡ୍‌କୋ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ମିଶନ ଶକ୍ତି ଅନ୍ତର୍ଗତ ଆଇସିଡିଏସ ପ୍ରକଳ୍ପ, ଋଣ ପ୍ରଦାନ ବ୍ୟବସ୍ଥାରେ ସୁଧାର, ଲକ୍ଷପତି ଦିଦି, ସୁଭଦ୍ରା ଯୋଜନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ହିତାଧିକାରୀ ଚୟନ ଓ ଋଣ ପ୍ରଦାନ ବ୍ୟବସ୍ଥା, କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ସାର କ୍ରୟ ଓ ଉପଲବ୍ଧତା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବୈଠକ ସଂଯୋଜନା କରି ତ୍ୱରିତ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସହ ସଂଯୋଜନା କରିଥିଲେ। ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିଡିଓ, ବ୍ଲକ ପ୍ରତିନିଧି, ଜିଲା ପରିଷଦ ସଦସ୍ୟାସଦସ୍ୟ, ପଞ୍ଚାୟତ ସମିତି ସଭ୍ୟାସଭ୍ୟବୃନ୍ଦ ଓ ଜିଲାସ୍ତରୀୟ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ ଧନ୍ୟବାଦ ଦେଇଥିଲେ।

## ଜିଲାର ୨୧ ଗ୍ରାମରେ ଚାଲିଲା ଆଦି କର୍ମଯୋଗୀ ଅଭିଯାନ

କଟକ,୬।୯(କାର୍ତ୍ତିକ ସାହୁ)

**ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଆଦି କର୍ମଯୋଗୀ ଅଭିଯାନର ୩ ଦିନିଆ ତାଲିମ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ୨୦ଜଣ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ତାଲିମ ଗ୍ରହଣ କରିଛନ୍ତି। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅନୁସୂଚିତ ଜନଜାତି ଓ ଜାତି, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଏବଂ ବନ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ସାମିଲ ଥିଲେ। ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ, ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି ପ୍ରମୁଖ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରଙ୍କୁ ତାଲିମ ଦେଇଛନ୍ତି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟର ଜିଲା ପ୍ରଭାରି ଅଧିକାରୀ ଅରବିନ୍ଦ ମୁଦଗଲ କାର୍ଯ୍ୟକ୍ରମରେ ଯୋଗଦେଇ ତାଲିମ ନେଉଥିବା ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଗ୍ରାମସ୍ତରୀୟ ସାଥି, ସହଯୋଗୀ ଓ କର୍ମଯୋଗୀଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରି ୨୧ଟି ଗ୍ରାମରେ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ନିମିତ୍ତ ଆଦେଶ ଓ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ଜିଲାପାଳ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ସୂଚାରୁ ରୂପେ ଆଦି କର୍ମଯୋଗୀ ଭାବେ କାର୍ଯ୍ୟ କରିବା ନିମିତ୍ତ ଶପଥ ପାଠ କରାଇଥିଲେ। ସେପ୍ଟେମ୍ବର ୧୧ରେ ବ୍ଲକସ୍ତରୀୟ ଓରିଏଣ୍ଟେସନ କାର୍ଯ୍ୟକ୍ରମ ବିଡିଓ ଏବଂ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ବିଭାଗର ବ୍ଲକସ୍ତରୀୟ ଅଧିକାରୀ ଓ ଏନଜିଓ ସଦସ୍ୟମାନଙ୍କୁ ତାଲିମ ଦିଆଯିବ। ସେପ୍ଟେମ୍ବର ୧୩ଠାରୁ ଗ୍ରାମସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ସମସ୍ତ ଯୋଜନା ସମ୍ବନ୍ଧରେ ଗ୍ରାମବାସୀଙ୍କୁ ଅବଗତ କରାଯିବ। ଏହି ଅଭିଯାନରେ ୨୧ଟି ଗ୍ରାମରେ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ଅକ୍ଟୋବର ୨ରେ ସ୍ୱତନ୍ତ୍ର ଗ୍ରାମସଭାରେ ଅନୁମୋଦିତ କରାଯିବ। ସୂଚନାଯୋଗ୍ୟ ଯେ, କଟକ ଜିଲାର ଆଠଗଡ଼, ବାରଙ୍ଗ, ବଡ଼ମ୍ବା, ଟାଙ୍ଗୀ-ଚୌଦ୍ୱାରର ୨୧ଟି ଗ୍ରାମରେ ଏହି ଆଦି କର୍ମଯୋଗୀ ଅଭିଯାନର ଶୁଭାରମ୍ଭ ହୋଇସାରିଛି।



କଟକ ମିଶନରୋଡ୍‌ସ୍ଥିତ ଷ୍ଟିୱାର୍ଟ ସ୍କୁଲରେ ଶନିବାର ନେତାଜୀ ସଂଗ୍ରହାଳୟ ଉଦ୍‌ଘାଟନ ପରେ ସଂଗ୍ରହାଳୟରେ ପ୍ରଦର୍ଶିତ ନେତାଜୀଙ୍କ ଫଟୋଚିତ୍ରକୁ ଅତିଥିମାନେ ବୁଲି ଦେଖୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

## ଆଦର୍ଶ ଶିକ୍ଷକ ସ୍ୱର୍ଗତ କୈଳାଶ ଚନ୍ଦ୍ର ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ସଦର,୬।୯(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବନ୍ତୁଣିଆ ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ କୈଳାଶ ଚନ୍ଦ୍ର ବେହେରାଙ୍କ ଏକାଦଶାହ ଉପଲକ୍ଷେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଶ୍ରଦ୍ଧାଞ୍ଜଳ ସଭାରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି, ରାଜନେତା, ସମାଜସେବୀ ଯୋଗଦେଇ ସ୍ୱର୍ଗତ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରତିଭା ବିକାଶ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା, ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଦିଲୀପ ମଲ୍ଲିକ, ରୁଦ୍ର ନାରାୟଣ ଦାସ, ପ୍ରଧ୍ୟାପକ ସେକ କଲିମୁଲା, ଶରତ ରାୟ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟ ଲକ୍ଷ୍ମୀ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ଦିଗମ୍ବର ମହାପାତ୍ର, ସତ୍ୟ ଜେନା, ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଇଞ୍ଜିନିୟର ଅଶୋକ ବିଶାଳ ସଭା ପରିଚାଳନା କରିଥିବା ବେଳେ ବିନୋଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ୧ କି.ମି. ଷ୍ଟ୍ରେଚରରେ ବୁହାହେଲେ ରୋଗୀ



ରୋଗୀଙ୍କୁ ଷ୍ଟ୍ରେଚରରେ ବୋହି ଅଣାଯାଉଛି।

ନିଆଳି,୬।୯(ସୁକାନ୍ତ କୁମାର ସିଂହ)

ନିଆଳି ବ୍ଲକ ଅନ୍ତର୍ଗତ ଜଲ୍ଲାରପୁର ପଞ୍ଚାୟତରେ ଗାଁକୁ ରାସ୍ତା ନ ଥିବାରୁ ଷ୍ଟ୍ରେଚରରେ ବୁହାହେଲେ ରୋଗୀ। କାଦୁଅ ଧାନବିଲ ହିଡରେ ପ୍ରାୟ ୧ କି.ମି. ଷ୍ଟ୍ରେଚରରେ ଦମକଳବାହିନୀ ଦ୍ୱାରା ବୁହାହୋଇ ରୋଗୀ ଆସିବା ପରେ ଦମକାଳ ଗାଡିରେ ନିଆଳି ମେଡିକାଲରେ ପହଞ୍ଚିଥିଲେ। ଏଭଳି ଅଭାବନୀୟ ଘଟଣା ଶନିବାର ନିଆଳିରେ ଦେଖିବାକୁ ମିଳିଛି। ଜଲ୍ଲାରପୁର ପଞ୍ଚାୟତ ଭାରତୀହୁଡାର ଦେବେନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ ମିତା ମଲ୍ଲିକ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ୍ୟ ଗାଁକୁ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରି ନ ଥିଲା। ଏହାପରେ ପରିବାର ଲୋକେ ନିଆଳି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନିଆଳି ଦମକଳବାହିନୀ ଗାଁକୁ କାଦୁଅ ରାସ୍ତାରେ ଯାଇଥିଲେ। ପ୍ରାୟ ୧ କି.ମି. ଷ୍ଟ୍ରେଚରରେ ଆଣିବା ପରେ ରୋଗୀଙ୍କୁ ଗାଡିରେ ନିଆଳି ମେଡିକାଲକୁ ଅଣାଯାଇଥିବା ଜଣାଯାଇଛି। ନିଆଳି ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ କଟକ ମେଡିକାଲକୁ ପଠାଯାଇଥିବା ଜଣାଯାଇଛି। ଦୀର୍ଘଦିନ ହେବ ଉକ୍ତ ଗ୍ରାମରେ ପ୍ରାୟ ୩୦ଟି ପରିବାର ରହୁଥିବା ବେଳେ ଉକ୍ତ ଗାଁକୁ ରାସ୍ତା ନାହିଁ। ତୁରନ୍ତ ପ୍ରଶାସନ ଉକ୍ତ ଗ୍ରାମକୁ ରାସ୍ତା କରିବା ପାଇଁ ଗ୍ରାମବାସୀଙ୍କ ସହ ପଞ୍ଚାୟତବାସୀ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର,୬।୯(ଆଶୁତୋଷ ଦାସ)

ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗୁରୁ ଦିବସରେ ପ୍ରଦାନ କରାଯାଇଛି। ଏଥିରେ ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠର ଶିକ୍ଷୟିତ୍ରୀ ସୋନାଲୀ ମହାପାତ୍ର (ସାମାଜିକ ବିଜ୍ଞାନ)ରେ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ସେହି ବିଦ୍ୟାଳୟର ସସ୍ମିତା ମଣ୍ଡଳ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମାଧ୍ୟମିକ ଶିକ୍ଷକ (ସାଧାରଣ ବିଜ୍ଞାନ) କଟକ ଜିଲାପାଳଙ୍କଠାରୁ ଗ୍ରହଣ କରିଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ କଳିଙ୍ଗ ନୋଡାଲ ବିଦ୍ୟାପୀଠ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରାଜେଶ କୁମାର ନାୟକ ଜିଲାସ୍ତରରେ ଜିଲାପାଳଙ୍କଠାରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ସମ୍ମାନିତ ହୋଇଛନ୍ତି। ଏହି ବ୍ଲକରେ ପୌରପାଳିକା ୧୭ ନଂ ୱାର୍ଡସ୍ଥିତ ନୂଆସାହି ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ସୁଶାନ୍ତି ମହାନ୍ତି କଳିଙ୍ଗକ୍ଲଷ୍ଟର ଚୌଦ୍ୱାରରୁ ଜିଲାପାଳଙ୍କ ଦ୍ୱାରା ସମ୍ମାନିତ ହୋଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ସମ୍ମାନିତ ଶିକ୍ଷୟିତ୍ରୀମାନଙ୍କୁ ଶନିବାର ବିଦ୍ୟାପୀଠର ଆଲମୁନି କମିଟି ଓ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଲମୁନି କମିଟି ସଭାପତି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର ଆଶୁତୋଷ ଦାସ, ପ୍ରଶାନ୍ତ ବରାଳ, ଭାସ୍କର ଚନ୍ଦ୍ର ପ୍ରଧାନ, ଗୋକୁଳା ନନ୍ଦ ସାହୁ, ଶିବବ୍ରତ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟ, ମମତା ସାହୁ ପ୍ରମୁଖ ଯୋଗଦେଇ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାରମ୍ପରିକ ବାଦ୍ୟରେ ଭସାଣି ଶୋଭାଯାତ୍ରା



**ବିରାଜିବେ ମା'**

କଟକ,୬।୯(ଶିଳ୍ପା ପ୍ରିୟଦର୍ଶିନୀ)

**ଦଶମୀରେ ହେବ ସିନ୍ଦୂର ଖେଳ**



"ମା' ଯେପରି ଧରାପୃଷ୍ଠରୁ ଖୁସିର ସହ ବିଦାୟ ନେବେ ସେଥିପାଇଁ ମହିଳାମାନଙ୍କ ଏକ ସିନ୍ଦୂର ଖେଳର ପରମ୍ପରା ରହିଛି। ଶତାଧିକ ମହିଳା ଏକଜୁଟ୍ ହୋଇ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ।

ସୁବାସ କୃଷ୍ଣ ସରକାର, ସଭାପତି

**ଚାନ୍ଦିର ସିଂହାସନ, ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ**



"କମିଟି ପକ୍ଷରୁ ଚଳିତବର୍ଷ ଆଉ ୩ କେଜି ଚାନ୍ଦି ଯୋଡାଯାଇ ସିଂହାସନ କରାଯାଇଛି। ଏହା ଚଳିତବର୍ଷ ପୂଜାର ମୁଖ୍ୟ ଆକର୍ଷଣ ପାଲଟିବ। ପୂଜାରେ ଯେପରି ଶ୍ରଦ୍ଧାଳୁ ସୁରୁଖୁରୁରେ ମା'ଙ୍କୁ ଦର୍ଶନ କରିପାରିବେ ତାହାକୁ ଗୁରୁତ୍ୱ ଦିଆଯାଇଛି। କମିଟି ସଦସ୍ୟମାନେ ଭିଡ ନିୟନ୍ତ୍ରଣ ଦାୟିତ୍ୱରେ ରହିବେ। ଏହାସହ ଭସାଣିରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯିବ।

ପ୍ରଦୀପ ସିହ୍ନା(ହାବୁ ଦା), ସମ୍ପାଦକ

**କାଜିବଜାର ପୂଜା କମିଟି**

ଆଉ ଦିନ କେଇଟା ପରେ ଧରାବତରଣ କରିବେ ଜଗତ୍‌ଜନନୀ ମା'ଦୁର୍ଗା। ପୂଜାକୁ ବେଶ୍ ଆଡମ୍ବର କରିବା ପାଇଁ କଟକର ସମସ୍ତ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏହିକ୍ରମରେ କାଜିବଜାର ପୂଜା କମିଟି ଏହି ପୂଜା ଦୌଡରେ ନିଜକୁ ସାମିଲ କରିଛି। ସର୍ବପ୍ରଥମେ ବଙ୍ଗୀୟ ଜମିଦାର ପରିବାର ଏହି ପୂଜା କରିଆସୁଥିଲେ, ହେଲେ ବିବାଦ ହେବାରୁ ୧୯୭୧ଠାରୁ କାଜିବଜାର ପୂଜା କମିଟିରେ ଶାରଦୀୟ ଦୁର୍ଗାପୂଜା ହୋଇଆସୁଛି। ଚଳିତବର୍ଷ କମିଟି ପକ୍ଷରୁ ପୂଜା ପାଇଁ ୬ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। ଚାନ୍ଦିମେଢ଼ ଦୌଡରେ ତିନି ନମ୍ବରରେ ରହିଛି ଏହି ପୂଜା କମିଟି। ୧୯୯୭ରେ ଚାନ୍ଦିମେଢ଼ କରାଯାଇଥିଲା। ୧୮ ଫୁଟ୍ ଉଚ୍ଚତାର ୧ କୁଇଣ୍ଟାଲ ୪୦ କେଜି ଓଜନର ଚାନ୍ଦିରେ ତିଆରି କରାଯାଇଛି ମେଢ଼। ଏହାସହ ୪ ଭରି ଓଜନର ମା' ଦୁର୍ଗାଙ୍କ ନୋଥ, ଟିକ, ଟିକିଲି ସମେତ ମୁଖମଣ୍ଡଳର ସମସ୍ତ ଆଭୂଷଣ ସୁନାର ରହିଛି। ୮୦ କେଜି ଓଜନର ଚାନ୍ଦିର ମା'ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ଅଳଙ୍କାର ରହିଛି। ଏହାସହ ଚଳିତବର୍ଷ ଆଉ ୩ କେଜି ଚାନ୍ଦିର ସିଂହାସନ କରାଯାଉଛି। ୫ ଫୁଟ୍ ଉଚ୍ଚତାର ମା'ଙ୍କ ମୂର୍ତ୍ତି ନିର୍ମାଣରେ କାରିଗର ବଳରାମ ବେହେରା ଓ ପର୍ଶୁରାମ ବେହେରା ଲାଗିଛନ୍ତି। ପୂଜା କମିଟିରେ ବଙ୍ଗୀୟ ପରମ୍ପରାରେ ପୂଜା କରାଯାଇଥାଏ। ମହାଷଷ୍ଠୀରେ ବିଲ୍ୱବରଣ କରାଯିବା ପରେ ମହାସପ୍ତମୀ ପୂଜା କରାଯିବ। ମହାଷ୍ଟମୀରେ ବ୍ରତ ପୂଜା ଓ ସନ୍ଧିପୂଜା କରାଯିବ। ଦଶମୀରେ ମା'ଙ୍କ ନିକଟରେ ମହିଳାମାନେ ସିନ୍ଦୂର ଖେଳି ମା'ଙ୍କୁ ବିଦାୟ ଦେବେ। ଏହାସହ ଦହିପଖାଳ ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ। ଭସାଣି ଯାତ୍ରାରେ ଢୋଲ ଓ ପାରମ୍ପରିକ ବାଦ୍ୟ ପରିବେଷଣ କରାଯିବ।

# ପୀଡ଼ିତାଙ୍କୁ ନ୍ୟାୟ ଦାବି କଲା କଂଗ୍ରେସ

ମଙ୍ଗୁଳି-ଜଗତପୁର,୬।୯(ମାନସ ସାମଲ)



କଂଗ୍ରେସ ପକ୍ଷରୁ ଡିସିପିଙ୍କ ଉଦ୍ଦେଶ୍ୟରେ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

- **ଦିବ୍ୟାଙ୍ଗ, ମାନସିକ ଅନଗ୍ରସର ମହିଳାଙ୍କୁ ପାଶବିକ ଅତ୍ୟାଚାର**
- **ଘଟଣାର ସତ୍ୟାସତ୍ୟ ନାହିଁ, କାଳ୍ପନିକ: ଜଗତପୁର ଥାନା ଅଧିକାରୀ**

ଜଗତପୁର ଥାନା ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ମହିଳାଙ୍କୁ ପାଶବିକ ଅତ୍ୟାଚାର କରିଥିବା ୪ଜଣ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ କଂଗେସ ଦାବି କରିଛି। ଏ ନେଇ କଟକ ନଗର (ଜିଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଡିସିପିଙ୍କ ଉଦ୍ଦେଶ୍ୟରେ ଜଗତପୁର ଥାନା ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ର ଅନୁଯାୟୀ, ବୁଧବାର ରାତିରେ ଜଗତପୁର ଥାନା ଅଧୀନ ନୂଆସାହି-ପୋଡ଼ାବର କେନାଲ ବନ୍ଧରେ ଜଣେ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ମହିଳାଙ୍କୁ ୪ଜଣ ଦୁର୍ବୃତ୍ତ ଟଣାଓଟରା କରିବା ସହ ପାଶବିକ ଅତ୍ୟାଚାର କରୁଥିଲେ। ଏହି ସମୟରେ ସ୍ଥାନୀୟ କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ଜଗତପୁର ଥାନାକୁ ଜଣାଇଥିଲେ। ଘଟଣାସ୍ଥଳରେ ପିସିଆର୍ ପହଞ୍ଚି ପୀଡ଼ିତାଙ୍କୁ ଉଦ୍ଧାର କରିବା ପରିବର୍ତ୍ତେ ଦାୟିତ୍ୱ ଖସାଇ ପୋଲିସ ଚାଲିଯାଇଥିଲା। ସ୍ଥାନୀୟ ଯୁବକ ପୀଡ଼ିତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ ମେଡିକାଲରେ ଆଶୁଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ ସେଠାରେ ମହିଳା ଜଣଙ୍କ ମାନସିକ ଅନଗ୍ରସର ଜଣାପଡିବାରୁ ଡାକ୍ତର ସକାଳେ ତାଙ୍କୁ ମେଣ୍ଟାଲ ୱାର୍ଡକୁ ସ୍ଥାନାନ୍ତର କରାଯିବ ବୋଲି କହିଥିଲେ। ହେଲେ ମେଡ଼ିକାଲରେ ପୀଡ଼ିତା ନ ଥିବା ଉଦ୍ଧାର କରିଥିବା ଯୁବକମାନେ ପରଦିନ ସକାଳେ ଜାଣିବାକୁ ପାଇଥିଲେ। ପୀଡ଼ିତା କେଉଁ ଆଡେ ଚାଲିଗଲେ ନା ଦୁର୍ବୃତ୍ତମାନେ ନିଜକୁ ବଞ୍ଚାଇବା ପାଇଁ ତାଙ୍କୁ ଗାଏବ କରିଦେଇଥିବା ସନ୍ଦେହ ସୃଷ୍ଟି ହେଉଛି। ଯାହା ତଦନ୍ତ ହେଲେ ଜଣାପଡ଼ିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ଦେବା ସମୟରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ୮ ନଂ. ବ୍ଲକ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରା, ଜିଲା କଂଗ୍ରେସ ପୂର୍ବତନ ଉପସଭାପତି ଶିଶିର ରଥ, କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟ, ଶ୍ରମିକ ନେତା ଲକ୍ଷ୍ମୀଧର ଶରଣ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟ ନାରାୟଣ ତ୍ରିପାଠୀ, ଜିଲା ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, ଯୁବନେତା ସୁକାନ୍ତ ସାହାଣୀ, ବରିଷ୍ଠ କଂଗ୍ରେସ ନେତ୍ରୀ ମୋନାଲିସା ଦାସ, ୱାର୍ଡ ସଭାପତି ରଶ୍ମିକାନ୍ତ ସାମଲ ଓ ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକଙ୍କୁ ପଚାରିବାରୁ ଘଟଣାର କୌଣସ ସତ୍ୟାସତ୍ୟ ନାହିଁ, କାଳ୍ପନିକ ବୋଲି କହିଥିଲେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ

**ବାଣପୁର/ବୋଲଗଡ଼,୬।୯ (ବିଜୟ କୁମାର ସ୍ୱାଇଁ/ଦେବବ୍ରତ ହୋତା):** ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଡିଆଇଟି ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ବିଶ୍ୱରଞ୍ଜିତା ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସେଠୀ, ପିଙ୍ଗୁଳିସ୍ଥିତ ଶ୍ରୀରଘୁନାଥଦେବ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ାଶିକ୍ଷକ ମାନସ ବେହେରା ଏବଂ ଖଲିକୋଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁକାନ୍ତ ଜେନାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି।

### ଲକ୍ଷ୍ମୀପ୍ରିୟାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଟାଙ୍ଗୀ,୬।୯(ରଘୁନାଥ ସାହୁ):** ଗୁରୁ ଦିବସ ଅବସରରେ ଟାଙ୍ଗୀ ବାଳିକା ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସ୍ଥିତ କନଭେନସନ ସେଣ୍ଟରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିକ୍ଷା ସଚିବ ପ୍ରମୁଖଙ୍କ ଉପସ୍ଥିତିରେ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଟାଙ୍ଗୀ ବାଳିକା ଉଚ୍ଚବିଦ୍ୟାଳୟରେ ଦୀର୍ଘ ୧୪ବର୍ଷ ଧରି ଶିକ୍ଷକତା କରି ଆସୁଛନ୍ତି। ତାଙ୍କର ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ପାଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟାଙ୍କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅଭିନନ୍ଦନ ଜଣାଇଛନ୍ତି।

# ରିଲ୍ସ ବାହାନାରେ ତାପଙ୍ଗ ନେଇ ହତ୍ୟା କରିଥିଲେ

## ନିରୁପମା ହତ୍ୟା ଘଟଣା

### ଜେଲ ଗଲେ ପୁରୁଷବନ୍ଧୁ ଦେବାଶିଷ

**ଭୁବନେଶ୍ୱର,୬।୯(ସତ୍ୟଜିତ ରାଉତ)**




ଗିରଫ ଦେବାଶିଷ ବିଶୋଇ ଏବଂ ଜବତ ମୋବାଇଲ, ଏଟିଏମ୍ କାର୍ଡ।

ଘରୋଇ ସହାୟିକା ନିରୁପମା ପରିଡ଼ା ଓରଫ ମିତା(୨୨) ହତ୍ୟା ଘଟଣାରେ ଗିରଫ ହୋଇଥିବା ତାଙ୍କ ପୁରୁଷବନ୍ଧୁ ନୟାଗଡ଼ ରଣପୁର ଥାନା ମହିପାଖଣ୍ଡ ଗାଁର ପୁରୁଷବନ୍ଧୁ ଦେବାଶିଷ ବିଶୋଇ ଜେଲ ଯାଇଛନ୍ତି। ଭରତପୁର ଥାନା ପୋଲିସ ଶନିବାର ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସୂଚନା ଦେବା ସହ ହତ୍ୟାକାଣ୍ଡର ପୂରା ଘଟଣା କହିଛନ୍ତି। ନିରୁପମାଙ୍କ ଘର ରଣପୁର ଥାନା ଅନ୍ତର୍ଗତ ହରିପୁର ଗାଁରେ। ସେ ପାତ୍ରପଡାରେ ସମରଜିତ୍ ଜେନାଙ୍କ ଘରେ କେୟାର ଟେକର ଭାବେ କାମ କରୁଥିଲେ। ଜାନୁଆରୀ ୨୪ରେ ସମରଜିତ ପରିବାର ଲୋକଙ୍କ ସହ ଭଞ୍ଜନଗରସ୍ଥିତ ପୈତୃକ ଗାଁକୁ ଯାଇଥିଲେ। ତମାଣ୍ଡୋରେ ରହି ଇଲେକ୍ଟ୍ରିସିଆନ ଭାବେ କାମ କରୁଥିବା ଅଭିଯୁକ୍ତ ପ୍ରେମିକ ଦେବାଶିଷ ପ୍ରେମିକା ନିରୁପମାଙ୍କୁ ବାଇକରେ ବସାଇ ବାପୁଜୀନଗର ନେଇଥିଲେ। ସେଠାରେ ଭାଇଙ୍କ ମୋବାଇଲ ସଜାଡି ରିଲ୍ କରିବାକୁ ତାପଙ୍ଗକୁ ଯାଇଥିଲେ। ସନ୍ଧ୍ୟାରେ ସେଠାରେ ସେମାନଙ୍କ ଭିତରେ ଝଗଡା ହୋଇଥିଲା। ନିରୁପମା ଆଉ ଜଣଙ୍କ ସହ କଲ୍ ଓ ଚାର୍ଟ କରୁଥିବା ସନ୍ଦେହ କରି ଦେବାଶିଷ ଗାଳି କରିଥିଲେ। ପରେ ସେ ଉତ୍ତେଜିତ ହୋଇ ନିରୁପମାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ମୃତଦେହରେ ପଥର ବାନ୍ଧି ଗଛଲତା ଗୁଡାଇ ବଣୁଆ ସ୍ଥାନରେ ଫିଙ୍ଗି ଦେଇଥିଲେ। ଜାନୁଆରୀ ୨୭ ତାରିଖରେ ପରିବାର ଲୋକଙ୍କ ସହ ଘର ମାଲିକ ସମରଜିତ୍ ଭରତପୁର ଥାନାରେ ନିଖୋଜ ଏତଲା ଦେଇଥିଲେ। ତେବେ ଅଭିଯୋଗ ଅନୁସାରେ, ପୋଲିସ ଏକ ମିସିଂ ରିପୋର୍ଟ ରୁଜୁ କରି ଚୁପ ବସିଥିଲା। ଏଥିରେ ଦେବାଶିଷଙ୍କ ହାତ ଥିବା ସନ୍ଦେହ କରି ପରିବାର ଲୋକେ ପୋଲିସ ଓ ଡିସିପିଙ୍କୁ ଜଣାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହେବାରୁ ପୋଲିସର ନିଦ ଭାଙ୍ଗିଥିଲା। ଶେଷରେ ଭରତପୁର ଥାନା ପୋଲିସ ତାଙ୍କୁ ଗିରଫ କରି ପଚରାଉଚରା ପରେ ସେ ସତ ମାନିଯାଇଥିଲ। ଶୁକ୍ରବାର ଦେବାଶିଷ ପୋଲିସ ଟିମ୍ ସହ ଯାଇ କେଉଁଠି ମୃତଦେହ ଫିଙ୍ଗିଥିଲେ ତାହା ଦେଖାଇଥିଲେ।

# ଶିକ୍ଷକମାନେ ଦେଶ ଗଠନର କର୍ଣ୍ଣଧାର



**ଖୋର୍ଦ୍ଧା,୬।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ଗୁରୁଦିବସ ବିଦ୍ୟାଳୟର ପ୍ରତିଷ୍ଠାତା ଡା. ନନ୍ଦକିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସଭାରମ୍ଭ ପୂର୍ବରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଗୁରୁମାନଙ୍କୁ ପୂଜା କରିବା ସହ ଗୁରୁଶିଷ୍ୟ ପରମ୍ପରା ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଗୁରୁଦିବସର କେକ୍ ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା କଟାଯାଇଥିଲା। ଏହି ଅବସରରେ ପିଲାଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି, ଇଷ୍ଟେଟ ମ୍ୟାନେଜର ଚିତ୍ତରଞ୍ଜନ ପଟ୍ଟନାୟକ, ଆସୋସିଏଟ ଡାଇରେକ୍ଟର ମିତାଲି ପରିଡ଼ା, ଏନ୍‌ଡିଏ ମୁଖ୍ୟ ସୁବେଦାର ମେଜର ସୁଶାନ୍ତ କୁମାର ମହାନ୍ତି ଉପସ୍ଥିତ ଥିଲେ।

**କଳାପଥର (ଗଙ୍ଗାଧର ସାହୁ):** କଳପଥର ବ୍ରହ୍ମା କୁମାରୀ ଆଶ୍ରମରେ ଗୁରୁଦିବସ ପାଳିତ ହୋଇଯାଇଛି। ଆଶ୍ରମର ମୁଖ୍ୟ ସଞ୍ଚାଳିକା ଭଉଣୀ ଯାଜ୍ଞେସେନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଙ୍କୀ ବୋଲଗଡ଼ ଅଞ୍ଚଳର ବହୁ କବି, ଲେଖକ, ବୁଦ୍ଧିଜୀବୀ ଯୋଗଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। କବି ରବି ନାରାୟଣ ମଙ୍ଗରାଜଙ୍କ ସଂଯୋଜନାରେ ଉପସ୍ଥିତ କବିକବୟିତ୍ରୀମାନେ ସ୍ୱ ରଚିତ କବିତା ପାଠ କରିଥିଲେ। କବି ନାରାୟଣ ଶୁକ୍ଳ, ସବିତା ଶୁକ୍ଳ, ବଂଶୀଧର ପଣ୍ଡା, ପ୍ରଫୁଲ୍ଲ କୁମାର ହୋତା, ବୈକୁଣ୍ଠ ବେହେରା, ପୀତବାସ ପଟ୍ଟନାୟକ, ଆଦ୍ୟାଶା ନନ୍ଦ, ସୁଦର୍ଶନ ସାହୁ ପ୍ରମୁଖ ଗୁରୁ ବନ୍ଦନା କବିତା ପାଠ କରିଥିଲେ। ଏହି ଅବସରରେ ସେବାନିବୃତ୍ତ ଶିକ୍ଷକ ରାମଚନ୍ଦ୍ର କାଣ୍ଡି, ସୁଦର୍ଶନ ସାହୁ, ଧରମୁଧର ଯୁଝାରସିଂ, କଲ୍ୟାଣୀ ସାହୁ, ବସନ୍ତ କୁମାର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଗଣେଶ୍ୱର ଦାଶ, ରତ୍ନାକର ମହାପାତ୍ର, ଭାଗୀରଥି ଦାଶ, ଆଶ୍ରମର ଭଉଣୀଭାଇମାନେ ଉପସ୍ଥିତ ରହି କାର୍ଯ୍ୟ କ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ସମବାୟ ବର୍ଷ, ନୂଆଖାଇ ଭେଟ୍‌ଘାଟ୍




**ଭୁବନେଶ୍ୱର, ୬।୯ (ବନ୍ଦନା ସେଠୀ):** ନିଖିଳ ଓଡ଼ିଶା ପ୍ୟାକ୍ସ ଏବଂ ଲ୍ୟାମ୍ପ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଓ ନୂଆଖାଇ ଭେଟ୍‌ଘାଟ୍ ଉତ୍ସବ ଆର୍‌ସିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ 'ବିକଶିତ ଓଡ଼ିଶା ୨୦୩୬' ପାଇଁ ସମବାୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସମବାୟ ମନ୍ତ୍ରୀ ଅରବିନ୍ଦ ଢାଲି ଯୋଗଦେଇ କହିଲେ, ୨୦୦୨ରେ ପ୍ରଣୟନ ହୋଇଥିବା ଓଡ଼ିଶା ସେଲ୍‌ଫ ହେଲ୍‌ପ୍ କୋପରେଟିଭ୍ ଆଇନ୍‌ର ସୁଫଳ ବର୍ତ୍ତମାନ ଓଡ଼ିଶାବାସୀ ପାଇପାରୁଛନ୍ତି। ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଯଜ୍ଞେଶ୍ୱର ବାବୁ ସମବାୟ ପ୍ରଗତିରେ ରାଜ୍ୟ ଓ ଦେଶର ପ୍ରଗତି ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ସ୍ତମ୍ଭକାର ପ୍ରତାପ ସାମଲ, ଅରୁଣ ଉଦୟ ପାତ୍ର, ରାଧାମୋହନ ସାମଲ, କୋଷାଧ୍ୟକ୍ଷ ହେମନ୍ତ ନାୟକ, କୋଅର୍ଡିନେଟର୍ ବିଧାନ ଚନ୍ଦ୍ର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ଉପସଭାପତି ଚନ୍ଦ୍ରଶେଖର ନାୟକ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିବାବେଳେ ନିରଞ୍ଜନ ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ଟାଙ୍ଗୀ,୬।୯(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମୁକ୍ତେଶ୍ୱରଦେବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟରର ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲିର୍ଲିପ୍ତା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, ଅମିତ ଚକ୍ରବର୍ତ୍ତୀ, ସଲୀଳ ସ୍ୱାଇଁ, ଲଳିତ ନାରାୟଣ ମହାପାତ୍ର, କବିତା ମହାପାତ୍ର, ଦୀପୁନ ପରିଡା, ପ୍ରକାଶ ବେହେରା, ପ୍ରିୟଙ୍କା ମହାପାତ୍ର, ମୋନାଲିସା ବେହେରା, ସ୍ୱାଗତିକା ରାଜ, ଗୀତା ବେହେରା, ଯଶୋଦା ଦେଇ, କାଦମ୍ବିନୀ ବେହେରା, ସୋନାଲି ମୁର୍ମୁ, ରଶ୍ମିତା ସେଠୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପୂର୍ବମାସର ବିବରଣୀ ପଠନ, ଶୈକ୍ଷିକ କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ନିପୁଣ ସପ୍ତାହ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସମ୍ବଲ ଶିକ୍ଷକ ରାମଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାଳାଂଶ ବିଭାଜନ କରାଯାଇ ବିଭିନ୍ନ ବିଷୟ ଆଲୋଚନା କରାଯାଇଥିଲା। ସଂଯୁକ୍ତା ବେହେରା ମୌଳିକ ସଂଖ୍ୟାଜ୍ଞାନ ବିଷୟରେ ଶିକ୍ଷାଦାନ ଦେଇଥିଲେ।

**OFFICE OF THE PRINCIPAL/SECRETARY**
**MLA WOMEN'S HIGHER SECONDARY SCHOOL**
KANTABANJI, DIST. - BALANGIR, PIN - 767039
Letter. No.2440/25 Date : 06.09.2025

**WALK-IN-INTERVIEW**

A Walk-In-Interview for the post of Lect.-In-Logic (Guest faculty) will be held on dt.16.09.2025 at 10.30 am at MLA Women's Higher Secondary School, Kantabanji. Candidates having Master Degree in concerned subject with at least 55% marks in PG level may appear the interview with all original mark sheet from HSC to PG level. No TA/DA will be paid for attending the interview.

Sd./- Principal-In-Charge-Cum-Secretary
MLA Women's Higher Secondary School, Kantabanji

# 'ଗାନ୍ଧୀଙ୍କ ବିଚାର ଏବେବି ରାଷ୍ଟ୍ରୀୟ ଜନଜୀବନରେ ଉଦ୍‌ବୁଦ୍ଧ କରୁଛି'



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଏବଂ ଅନ୍ୟମାନେ।

## ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥାପନାର ପ୍ରତିଷ୍ଠା ଉତ୍ସବ

**ବେଗୁନିଆ,୬।୯(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମା ସ୍ଥିତ ଥାନା କାର୍ଯ୍ୟାଳୟ ସମ୍ମୁଖ ଗାନ୍ଧୀ ସ୍ମୃତି ପୀଠ ସ୍ଥାପନାକୁ ଦୁଇ ବର୍ଷ ପୂରିଛି। ଗୁରୁ ଦିବସ ଅବସରରେ ଆୟୋଜିତ ଉତ୍ସବରେ ସ୍ମୃତି ପୀଠସ୍ଥଳୀରେ ସଂସଦ ଆନୁକୂଲ୍ୟରେ ଏକ ସଚେତନତା ସଭା ହୋଇଯାଇଛି। ସଂସଦର ସଭାପତି ପ୍ରଫେସର ଡ.ହରିପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ରାମଧୂନ ଗାନ ସହ ସ୍ମୃତିସ୍ଥଳ ଚତୁଃପାର୍ଶ୍ୱରେ ପରିକ୍ରମା କରାଯାଇଥିଲା। ପଣ୍ଡିତ ବ୍ରହ୍ମାନନ୍ଦ ରାଜଗୁରୁ ବେଦ ପାଠ ଓ ପଣ୍ଡିତ ବିଷ୍ଣୁ ପ୍ରସାଦ କର ମଙ୍ଗଳା ଚରଣ ପାଠ କରିଥିଲେ। ପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ଡ.ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ଏଥିରେ ନାଟ୍ୟକାର ଡ.ବନବିହାରୀ ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ରାଧାକ୍ରିଷ୍ଣନଙ୍କ ଜନ୍ମତିଥିରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ 'ମଣି କାଞ୍ଚନ ସଂଯୋଗର' ଏକ ଅପୂର୍ବ ମୁହୂର୍ତ୍ତ ଥିଲା। ଗାନ୍ଧୀଙ୍କ ଅହିଂସାର ମାର୍ଗଦର୍ଶକ ବିଶ୍ୱ ପାଇଁ ବିକଳ୍ପ ପନ୍ଥା। ତାଙ୍କ ବିଚାରକୁ ବିଶ୍ୱାସ କରିବା ସହ ବ୍ୟକ୍ତିଗତ ଜୀବନରେ ସ୍ନେହ, ପ୍ରେମ ଏବଂ ତ୍ୟାଗର ଯେତିକି ସବୁ ବିକାଶ ହେବ ତାର ସେତେ ପ୍ରତିଫଳନ ସମାଜ ଓ ରାଷ୍ଟ୍ର ଉପରେ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗାୟକ ବସନ୍ତ କୁମାର ଦାସ 'ଗୁରୁ ବନ୍ଦନା' ଗାନ କରିଥିବା ବେଳେ ସଂସଦର ବରିଷ୍ଠ ସଭ୍ୟା ସୁଶ୍ରୀ ସଂଘମିତ୍ରା ରଥ ଧନ୍ୟବାଦ ଦେଇଥିଲେ। ମାନସୀ ଦାସ, ସବିତା ରାୟ, ହରିବନ୍ଧୁ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ସୁରେନ୍ଦ୍ର ପାଲଟାସିଂହ, ଶ୍ରୀନିବାସ ବାଘସିଂହ, ଭାଗବତ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ମହେଫୁଜ ଅଲ୍ଲୀ, ଅବଦୁଲ ଅନସୁର ଖାଁ, ଅଶ୍ୱିନୀ ପଟ୍ଟନାୟକ, ସରୋଜ ମହାପାତ୍ର, ବିଶ୍ୱନାଥ ସାହୁ, ପଣ୍ଡିତ ଦୀନବନ୍ଧୁ ଦାଶ, ପତିତପାବନ ବଳବନ୍ତରାୟ, କାଳୁଚରଣ ନାୟକ, ରାଜକିଶୋର ସାହୁ, କୈଳାସ ନାଥ ସୁବୁଦ୍ଧି, ବସନ୍ତ ସାହୁ, କୈଳାସ ଚନ୍ଦ୍ର ସାହୁ, ବିଜୟ ମହାନ୍ତି, ଲାବଣ୍ୟ ସାହୁ, ଦେବେନ୍ଦ୍ର ବିଶୋୟୀ, ଯୋଗୀ ପାତ୍ର, ସୁଶ୍ରୀ ସଙ୍ଗୀତା ରଥ, ବୀଣାପାଣି କର, ଭାଗବତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA**
INVITATION FOR BIDS (IFB)
E-mail : pwdoff_khd@yahoo.com
**Tender Call Notice**
Bid Identification No. S.E.-KHD-(R&B)-19/2025-26
Letter No. 5146 dtd. 02.09.2025

**No.B-481** : The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage Rate bids** in **Single Cover System** from **valid MV/HT Electrical Contractors** license issued **by the E.L.B.O. license in conformity with DTCN** registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **E.I Work**. The bidder not registered under the state government has to register under the state PWD & ELBO in appropriate class of eligibility before signing of the agreement.

1. Nature of Work : **Electrical Work**
2. No. of Work : 3 Nos
3. Tender Cost : Rs. 4000.00 (Online)
4. Class of Contractor : Sl. No. 1-HT license
   : Sl. No 2-MV/HT license
   : Sl. No 3 Original Equipment Manufacturer (OEM) / Registered firm having experience in similar nature of work having valid Electrical license from ELBO or MOU with Electrical Contractor having valid electrical license from ELBO
5. Available of Bid documents in the website : From Dt.08.09.2025 at 11.00 A.M. to Dt.17.09.2025 at 5.00 P.M.
6. Date of opening of Bids : Dt.18.09.2025 at 11.30 A.M.
7. Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.

Sd./- Superintending Engineer
OIPR-34095/11/0037/2526 Khordha (R&B) Division, Khordha

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA**
No.C-1003
Parmanandpur, Railway Station Road, Bhawanipatna,
Dist. : Kalahandi, PIN - 766002, e-mail : eephbhpt@gmail.com
**National Competitive Bidding Through e-Procurement**
**Identification No. ACEPH-BHPT-23 of 2025-26/Dt.02.09.2025**
**e-Procurement Notice**

01. Name of the Work : 1no Work
02. Type of Bid : Single Bid System
03. Estimated Cost : Rs.15.58 Lakh
04. Period of Completion : 03 (Three) Calendar Months
05. Date & Time of availability of bid document in the portal : From 11.00 AM of dt. 09.09.2025 to 5.00 PM of 18.09.2025
06. Last date / time of receipt of bids in the portal : 5.00 PM of 18.09.2025
07. Date & Time of opening of technical bids : At 11.30 AM of 19.09.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/Po - Parmanandpur, 766002, Dist - Kalahandi

**Further details can be seen from the website http://tenders.ori.nic.in or www.tendersorissa.gov.in**

Sd./- Additional Chief Engineer,
OIPR-13059/11/0038/2526 P.H. Division, Bhawanipatna

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**
E-mail : eemisundargarh@yahoo.co.in
**'e' Procurement Notice**
**Bid Reference No. SE MID SNG 04/2025-26**

**No.A-588** : Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works | Civil Construction work |
| 2 | No. of Works | 05 (Five) Nos. |
| 3 | Estimated cost | Varies from Rs.5.03 lakh to Rs.5.48 lakh (Approximately) |
| 4 | Period of completion | 02 (Two) Calendar months |
| 5 | Date and Time of availability of bid documents in the portal | From **dt.09.09.2025** at 10.00 AM to **dt.18.09.2025** up to 5.30 PM |
| 6 | Last date / time of receipt of bids in the portal | **Dt.18.09.2025** up to 5.30 PM |
| 7 | Date of opening of Bid | **Dt.19.09.2025** at 11.00 AM onwards |
| 8 | Name and address of the OIT | Superintending Engineer, Minor Irrigation Division, Sundargarh |

**Further details can be seen from the e-Procurement market place http://tendersodisha.gov.in

Sd./- Superintending Engineer
OIPR-32124/11/0032/2526 M.I.Division, Sundargarh

**Government of Odisha "e" Procurement Notice**
**Bid Identification No : Online - 07- OF 2025-26**
**E-Mail ID : rwd.padampur@yahoo.co.in, Ph. No. - 9437255440**
No.O-689

1. Name of the work : **Building works (As per Annexure-'A')**
2. Amount put to Bid Excluding GST : As per Annexure - 'A'
3. Class of contractor : "D" "C" & "B" Class
4. Date & Time of availability of bid document in the portal : From Dt.08.09.2025 at 10.00 A.M.
5. Last date of Time for receipt of bids in the portal : Dt.17.09.2025 up to 05:00 P.M.
6. Last date if seeking clarification : Dt.16.09.2025 up to 5.00 P.M.
7. Date & Time of technical bid opening : Dt.18.09.2025 at 11.00 A.M.
8. Date & Time of technical bid opening for Double Cover bids : To be intimated later on
9. Name and address of the Officer Inviting Bid : Executive Engineer, R.W. Division, Padampur, At/Po - Padampur, Dist. - Bargarh, Pin - 768036

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website.

Sd./- Executive Engineer,
OIPR-25069/11/0034/2526 Rural Works Division, Padampur

# ରାଜପଥରେ ଖାଲ, ଅଟୋ ଯାତ୍ରୀ ଆହତ



**ବେଗୁନିଆ,୬।୯(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ବାଘମାରୀ ବଜାରରେ ବଡ଼ ଖାଲ ସୃଷ୍ଟି ହୋଇଥିବା ଯୋଗୁ ଦୁର୍ଘଟଣା ଘଟିବା ସହ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରୁଥିବା ଠିକାଦାର ଜଣଙ୍କ ତରବରିଆ ଭାବେ ଖାଲରେ ଡଷ୍ଟ ପକାଇଥିଲେ। ବର୍ଷା ଯୋଗୁ ଏହା ଧୋଇ ପୁଣି ଖାଲ ହେବାରୁ ରାତିରେ ମୋରମ ପକାଇବା ପାଇଁ ଜେସିବି ଦ୍ୱାରା ଖୋଳା ହେଉଥିଲା। ସ୍ଥାନୀୟ ଲୋକେ ପହଞ୍ଚି ବିରୋଧ କରିବାରୁ କାର୍ଯ୍ୟ କରୁଥିବା ଲୋକମାନେ ପଳାଇଥିଲେ। ରାସ୍ତାରେ ଖାଲ ଅଛି ବୋଲି ଜାଣିବା ପାଇଁ ସ୍ଥାନୀୟ ଲୋକେ ଗଛ ଡାଳ ଏବଂ ଜାତୀୟ ପତାକାକୁ ସେଠାରେ ପୋତିଥିବା ଦେଖିବାକୁ ମିଳିଥିଲା। ଏନେଇ ସାମାଜିକ ଗଣମାଧ୍ୟମରେ ଖବର ପ୍ରଚାରିତ ହେବା ପରେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ କର୍ମଚାରୀ ବିଳମ୍ବରେ ପହଞ୍ଚିବାରୁ ସ୍ଥାନୀୟ ଅଞ୍ଚଳରେ ଦୁର୍ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଜନ ଆକ୍ରୋଶର ଶିକାର ହୋଇଥିଲେ। ଏହି ଖାଲ ପୋତା ହେବା ପୂର୍ବରୁ ଜଣେ ଅଟୋ ଚାଳକ ଜାଣି ନ ପାରିବାରୁ ଗାଡ଼ିଟି ଖାଲରେ ପଡ଼ି ଓଲଟି ପଡ଼ିଥିଲା। ଫଳରେ ଅଟୋରେ ବସିଥିବା ମହିଳା ଓ ଛୋଟ ଝିଅ ଆହତ ହୋଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ରାଜପଥ ପ୍ରାଧିକରଣ ବିଭାଗ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

**Government of Odisha**
**Office of the Chief Construction Engineer, Rural Works Circle, Sambalpur**
E-mail Id : serwcirclesbp@yahoo.com
**Bid Identification No. Building tender Online RWCSBP-13/2025-26 No. : 2469 Dated : 01.09.2025**

**No.O-693** : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (One) nos of Building Works for the year 2025-26.

1 Name of work : Building works for the year 2025-26
2 No. of work : 01 (One) nos of Building works Details as per DTCN.
3 Estimated cost : Approximately Rs.478.20 lakhs
4 Class of Contractor : 'A' Class
5 Cost of tender paper and mode of deposit : Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer
6 Mode of submission of tender : Tender should be submitted only On line in website **www.tendersorissa.gov.in**. (https//tendersodisha.gov.in)
7 EMD and mode of deposit : **1% of estimated cost** of the work to be remitted online as mentioned in DTCN

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-13/2025-26 | **08.09.2025 at 11.00 A.M.** | **22.09.2025 Up to 05.00 P.M.** | **19.09.2025 Up to 5.00 P.M.** | **23.09.2025 at 11.00 A.M.** | To be intimated later |

- Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd./- Chief Construction Engineer,
OIPR-25091/11/0077/2526 Rural Works Circle, Sambalpur

**OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR**
E-Mail : eebbsrrwss@gmail.com
**QUOTATION CALL NOTICE NO. 18 OF 2025-26**

**No.O-711** : Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / individuals for providing One No. of vehicle (Scorpio/Creta/Mahindra/Marazzon/Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use of Additional Chief Engineer, RWS&S Circle, Bhubaneswar on monthly rent basis **as per the following details**.

| Sl. No. | Nature of work | Hiring of vehicle for Office use of Additional Chief Engineer, RWS&S Circle, Bhubaneswar |
|---|---|---|
| 1 | No. of works | 01 (One) |
| 2 | Time for deployment | Three Years |
| 3 | Cost of bidding document | Rs.1000/- |
| 4 | Class of contractors eligible | Reputed Travel Agencies / Tour Operators / Private individuals |
| 5 | Availability of bids in the Office of Superintending Engineer, RWS&S Division, Bhubaneswar | From **dt.08.09.2025 (11.00 A.M.) to dt.17.09.2025 (1.00 P.M.)** |
| 6 | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | **Dt.17.09.2025 (4.00 P.M.)** |
| 7 | Date & Time of opening of bids | On **dt.18.09.2025 (11.00 A.M.)** in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Sd./- Executive Engineer,
OIPR-25011/11/0033/2526 RWS&S Division, Bhubaneswar

# ରିଲ୍ସ ବାହାନାରେ ତାପଙ୍ଗ ନେଇ ହତ୍ୟା କରିଥିଲେ

ଭୁବନେଶ୍ୱର,୬।୯(ସତ୍ୟଜିତ ରାଉତ)

ଘରୋଇ ସହାୟିକା ନିରୁପମା ପରିଡ଼ା ଓରଫ ମିତା(୨୨) ହତ୍ୟା ଘଟଣାରେ ଗିରଫ ହୋଇଥିବା ତାଙ୍କ ପୁରୁଷବନ୍ଧୁ ନୟାଗଡ଼ ରଣପୁର ଥାନା ମଝିଆଖଣ୍ଡ ଗାଁର ଦେବାଶିଷ ବିଶୋଇ ଜେଲ ଯାଇଛନ୍ତି। ଭରତପୁର ଥାନା ପୋଲିସ ଶନିବାର ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ସୂଚନା ଦେବା ସହ ହତ୍ୟାକାଣ୍ଡର ପୁରା ଘଟଣା କହିଛନ୍ତି। ନିରୁପମାଙ୍କ ଘର ରଣପୁର ଥାନା ଅନ୍ତର୍ଗତ ହରିପୁର ଗାଁରେ। ସେ ପାତ୍ରପଡାରେ ସମରଜିତ୍ ଜେନାଙ୍କ ଘରେ କେୟାର ଟେକର ଭାବେ କାମ କରୁଥିଲେ। ଜାନୁଆରୀ ୨୪ରେ ସମରଜିତ ପରିବାର ଲୋକଙ୍କ ସହ ଭଞ୍ଜନଗରସ୍ଥିତ ପୈତୃକ ଗାଁକୁ ଯାଇଥିଲେ। ତମାଣ୍ଡୋରେ ରହି ଇଲେକ୍ଟ୍ରିସିଆନ ଭାବେ କାମ କରୁଥିବା ଅଭିଯୁକ୍ତ ପ୍ରେମିକ ଦେବାଶିଷ ପ୍ରେମିକା ନିରୁପମାଙ୍କୁ ବାଇକରେ ବସାଇ ବାପୁଜୀନଗର ନେଇଥିଲେ। ସେଠାରେ ଭାଇଙ୍କ ମୋବାଇଲ ସଜାଡ଼ି ରିଲ୍ କରିବାକୁ ତାପଙ୍ଗକୁ ଯାଇଥିଲେ। ସନ୍ଧ୍ୟାରେ ସେଠାରେ ସେମାନଙ୍କ ଭିତରେ ଝଗଡ଼ା ହୋଇଥିଲା। ନିରୁପମା ଆଉ ଜଣଙ୍କ ସହ କଲ୍ ଓ ଚାର୍ଟ କରୁଥିବା ସନ୍ଦେହ କରି ଦେବାଶିଷ ଗାଳି କରିଥିଲେ। ପରେ ସେ ଉତ୍ତେଜିତ ହୋଇ ନିରୁପମାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ମୃତଦେହରେ ପଥର ବାନ୍ଧି ଗଛଲତା ଗୁଡ଼ାଇ ବଣୁଆ ସ୍ଥାନରେ ଫିଙ୍ଗି ଦେଇଥିଲେ। ଜାନୁଆରୀ ୨୭ ତାରିଖରେ ପରିବାର ଲୋକଙ୍କ ସହ ଘର ମାଲିକ ସମରଜିତ୍ ଭରତପୁର ଥାନାରେ ନିଖୋଜ ଏତଲା ଦେଇଥିଲେ। ତେବେ ଅଭିଯୋଗ ଅନୁସାରେ, ପୋଲିସ ଏକ ମିସିଂ ରିପୋର୍ଟ ରୁଜୁ କରି ଚୁପ୍ ବସିଥିଲା। ଏଥିରେ ଦେବାଶିଷଙ୍କ ହାତ ଥିବା ସନ୍ଦେହ କରି ପରିବାର ଲୋକେ ପୋଲିସ ଓ ଡିସିପିଙ୍କୁ ଜଣାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହେବାରୁ ପୋଲିସର ନିଦ ଭାଙ୍ଗିଥିଲା। ଶେଷରେ ଭରତପୁର ଥାନା ପୋଲିସ ତାଙ୍କୁ ଗିରଫ କରି ପଚରାଉଚରା ପରେ ସେ ସତ ମାନିଯାଇଥିଲେ। ଶୁକ୍ରବାର ଦେବାଶିଷ ପୋଲିସ ଟିମ୍ ସହ ଯାଇ କେଉଁଠି ମୃତଦେହ ଫିଙ୍ଗିଥିଲେ ତାହା ଦେଖାଇଥିଲେ।

**ନିରୁପମା ହତ୍ୟା ଘଟଣା**

**ଜେଲ ଗଲେ ପୁରୁଷବନ୍ଧୁ ଦେବାଶିଷ**


ଦେବାଶିଷ ବିଶୋଇ

# ଗୋଚାଲାଣ ଅଭିଯୋଗରେ ଦୁଗ୍ଧଚାଷୀଙ୍କୁ ଆକ୍ରମଣ, ବାଛୁରୀ ମୃତ

ଭୁବନେଶ୍ୱର, ୬।୯(ସତ୍ୟଜିତ ରାଉତ)

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ମିଳିଥିବା ସହାୟତା ରାଶିରେ ଜଣେ ଦୁଗ୍ଧ ଚାଷୀ ଆନ୍ଧ୍ର ପ୍ରଦେଶରୁ ୪ଟି ଗାଈ ଏବଂ ୩ଟି ବାଛୁରୀ ଗାଡ଼ିରେ ଆଣି ଆସୁଥିବାବେଳେ ଶନିବାର ସକାଳେ ପଳାଶୁଣୀ ନିକଟରେ ଆକ୍ରମଣର ଶିକାର ହୋଇଛନ୍ତି। ନିଜକୁ ଗୋରକ୍ଷକ ବୋଲି ପରିଚୟ ଦେଉଥିବା କେତେଜଣ ଯୁବକ ବେଆଇନ ଭାବେ ଗୋଚାଲାଣ ଅଭିଯୋଗ କରି ଗାଡ଼ିକୁ ଅଟକାଇବା ସହ ଦୁଗ୍ଧଚାଷୀଙ୍କୁ ଆକ୍ରମଣ କରିଛନ୍ତି। ଏପରି କି ଏହି ଆକ୍ରମଣରେ ଗୋଟିଏ ବାଛୁରୀର ମଧ୍ୟ ଜୀବନ ଯାଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଜଣକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଗୋରକ୍ଷକଙ୍କ ଏଭଳି ଆକ୍ରମଣ ପ୍ରତିବାଦରେ ଓଡ଼ିଶା ଦୁଗ୍ଧଚାଷୀ ସଂଗଠନ ପକ୍ଷରୁ ରାସ୍ତାରେ ମୃତ ବାଛୁରୀ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଥିଲା।

ମିଳିଥିବା ସୂଚନା ଅନୁସାରେ କଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ ସିଠଲୋ ଗ୍ରାମର ଜଣେ ଦୁଗ୍ଧଚାଷୀ ସରକାରଙ୍କ କାମଧେନୁ ଯୋଜନା ଅଧୀନରେ ସହାୟତା ପାଇ ଆନ୍ଧ୍ରପ୍ରଦେଶରୁ ୨ଟି ଗାଡ଼ିରେ ୪ ଗାଈ ଏବଂ ୩ଟି ବାଛୁରୀ ଆଣି ଗ୍ରାମକୁ ଆସୁଥିଲେ। ଶନିବାର ସକାଳେ ପଳାଶୁଣୀ ନିକଟରେ କେତେଜଣ ଯୁବକ ଗାଡ଼ି ଅଟକାଇଥିଲେ। ଏପରି କି ବେଆଇନ ଗୋଚାଲାଣ କରାଯାଉଥିବା ଅଭିଯୋଗ ଆଣି ସମ୍ପୃକ୍ତ ଦୁଗ୍ଧଚାଷୀଙ୍କୁ ଗାଡ଼ିରୁ ଓହ୍ଲାଇ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକମାନେ ମାଡ଼ ମାରିଥିଲେ। ଏନେଇ ଖବରପାଇବା ପରେ ମଞ୍ଚେଶ୍ୱର ପୋଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଆକ୍ରମଣକାରୀ ଯୁବକମାନେ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଗୋରକ୍ଷକ ନାମରେ ଅନେକ ସମୟରେ ଯୁବକମାନେ ଗୋପାଳକମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଉ ନ ଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଗତ ଜୁନ୍ ମାସରେ ସମାନ ଘଟଣା ଗଞ୍ଜାମ ଜିଲାରେ ଦେଖିବାକୁ ମିଳିଥିଲା। ୨ଜଣ ଦଳିତ ଯୁବକ ଗାଈ ନେଇ ଗାଡ଼ିରେ ଯାଉଥିବାବେଳେ ସେମାନଙ୍କୁ କେତେଜଣ ଯୁବକ ଅଟକାଇଥିଲେ। ଏପରି କି ଗୋଚାଲାଣ ଅଭିଯୋଗରେ ସେମାନଙ୍କୁ ମାଡ଼ ମାରିବା ସହ ଆଣ୍ଠୁରେ ଚଲାଇଥିଲେ। ପରେ ସେମାନଙ୍କୁ ଘାସ ଖୁଆଇବା ସହ ନାଳ ପାଣି ପିଆଇଥିବାର ଭିଡିଓ ଭାଇରାଲ ହୋଇଥିଲା।



## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁଦିବସ

ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଗୁରୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସମସ୍ତ ପରିଚାଳନା କମିଟି ସଦସ୍ୟ, ଗୁରୁଜୀ ତଥା ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ପ୍ରଥମେ ବିଦ୍ୟାଳୟର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ସମସ୍ତ ଗୁରୁଜୀଙ୍କୁ ପୁଷ୍ପ, ଚନ୍ଦନ ଦେଇ ସ୍ୱାଗତ କରିବା ସହ ଦୀପ ବନ୍ଦନା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଉଦୟ ଶଙ୍କର ଆଚାର୍ଯ୍ୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଗୁରୁଦିବସର ଶୁଭେଚ୍ଛା ଜଣାଇଥିଲେ। ଆଜିର ସମାଜରେ ଯିଏ ଯେଉଁ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି, ତାହା କେବଳ ଗୁରୁଙ୍କ ଆଶୀର୍ବାଦରୁ ସମ୍ଭବ। ଗୁରୁଦିବସ ଗୁରୁ-ଶିଷ୍ୟ ମଧ୍ୟରେ ଆତ୍ମୀୟତା ବୃଦ୍ଧି ସହ ଅତୁଟ ବନ୍ଧନ ଦୃଢ଼ କରିଥାଏ। ଜଣେ ଛାତ୍ର ଯଦି ଗୁରୁଙ୍କ କଥାକୁ ହୃଦୟଙ୍ଗମ କରି ତାଙ୍କ ନିକଟରେ ନିଜକୁ ସମର୍ପଣ କରିବା ସହ ନିଜ ଜୀବନଶୈଳୀରେ ତାହାକୁ କାର୍ଯ୍ୟରେ ଲଗାଏ ତା'ହେଲେ ଗୁରୁଙ୍କ ଆଶୀର୍ବାଦ ଓ କରୁଣାରୁ ନିଶ୍ଚୟ ସଫଳତାର ଶୀର୍ଷରେ ପହଞ୍ଚିଥାଏ ବୋଲି ଡ. ମିଶ୍ର କହିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଅନନ୍ତ ବ୍ରତ: ଠାକୁରଙ୍କ ଦର୍ଶନ କଲେ ୩୦ ହଜାର ଶ୍ରଦ୍ଧାଳୁ

ପୁରୁଣା ଭୁବନେଶ୍ୱର, ୬।୯ (ସୁବାସ ଚନ୍ଦ୍ର ପ୍ରଧାନ)



ଅନନ୍ତ ବ୍ରତ ଅବସରରେ ଶନିବାର ବିନ୍ଦୁସାଗର କୂଳସ୍ଥ ଶ୍ରୀଅନନ୍ତ ବାସୁଦେବ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଏଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିନ୍ଦୁସାଗର ରାସ୍ତାର ତଳ ବଜାରଠାରୁ ଅନନ୍ତ ବାସୁଦେବ ମନ୍ଦିର ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ଦେଇ ମନ୍ଦିରରେ ପ୍ରବେଶ କରିଥିଲେ। ପ୍ରାୟ ୩୦ହଜାର ମହିଳା ବ୍ରତଧାରୀ ଠାକୁରଙ୍କୁ ଦର୍ଶନ କରିଥିବା ଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ କହିଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ଏବଂ ଶାନ୍ତିଶୃଙ୍ଖଳା ପାଇଁ ଏସିପି କୃଷ୍ଣ ଚନ୍ଦ୍ର ପଲେଇଙ୍କ ତତ୍ତ୍ୱାବଧାନରେ ୪ଜଣ ଇନ୍‌ସ୍ପେକଟର, ୬ଜଣ ମହିଳା ଏସ୍ଆଇ, ୩ ଜଣ ପୁରୁଷ ଏସ୍ଆଇ ଏବଂ ଟ୍ରାଫିକ ପୋଲିସ, ପୋଲିସ ଫୋର୍ସ, ହୋମଗାର୍ଡ ମୋଟ ୪ ପ୍ଲାଟୁନ ନିୟୋଜିତ ହୋଇଥିଲେ। ଭୋରରୁ ଧାଡିରେ ଅପେକ୍ଷାରତ ବ୍ରତଧାରୀମାନେ ୧୪ପ୍ରକାର ଫଳ ଶ୍ରୀ ଅନନ୍ତ ବାସୁଦେବଙ୍କ ନିକଟରେ ଭୋଗ କରିଥିଲେ। ଶ୍ରଦ୍ଧାଳୁ ଭୋଗ କରିସାରିବା ପରେ ପଲିଥିନ, ନଡ଼ିଆ ଷଢ଼େଇ, ପଲିଥିନ, କଦଳୀ ଚୋପା ସହ ଆବର୍ଜନାଗୁଡିକ ବିନ୍ଦୁସାଗର ରାସ୍ତାର ଉଭୟ ପାର୍ଶ୍ୱରେ ପଡିରହିଥିବା ଦେଖିବାକୁ ମିଳିଥିଲା।

## ସଚିବାଳୟ ସେବା ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୬।୯(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସଚିବାଳୟ ବ୍ୟକ୍ତିଗତ ସଚିବ ଓ ବ୍ୟକ୍ତିଗତ ସହାୟକ ସେବା ସଂଘ ପକ୍ଷରୁ ରେଡ୍‌କ୍ରସ ଭବନଠାରେ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘରୋଇ ବିଭାଗର ଅଧୀକ୍ଷକ ପ୍ରକାଶ କୁମାର ଜେନା, ସଂଘ ସଭାପତି ସୌମ୍ୟ ରଞ୍ଜନ ଦାଶ, ସାଧାରଣ ସମ୍ପାଦକ ବିଘ୍ନରାଜ ପ୍ରଧାନ, ଉପସଭାପତି ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ଅଫିସ ସମ୍ପାଦକ ରବୀନ୍ଦ୍ର କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ବରାଳ ଓ ଅନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ସହକର୍ମୀ ନିତ୍ୟାନନ୍ଦ ସାହୁ, ଦିଗମ୍ବର ବିଶ୍ୱାଳ, ପ୍ରବୀର କୁମାର ବେହେରା, ଲିଙ୍ଗରାଜ ସାହୁ, କବିବର ପାତ୍ର, ରମେଶ ଚନ୍ଦ୍ର ଜେନା ଏବଂ ସୁଶାନ୍ତ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ, ସାଲ ଓ ଶୁଭେଚ୍ଛା ବାଣୀ ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଘର ଉପସଭାପତି ପ୍ରକାଶ ଚନ୍ଦ୍ର ବିଶ୍ୱାଳ ସଞ୍ଚାଳନ କରିଥିଲେ। ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାର୍ଡ ନଂ. ୫୯ର ୱାର୍ଡ ଅଫିସ୍, ସାମନ୍ତରାପୁର ଲାଇଟ ହାଉସ୍ ଉଦ୍‌ଘାଟିତ



9. Name and address of the Officer Inviting Bid : Executive Engineer, R.W. Division, Padampur, At/Po - Padampur, Dist. - Bargarh, Pin - 768036

(1) Other details can be seen from **DTCN** available in website www.tendersodisha.gov.in

(2) Corrigendum if any shall only be published in the above website.

Sd./- Executive Engineer,
Rural Works Division, Padampur

OIPR-25069/11/0034/2526



**Government of Odisha**

**Office of the Chief Construction Engineer, Rural Works Circle, Sambalpur**

E-mail Id : serwcirclesbp@yahoo.com

**Bid Identification No. Building tender Online RWCSBP-13/2025-26 No. : 2469 Dated : 01.09.2025**

**No.O-693** : The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (One) nos of Building Works for the year 2025-26.

1 Name of work : Building works for the year 2025-26
2 No. of work : 01 (One) nos of Building works Details as per DTCN.
3 Estimated cost : Approximately Rs.478.20 lakhs
4 Class of Contractor : 'A' Class
5 Cost of tender paper and mode of deposit : Rs.10,000/- per set. (to be deposited on-line) in favour concerned Superintending Engineer/Executive Engineer
6 Mode of submission of tender : Tender should be submitted only On line in website **www.tendersorissa.gov.in**. (https//tendersodisha.gov.in)
7 EMD and mode of deposit : **1% of estimated cost** of the work to be remitted online as mentioned in DTCN

8. Summary of Key dates are provided below :

| Procurement Officer | Bid Identification No. | Availability of Tender on-line for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Building Tender Online RWCSBP-13/2025-26 | **08.09.2025 at 11.00 A.M.** | **22.09.2025 Up to 05.00 P.M.** | **19.09.2025 Up to 5.00 P.M.** | **23.09.2025 at 11.00 A.M.** | To be intimated later |

- Further details can be seen from the e-procurement portal **www.tendersorissa.gov.in.** (https//tendersodisha.gov.in)
- Subsequent modification/corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd./- Chief Construction Engineer,
Rural Works Circle, Sambalpur

OIPR-25091/11/0077/2526



**OFFICE OF THE SUPERINTENDING ENGINEER RWS&S DIVISION, BHUBANESWAR**

E-Mail : eebbsrrwss@gmail.com

**QUOTATION CALL NOTICE NO. 18 OF 2025-26**

**No.O-711** : Superintending Engineer, RWS&S Division, Bhubaneswar on behalf of the Governor of Odisha invites sealed quotations from interested reputed Travel Agencies / Tour Operators / individuals for providing One No. of vehicle (Scorpio/Creta/Mahindra/Marazzon/Equivalent Mileage etc.) having seating capacity 7 Nos. including Driver which shall confirm to the Terms and Conditions (Appendix-A) for official use of Additional Chief Engineer, RWS&S Circle, Bhubaneswar on monthly rent basis **as per the following details**.

| Sl. No. | Nature of work | Hiring of vehicle for Office use of Additional Chief Engineer, RWS&S Circle, Bhubaneswar |
|---|---|---|
| 1 | No. of works | 01 (One) |
| 2 | Time for deployment | Three Years |
| 3 | Cost of bidding document | Rs.1000/- |
| 4 | Class of contractors eligible | Reputed Travel Agencies / Tour Operators / Private individuals |
| 5 | Availability of bids in the Office of Superintending Engineer, RWS&S Division, Bhubaneswar | From **dt.08.09.2025 (11.00 A.M.) to dt.17.09.2025 (1.00 P.M.)** |
| 6 | Last date and time for submission of Quotation papers in the Quotation box kept in the Office of the Superintending Engineer, RWS&S Division, Bhubaneswar | **Dt.17.09.2025 (4.00 P.M.)** |
| 7 | Date & Time of opening of bids | On **dt.18.09.2025 (11.00 A.M.)** in the Office of the Superintending Engineer, RWS&S Division, BBSR |

Subsequent corrigendum if any shall display in the Office Notice Board.

Sd./- Executive Engineer,
RWS&S Division, Bhubaneswar

OIPR-25011/11/0033/2526

# ୫୦ବର୍ଷ ଧରି ପରମ୍ପରା ଉଲ୍ଲଂଘନ କରୁଛି ଇସ୍କନ୍

■ ଇସ୍କନ୍ ନ ମାନିଲେ ଆଇନଗତ ପଦକ୍ଷେପ
■ ଇସ୍କନ୍ ଗଭର୍ଣ୍ଣିଂ ବଡି କମିଶନଙ୍କୁ ଚିଠି

## ଅଦିନିଆ ରଥଯାତ୍ରାକୁ ନେଇ ଗଜପତିଙ୍କ ଅସନ୍ତୋଷ


ଖବରଦାତା ସମ୍ମିଳନୀରେ ଗଜପତି ମହାରାଜ ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୬।୯ (ବନ୍ଦନା ସେଠୀ)

ମହର୍ଷି ବେଦବ୍ୟାସଙ୍କ ରଚିତ ପୁରାଣ ତଥା ଅନନ୍ତକାଳରୁ ପ୍ରତିଷ୍ଠିତ ପରମ୍ପରାକୁ ଅନୁପାଳନ କରି ମୂଳପୀଠ ଶ୍ରୀମନ୍ଦିରରେ ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ମହାପ୍ରଭୁଙ୍କ ଜନ୍ମତିଥିରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଆସୁଛି। ସେହିପରି ଚତୁର୍ଦ୍ଧା ଦାରୁବିଗ୍ରହ ନିଜ ଜନ୍ମସ୍ଥାନ ବା ଶ୍ରୀଗୁଣ୍ଡିଚା ମନ୍ଦିରକୁ ରଥରେ କରୁଥିବା ଯାତ୍ରାକୁ ରଥଯାତ୍ରା ଭାବେ ପାଳନ କରାଯାଉଛି। ଏହି ନବଦିନାତ୍ମକ ଯାତ୍ରା ଅନାଦି କାଳରୁ କେବଳ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଆସୁଛି। ମାତ୍ର ୫୦ବର୍ଷ ହେବ ଇସ୍କନ ପକ୍ଷରୁ ଏହି ପରମ୍ପରାକୁ ଉଲ୍ଲଂଘନ କରାଯାଇ ଦେଶ ତଥା ବିଦେଶରେ ଥିବା ଏହାର ବିଭିନ୍ନ ମନ୍ଦିରରେ ସ୍ନାନଯାତ୍ରା ଏବଂ ରଥଯାତ୍ରାର ଆୟୋଜନ କରାଯାଉଛି, ଯାହାକି ଆଦୌ ଗ୍ରହଣୀୟ ନୁହେଁ। ପୁରୀ ସହିତ ଦେଶ-ବିଦେଶରେ ରଥଯାତ୍ରା ଓ ସ୍ନାନଯାତ୍ରା ଗୋଟିଏ ଦିନରେ ହେବା ଉଚିତ ବୋଲି ଶନିବାର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରାଜ୍ୟ ଅତିଥି ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି। ଗଜପତି ମହାରାଜ ଦିବ୍ୟସିଂହ ଦେବ ଉପସ୍ଥିତ ରହି ଇସ୍କନର ଏଭଳି କାର୍ଯ୍ୟ ପାଇଁ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଲେ, ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ଯାତ୍ରା ସମସ୍ତ ଇସ୍କନ ମନ୍ଦିର ତଥା କେନ୍ଦ୍ରରେ ପାଳନ କରିବାକୁ ଇସ୍କନର ଗଭର୍ଣ୍ଣିଂ ବଡି କମିଶନଙ୍କୁ ଚିଠି ଲେଖାଯାଇଛି। ଏନେଇ ମାସେ ଭିତରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଯଦି ସେମାନେ ମାସେ ଭିତରେ ପଦକ୍ଷେପ ନ ନେଲେ, ବିଭିନ୍ନ କ୍ଷେତ୍ରରେ ଆପୋସ ସମାଧାନ ପାଇଁ ଚେଷ୍ଟା କରିବା, ମାତ୍ର ଛାଡିବା ନାହିଁ। ଯଦି ସମାଧାନ ନ ହେଲା, ଶେଷରେ ଆଇନଗତ ପଦକ୍ଷେପ ନେବୁ ବୋଲି ଗଜପତି କହିଛନ୍ତି।

ଚଳିତବର୍ଷ ଇସ୍କନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦେଶ ଓ ବିଦେଶରେ ପ୍ରାୟ ୪୦ଟି ଇସ୍କନ ମନ୍ଦିରରେ ଭିନ୍ନ ଭିନ୍ନ ତିଥିରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ହୋଇଛି। ସେହିପରି ବିଦେଶରେ ଥିବା ୬୮ଟି ଇସ୍କନ ମନ୍ଦିର ରଥଯାତ୍ରା ପାଳନ କରିଛନ୍ତି। ତେବେ ଏପରି ଅଦିନିଆ ରଥଯାତ୍ରାକୁ ରୋକିବା ଲାଗି ମାର୍ଚ୍ଚ ୨୦ରେ ଭୁବନେଶ୍ୱରରେ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧିତ୍ୱ କରୁଥିବା ଶାସ୍ତ୍ରଜ୍ଞ ତଥା ଗବେଷକ ଏବଂ ଇସ୍କନର ଶାସ୍ତ୍ରଜ୍ଞମାନଙ୍କୁ ନେଇ ବୈଠକ ବସି ଏହା ଉପରେ ଆଲୋଚନା ହୋଇଥିଲା। ଇସ୍କନ ପକ୍ଷରୁ ଦାଖଲ ଦସ୍ତାବିଜକୁ ବିସ୍ତୃତ ଭାବେ ଅନୁଶୀଳନ କରାଯାଇଥିଲା। ତେବେ ଭିନ୍ନ ତିଥି ବା ବର୍ଷର ଯେକୌଣସି ତିଥିରେ ଇସ୍କନ ପକ୍ଷରୁ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ପାଳନ ନେଇ ଦାଖଲ ହୋଇଥିବା ଯୁକ୍ତିଗୁଡିକ ଅମୂଳକ, ଭୁଲ ଏବଂ ଶାସ୍ତ୍ର ତଥା ପରମ୍ପରା ବିରୋଧୀ ବୋଲି ଶ୍ରୀମନ୍ଦିର ପ୍ରଶାସନକୁ ପ୍ରତିନିଧିତ୍ୱ କରୁଥିବା ଶାସ୍ତ୍ରଜ୍ଞମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଶାସ୍ତ୍ରଜ୍ଞ ତଥା ଗବେଷକମାନେ ଦାଖଲ କରିଥିବା ବିସ୍ତୃତ ସନ୍ଦର୍ଭ ସେପ୍ଟେମ୍ବର ୩ରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉପସ୍ଥାପନ ହେବା ସହ ଅନୁମୋଦନ ଲାଭ କରିଛି। ସମ୍ପୃକ୍ତ ସନ୍ଦର୍ଭକୁ ଗଜପତି ମହାରାଜାଙ୍କ ଚିଠି ସହିତ ଶନିବାର ବିଧିବଦ୍ଧ ଭାବେ ଇସ୍କନର ଅନ୍ତର୍ଜାତୀୟ ଗଭର୍ଣ୍ଣିଂ ବଡି କମିଶନ ମାୟାପୁର ପଶ୍ଚିମବଙ୍ଗର ଅଧ୍ୟକ୍ଷଙ୍କ ନିକଟକୁ ପ୍ରେରଣ କରାଯାଇଛି ବୋଲି ସୂଚନା ଦିଆଯାଇଛି।


ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

# ଉତ୍ସାହ ଭରିଲେ କର୍ଣ୍ଣାଟକୀ ମାଣ୍ଡୋଲିନ୍ ଯୋଡ଼ି

**ଦ୍ୱିତୀୟ ଦିନରେ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ**

ଭୁବନେଶ୍ୱର, ୬।୯(ସୌମ୍ୟରଞ୍ଜନ ରାଉତ)


ପ୍ରସିଦ୍ଧ ମାଣ୍ଡୋଲିନ ବାଦକ ୟୁପି ରାଜୁ ଓ ୟୁ. ନାଗାମଣି ମାଣ୍ଡୋଲିନ୍ ବାଦନ କରୁଛନ୍ତି।

ସୃଜନ - ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅତିଥି ଭାବେ ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ୍‌ର କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ(ଅପରେଶନ) ସ୍ୱାମୀ ସତ୍ୟଚୈତନ୍ୟ, ଗାୟକ ବାବୁ ପାଣିଗ୍ରାହୀ ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରସିଦ୍ଧ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ କର୍ଣ୍ଣାଟକ ଧାରୱାଡ୍‌ର କୁମାର ମାର୍ଦ୍ଦୁରଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଆରମ୍ଭରୁ ନିଆରା ପରିବେଶ ସୃଷ୍ଟି କରିଥିଲା। ତାଙ୍କ ସଙ୍ଗୀତରେ ଖୟାଲ, ଠୁମରୀ, ଦାଦ୍ରା, ଭଜନ, କନ୍ନଡ ଦାସ ସାହିତ୍ୟ ଏବଂ ଭବଗୀତ ସହିତ ବୈଷୟିକ ସଠିକତା ଓ ସୁରଳ ଅଭିବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲା। ସେ ଜୟପୁର ଘରାନାକୁ ସୁନ୍ଦର ଭାବରେ ମିଶ୍ରଣ କରି ତାଙ୍କର ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରିଥିଲେ। ତାଙ୍କୁ ତବଲାରେ ଅମିତାଭ ସେନ, ହାର୍‌ମୋନିୟମରେ ଆକାଶ ବିଶାଳ ଓ କଣ୍ଠରେ ପବନକୁମାର ଚୋବେ ସହଯୋଗ କରିଥିଲେ। ପରେ ପ୍ରସିଦ୍ଧ କର୍ଣ୍ଣାଟକୀ ମାଣ୍ଡୋଲିନ୍ ଯୋଡ଼ି ୟୁପି ରାଜୁ ଓ ୟୁ. ନାଗାମଣିଙ୍କ ଦ୍ୱାରା ମାଣ୍ଡୋଲିନ ବାଦନ ପୂରା ପରିବେଶକୁ ଭାବଗମ୍ଭୀର କରିଦେଇଥିଲା। ସେମାନଙ୍କ ରାଗ ଓ ତାଳର ସୂକ୍ଷ୍ମ ବୋଧଗମ୍ୟତା ସୁମଧୁର ବାର୍ତ୍ତାଳାପକୁ ଯୋଡ଼ିବା ସହିତ ଶୁଦ୍ଧ ସଙ୍ଗୀତର ସାମଞ୍ଜସ୍ୟର ମୁହୂର୍ତ୍ତ ସୃଷ୍ଟି କରିଥିଲା। ସେମାନଙ୍କ ତାଳମେଳରେ ପ୍ରଦର୍ଶିତ ହୋଇଥିଲା ବାଦ୍ୟଯନ୍ତ୍ର ସଙ୍ଗମର ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ, ଯାହା ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଥାଭିଲ (ମର୍ଦ୍ଦଳ)ରେ କେ. ସେକର ଓ ଘଟମରେ ଡ. ଏସ୍ କାର୍ତ୍ତିକ ସହଯୋଗ କରିଥିଲେ। ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ ଦେବୀପ୍ରସାଦ ମିଶ୍ର କାର୍ଯ୍ୟକାରୀ କରିଥିଲେ ଓ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଉତ୍ସବର ମିଡିଆ ପାର୍ଟନର ରହିଥିବାବେଳେ ଏହା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୃଜନ ପକ୍ଷରୁ ସୂଚନା ଦିଆଯାଇଛି।

# ୩ ଦିନରେ ୪୦୧ ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ

**ଓଭରଲୋଡିଂ, ଅନୁପଯୁକ୍ତ ଗାଡ଼ି ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ**

କଟକ,୬।୯(କାର୍ତ୍ତିକ ସାହୁ)



ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଜାରି ରହିଛି। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ନେତୃତ୍ୱରେ ୩ଦିନ ଧରି ରାଜ୍ୟବ୍ୟାପୀ ଆର୍‌ଟିଓ ଟିମ୍ ଦ୍ୱାରା ଓଭରଲୋଡିଂ ଏବଂ ଫିଟ୍‌ନେସ୍ ଯାଞ୍ଚକୁ ଗୁରୁତ୍ୱ ଦିଆଯାଇଥିଲା। ୩ ଦିନରେ ରାଜ୍ୟରେ ଓଭରଲୋଡିଂ ପାଇଁ ୨୭୫ଟି ଗାଡ଼ି ବିରୋଧରେ ଚାଲାଣ କଟିଥିବା ବେଳେ ଗାଡ଼ିର ଫିଟ୍‌ନେସ୍ ଠିକ ନ ଥିବା ଯୋଗୁ ୫୩୬ ଗାଡ଼ି ବିରୋଧରେ ଚାଲାଣ କଟିଛି। ସମୁଦାୟ ୨,୫୩୨ଟି ଚାଲାଣ କଟାଯାଇଛି। ସେହିଭଳି ୪୦୧ଟି ଗାଡ଼ିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ କରାଯାଇଛି। ୫୬ ଲକ୍ଷ ୩୭ ହଜାର ୬୩୨ ଟଙ୍କା ଜରିମାନା ବାବଦରେ ଆଦାୟ କରାଯାଇଛି।

ଓଭରଲୋଡିଂ ବାବଦରେ କଟକ ଆର୍‌ଟିଓଙ୍କ ଦ୍ୱାରା ୧୪, ସମ୍ବଲପୁରରେ ୨୫, କେନ୍ଦୁଝର ଆର୍‌ଟିଓରେ ୧୪, ଅନୁଗୋଳରେ ୧୫, ଗଞ୍ଜାମ ଆର୍‌ଟିଓରେ ୧୪, କଳାହାଣ୍ଡି ଆର୍‌ଟିଓରେ ୧୩ଟି ଗାଡ଼ି ବିରୋଧରେ ଚାଲାଣ କଟାଯାଇଛି। ସେହିପରି ଫିଟନେସ ଚେକ୍‌ରେ କଟକ ଆର୍‌ଟିଓ ଅଧୀନରେ ୫୦, ଭୁବନେଶ୍ୱର-୧ ଆର୍‌ଟିଓରେ ୬୮, ଯାଜପୁରରେ ୨୯, ସୋନପୁରରେ ୨୬, ଭଞ୍ଜନଗରରେ ୩୯ଟି, ଖୋର୍ଦ୍ଧା ଏଆର୍‌ଟିଓଙ୍କ ଦ୍ୱାରା ସଡ଼କରେ ଚାଲିବାକୁ ଉପଯୁକ୍ତ ନ ଥିବା ୩୫ଟି ଗାଡ଼ିର ଚାଲାଣ କଟାଯାଇଛି। ଜଗତ୍‌ସିଂହପୁର ଆର୍‌ଟିଓରେ ୬୦ଟି ଫିଟ୍‌ନେସ୍ ପ୍ରମାଣ ପତ୍ର ରଦ୍ଦ ହୋଇଥିବା ବେଳେ ସୋନପୁରରେ ୨୬ଟି, କେନ୍ଦୁଝରରେ ୧୭ଟି, ଅନୁଗୋଳରେ ୧୮ଟି, କୋରାପୁଟରେ ୧୪ଟି ଗାଡ଼ି ଫିଟ୍‌ନେସ୍ ପ୍ରମାଣପତ୍ରରଦ୍ଦ ହୋଇଛି। ଅନୁଗୋଳ ଆର୍‌ଟିଓରେ ସର୍ବାଧିକ ୯,୯୮,୫୨୦ଟଙ୍କା ଆଦାୟ କରାଯାଇଥିବା ବେଳେ ଚଣ୍ଡିଖୋଲରେ ୩,୭୯,୨୩୫, ଝାରସୁଗୁଡ଼ାରେ ୩,୨୩,୧୯୫, ବଲାଙ୍ଗୀରରେ ୫,୧୩,୮୩୬, କଟକରେ ୨,୫୧,୯୭୫, ରାଉରକେଲାରେ ୨,୦୩,୨୦୩ ଓ ବଡ଼ବିଲ ଏଆର୍‌ଟିଓରେ ୪,୩୪,୫୩୮ ଟଙ୍କା ଆଦାୟ କରାଯାଇଛି।

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ଯେ, ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଆଗକୁ ଆହୁରି କଡ଼ାକଡ଼ି କରାଯିବ ଏବଂ ମୋଟରଯାନ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତେ ସଡ଼କ ସୁରକ୍ଷା ନିୟମ ଠିକ୍ ଭାବେ ପାଳନ କରିବାକୁ ନିବେଦନ କରାଯାଇଛି।

# ସୃଷ୍ଟି ହେଲା ଆଉ ଏକ ଘୂର୍ଣ୍ଣିବଳୟ

**ସେପ୍ଟେମ୍ବର ୧୦ ଯାଏ ବର୍ଷା ସମ୍ଭାବନା**

ଭୁବନେଶ୍ୱର, ୬।୯ (ବନ୍ଦନା ସେଠୀ)

ରାଜ୍ୟର ବର୍ଷା ଜାରି ରହିଥିବାବେଳେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୧୦ ଯାଏ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ସ୍ଥାନେସ୍ଥାନେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସତର୍କତା ଜାରି କରାଯାଇଛି। ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକ ମନୋରମା ମହାନ୍ତି କହିଛନ୍ତି, ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ୩ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୯ ଓ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୧୧ ତାରିଖରୁ ପାଗ ବଦଳିବ।

# ଶିକ୍ଷକଙ୍କ ଅହୋରାତ୍ର ଗଣଧାରଣା ସ୍ଥଗିତ

**୨ ମନ୍ତ୍ରୀଙ୍କ ସହ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆଲୋଚନା**

**ଉଚ୍ଚସ୍ତରୀୟ କମିଶନ ରିପୋର୍ଟ ଆଧାରରେ ନିଷ୍ପତ୍ତି ନେବେ ସରକାର**


ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୬।୯(ସୁଚିସ୍ମିତା ସାହୁ)

ବିଭିନ୍ନ ଦାବି ନେଇ ଶୁକ୍ରବାର ଗୁରୁଦିବସରୁ ଶିକ୍ଷକମାନେ ଅହୋରାତ୍ର ଗଣଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଶନିବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ଶିକ୍ଷା ସଚିବଙ୍କ ସହ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ୧୦ଜଣିଆ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ପରେ ଗଣଧାରଣାକୁ ସ୍ଥଗିତ ରଖାଯାଇଛି ବୋଲି ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

ଏହି ବୈଠକରେ ଶିକ୍ଷକଙ୍କ ଦାବି ଯଥା - ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ, ୨୦୦୪ ମସିହାଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ କର୍ମଚାରୀଙ୍କୁ ବ୍ୟବସ୍ଥା ଅନୁସାରେ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପାଳନ କରି ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ପୁରୁଣା ପେନସନ୍ ବ୍ୟବସ୍ଥା ଲାଗୁ କରିବା, ଅବସର ବୟସସୀମା ୬୦ରୁ ୬୨ବର୍ଷକୁ ବୃଦ୍ଧି କରିବା ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଆଗାମୀ ଦୁଇସପ୍ତାହ ମଧ୍ୟରେ ଏକ ଉଚ୍ଚସ୍ତରୀୟ କମିଶନ ଗଠନ କରି ମାସକ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବ। ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ନିମନ୍ତେ କମିଶନ ପ୍ରଦାନ କରିଥିବା ପ୍ରସ୍ତାବ ଆଧାରରେ ସରକାର ନିଷ୍ପତ୍ତି ନେବେ ବୋଲି ଦୁଇ ମନ୍ତ୍ରୀ କହିଥିଲେ। ଏହି ଆଲୋଚନାରେ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଏମ୍.ଏ. କାସିମ୍ ବେଗ୍, ଅଜୟ କୁମାର ପତି, ବ୍ରଜକିଶୋର ବିଶ୍ୱାଳ, ମାଣିକେଶ୍ୱର ସ୍ୱାଇଁ, ସୁରେଶ ଚନ୍ଦ୍ର ଦାସ, ରଞ୍ଜନ କୁମାର ପଣ୍ଡା, ରମାକାନ୍ତ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଦ୍ୟୁତ୍


@ ଅର୍ଜୁନ


@ ସୁଶୀଲ


@ ପ୍ରଦୀପ୍ତ


@ ସ୍ୱିଟି


@ ରାକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡା. ପ୍ରଭାସ ମହାନ୍ତି ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ନୂଆ ଅଧ୍ୟକ୍ଷ

କଟକ, ୬।୯(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ହେଲେ ପ୍ରଫେସର ଡା. ପ୍ରଭାସ କୁମାର ମହାନ୍ତି। ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ପକ୍ଷରୁ ଗତ ୪ ତାରିଖ ଚିଠି ନମ୍ବର- ୨୫୮୨୫ରେ ଏ ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନା ଅନୁଯାୟୀ, ପ୍ରଫେସର ଡା. ମହାନ୍ତି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ଓରାଲ ଓ ମାକ୍ସିଲୋଫେସିଆଲ ସର୍ଜରି ବିଭାଗରେ କାର୍ଯ୍ୟରତ ରହିଥିଲେ। କିଛି ମାସ ପୂର୍ବେ ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା. ଜୟନ୍ତ ଦାସ ଅବସର ନେଇଥିଲେ। ପରେ କାମଚଳା ଅଧୀକ୍ଷକ ଭାବେ ପ୍ରଫେସର ଡା. ରତ୍ନାରେଣୁବାଳା ବାଲିଆରସିଂଙ୍କୁ ଦାୟିତ୍ୱ ଦିଆଯାଇଥିଲା।

**ପେଟ୍ରୋଲ, ଡିଜେଲ ଦର ବଢ଼ାଇବା ବାଟ ଫିଟାଇଲେ ସରକାର: କଂଗ୍ରେସ**

ଭୁବନେଶ୍ୱର, ୬।୯(ସୁନିତ୍ ମିଶ୍ର): କେରଳ ଓ କର୍ନାଟକର ବିରୋଧ ଯୋଗୁ ଏଥର ବୈଠକରେ ମଧ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇପାରିଲା ନାହିଁ। କେନ୍ଦ୍ର ସରକାର ଚାହିଁଥିଲେ ରାଜ୍ୟ ହରାଇବାକୁ ଥିବା ରାଜସ୍ୱକୁ ଭରଣା କରିପାରିଥାନ୍ତେ। କିନ୍ତୁ ତାହା ନ ହେବା ଫଳରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିର ବାଟ ସରକାର ଫିଟାଇଲେ। ଫଳରେ ଦରଦାମ୍ କମିବା ପରିବର୍ତ୍ତେ ବଢ଼ିବାର ସୂଚନା ମିଳିଲାଣି ବୋଲି କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ସମାଲୋଚନା କରିଛନ୍ତି।

# ବିଭିନ୍ନ ଜିଲାରେ ହେବ କ୍ୟାବିନେଟ୍ ବୈଠକ

## ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

**ରାଜ୍ୟ ସରକାର ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ପ୍ରତ୍ୟକ୍ଷ ଶୁଣାଣି କରୁଛନ୍ତି। ଏହିକ୍ରମେ ସେମାନଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଆବଶ୍ୟକ ହେଲେ ବିଭିନ୍ନ ଜିଲାରେ କ୍ୟାବିନେଟ୍ ବୈଠକ କରାଯିବ ବୋଲି ଶନିବାର ସମ୍ବଲପୁରରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।**

ସମ୍ବଲପୁର,୬।୯(ପ୍ରମୋଦ ବହିଦାର)



ସମ୍ବଲପୁରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାରିବାରିକ ପ୍ରେମ ଓ ସମୃଦ୍ଧିର ପ୍ରତୀକ ହେଉଛି ନୂଆଁଖାଇ। ଏହା କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ରହିଛି ତାହା ନୁହେଁ ଏହାକୁ ସମଗ୍ର ରାଜ୍ୟବାସୀଙ୍କ ସହ ଦେଶ ବିଦେଶରେ ମଧ ପାଳନ କରାଯାଉଛି। ସମ୍ବଲପୁରଠାରେ ଶନିବାର ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବକୁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ନୂଆଁଖାଇ ଆମକୁ ଚାଷୀଙ୍କ ପ୍ରତି କୃତଜ୍ଞ କରିଥାଏ। ନୂଆଁଖାଇ ଉତ୍ସବ ଚାଷୀଙ୍କ ପରିଶ୍ରମର ଫଳ ସ୍ୱରୂପ। ତେଣୁ ରାଜ୍ୟ ସରକାର ଚାଷୀଙ୍କ ଆୟ ବହୁଗୁଣିତ କରିବା ଲକ୍ଷ୍ୟରେ ପ୍ରତିବଦ୍ଧ। ସମ୍ବଲପୁର ହେଉଛି ବୀରଭୂମି। ତେଣୁ ସମ୍ବଲପୁରର ଐତିହାସିକ ସ୍ୱାଧୀନତା ସଂଗ୍ରାମୀ ପୀଠ ଖିଣ୍ଡା ସମେତ ଅନ୍ୟାନ୍ୟ ସଂଗ୍ରାମ ପୀଠର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ। କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି। ଗତ ଏପ୍ରିଲ୍ ୨୧ରେ ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ୯,୩୭୭ଟି ଅଭିଯୋଗ ମିଳିଥିଲା। ସେଥିମଧ୍ୟରୁ ପ୍ରାୟ ୮୮% ତୁରନ୍ତ ସମାଧାନ କରାଯାଇଥିଲା। ଆଗାମୀ ଦିନରେ କେବଳ ଜନଶୁଣାଣି ନୁହେଁ, ବରଂ ଆଗକୁ କ୍ୟାବିନେଟ୍ ମିଟିଂ ମଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ଭାଜପା ସରକାର ରାଜ୍ୟର ପ୍ରତି ଜିଲାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରି କି ପୂର୍ବ ଓଡ଼ିଶାରୁ ପଶ୍ଚିମ

**■ ପାରାଦୀପରୁ ସମ୍ବଲପୁର ଦେଇ ରାଉରକେଲା ପର୍ଯ୍ୟନ୍ତ ହେବ ସ୍ୱତନ୍ତ୍ର ଶିଳ୍ପ କରିଡର**

ଓଡ଼ିଶା ପର୍ଯ୍ୟନ୍ତ ପାରାଦୀପ, ଚୌଦ୍ୱାର, ଢେଙ୍କାନାଳ, ଅନୁଗୋଳ ସହିତ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ରାଉରକେଲାକୁ ସଂଯୋଗ କରି ଏକ ସମୃଦ୍ଧ ଶିଳ୍ପ କରିଡର କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପଶ୍ଚିମ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର ବିକଶିତ କରିବାକୁ ଯୋଜନା କରୁଛୁ। ଏଥିରେ ହୀରାକୁଦ ଜଳଭଣ୍ଡାର, ସୌନ୍ଦର୍ଯ୍ୟଭରା ଦେବ୍ରିଗଡ଼ ଅଭୟାରଣ୍ୟ ନିକଟବର୍ତ୍ତୀ ସମ୍ବଲପୁର ସହର ଏବଂ ମା'ସମଲେଇଙ୍କ ମନ୍ଦିରର ବିକାଶ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ବଲାଙ୍ଗୀର ଜିଲାର ହରିଶଙ୍କର ଓ ବରଗଡ଼ ଜିଲାର ନୃସିଂହନାଥ ପୀଠକୁ ମଧ ସ୍ୱତନ୍ତ୍ର ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନରେ ଆସି ସମ୍ବଲପୁର ଜମାଦାରପାଲି ବିମାନ ଅବତରଣ କେନ୍ଦ୍ରରେ ଓହ୍ଲାଇଥିଲେ। ସ୍ଥାନୀୟ ସର୍କିଟ ହାଉସକୁ ଯାଇ କିଛି ସମୟ ରହଣି ପରେ ମାଁ ସମଲେଶ୍ୱରୀଙ୍କ ମନ୍ଦିର ଅଭିମୁଖେ ବାହାରିଥିଲେ। ସେଠାରେ ୪ଟା ୫୦ରେ ମା'ସମଲେଶ୍ୱରୀଙ୍କ ଆଳତିରେ ଭାଗ ନେଇ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ ଉତ୍ସବରେ ଯୋଗ ଦେବାକୁ ବାହାରିଥିଲେ। ନୂଆଁଖାଇ ଭେଟ୍‌ଘାଟ ଉତ୍ସବରେ ଆୟୋଜକ କମିଟି ସଭାପତି ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୁରେଶ ପୂଜାରୀ, ରବିନାରାୟଣ ନାଏକ, ମୁକେଶ ମହାଲିଙ୍ଗଙ୍କ ସମେତ ରେଢ଼ାଖୋଲା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ବକ୍ତବ୍ୟ ଦେଇଥିଲେ। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ିଆ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ନାଉରି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗତବର୍ଷ ତୁଳନାରେ ୫ ଗୁଣା କର୍ଡନ ପାସ୍ ରଥଯାତ୍ରାରେ ବଣ୍ଟାଯାଇଥିଲା: କଂଗ୍ରେସ

ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର)

୨୦୨୫ ରଥଯାତ୍ରା ସମ୍ପର୍କିତ ଆରଟିଆଇ ତଥ୍ୟ ଅନୁସାରେ କର୍ଡନ ପାସ୍ ୨୫୦୦, ଅନ୍ୟାନ୍ୟ ୨୨,୫୦୦ ଏପରି ମୋଟ ୨୪,୩୫୦ ପାସ୍ ବଣ୍ଟନ କରାଯାଇଥିଲା। ଏହା ବିଜେଡି ସରକାର ୨୦୨୪ରେ ବାଣ୍ଟିଥିବା ପ୍ରାୟ ପାଞ୍ଚଗୁଣ ଅଧିକ ବୋଲି କଂଗ୍ରେସ ମୁଖପାତ୍ର ଜୟଶ୍ରୀ ପାତ୍ର କହିଛନ୍ତି। କଂଗ୍ରେସ ଭବନରେ ଶନିବାର ଜୟଶ୍ରୀ କହିଛନ୍ତି, ଏତେ ସଂଖ୍ୟାରେ ଭିଆଇପି ପାସ୍ ବଣ୍ଟନ ଯୋଗୁ ସାଧାରଣ ଲୋକଙ୍କୁ ଦର୍ଶନ ପାଇଁ ହନ୍ତସନ୍ତ ହେବାକୁ ପଡ଼ିଲା। ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ବିରୋଧ କରୁଥିବା ଦଳ ଏବେ ଏହାକୁ ଲାଗୁ କରିବା ପାଇଁ ଅଣ୍ଟା ଭିଡ଼ିଛି। ବହୁ ବାଦ ବିବାଦ ପରେ ପରିଚାଳନା କମିଟି ଗଠନ କରାଗଲା। କିନ୍ତୁ ଏହା ଦଳୀୟ କମିଟି ଭଳିଆ ପ୍ରତୀତ ହେଉଛି ବୋଲି ସେ କହିଛନ୍ତି।

## ମନ୍ଦରଗିରିରେ ପୂଜା ବେଳେ ବଜ୍ରପାତ, ୫୦ରୁ ଅଧିକ ଗୁରୁତର

ଛେଣ୍ଡିପଦା,୬।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସୀମାନ୍ତ ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଜରାଛାଟ ଗାଁ ଚିତ୍ରକୂଟ ପାହାଡ଼ରେ ଶନିବାର ମନ୍ଦରଗିରିଙ୍କ ପୂଜା ଚାଲିଥିବା ବେଳେ ବଜ୍ରପାତ ହେବାରୁ ୫୦ରୁ ଅଧିକ ଶ୍ରଦ୍ଧାଳୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଛେଣ୍ଡିପଦା, କଣିହାଁ ଓ କୋଶଳା ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଜରାଛାଟ ଗ୍ରାମର ପ୍ରାୟ ୭୦ରୁ ଅଧିକ ମହିଳା ପୁରୁଷ ଚିତ୍ରକୂଟ ପାହାଡ଼ ଶିଖରକୁ ଯାଇ ମନ୍ଦରଗିରିଙ୍କ ପୂଜା କରୁଥିଲେ। ଅପରାହ୍ନରେ ବର୍ଷା ସହ ବଜ୍ରପାତ ହେବାରୁ ୫୦ରୁ ଅଧିକ ଶ୍ରଦ୍ଧାଳୁ ଅଚେତ ହୋଇଯାଇଥିଲେ। ଗାଁ ଲୋକେ ସେମାନଙ୍କୁ ଉଦ୍ଧାର କରି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଛେଣ୍ଡିପଦା ତହସିଲଦାର ମାନସ ରାୟ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଛେଣ୍ଡିପଦାରେ ୪୦ ଓ କୋଶଳାରେ ୯ ଏବଂ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ଜଣ ଚିକିତ୍ସିତ ହେଉଛନ୍ତି। ୪ ଜଣଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ପିଏସି ବସିଲା କାହିଁକି

## ଆଜିଠୁ ନବୀନଙ୍କ ନୂଆଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୬।୯(ସୁନୀତ୍ ମିଶ୍ର)



ଉପରାଷ୍ଟ୍ରପତି ନିର୍ବାଚନ ଆସନ୍ତା ୯ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ରବିବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୪ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ନବୀନଙ୍କ ଏହି ଗସ୍ତ ନେଇ ଚର୍ଚ୍ଚା ଜୋର୍ ଧରିଛି। ବିଜେଡି ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ନା ଇଣ୍ଡିଆ ମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ ଦେବ ସେ ନେଇ କିଛି ସ୍ପଷ୍ଟ କରିନାହିଁ। ବିଭିନ୍ନ ସମୟରେ ଏନ୍‌ଡିଏକୁ ସମର୍ଥନ କରିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି ବୋଲି ଅନେକ ନେତା ଦଳ ଭିତରୁ ବିଭିନ୍ନ ସ୍ଥାନରେ ଚର୍ଚ୍ଚା କରୁଛନ୍ତି। ହେଲେ ଦଳର ଆଭିମୁଖ୍ୟ ଉପରାଷ୍ଟ୍ରପତି ନିର୍ବାଚନରେ ବଦଳିବ ନାଁ ନାହିଁ ଏହା ଉପରେ ସମସ୍ତଙ୍କ ନଜର ରହିଛି। ବିଜେଡିର ଏବେ ୭ଜଣ ରାଜ୍ୟ ସଭା ସଦସ୍ୟ ରହିଛନ୍ତି। ସେମାନଙ୍କ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନରେ ଦଳ ଭୋଟିଂରୁ ବିରତି ରହିବ ବୋଲି ଏକପ୍ରକାର ଅଲିଖିତ ନିର୍ଦ୍ଦେଶ ଜାରି କରାଯାଇଛି। ଦଳ ଭୋଟିଂରୁ ବିରତ ରହିବା ଅର୍ଥ ପରୋକ୍ଷରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବା ସଙ୍ଗେ ସମାନ। ଅନ୍ୟପଟେ ଏଭଳି ସ୍ଥିତିରେ ଶନିବାର ଦଳର ରାଜନୈତିକ ବ୍ୟାପାର କମିଟି ବୈଠକ ଡକାଯାଇଥିଲା। ନବୀନଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ବି ଦଳ ଯଦି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରେ, ଏହା ବିଜେଡିକୁ କ୍ଷତି ପହଞ୍ଚାଇବ ବୋଲି ସେମାନଙ୍କ ଭିତରୁ କେତେଜଣ ସଦସ୍ୟ ପ୍ରସ୍ତାବ ରଖିଥିଲେ। ବୈଠକରେ ଉପସ୍ଥିତ ଜଣେ ସଦସ୍ୟଙ୍କ ସୂଚନା ମୁତାବକ ସମସ୍ତେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧ କରିବା ନେଇ ପରୋକ୍ଷରେ ପ୍ରସ୍ତାବ ଦେଇଥିଲେ ସୁଦ୍ଧା ଏହା କେତେ ଗ୍ରହଣୀୟ ତାହା ସମୟ କହିବ ବୋଲି ସେ ସୂଚନା ଦେଇଛନ୍ତି। ପିଏସି ବୈଠକ ସରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସଦସ୍ୟା ପ୍ରମିଳା ମଲ୍ଲିକ କହିଛନ୍ତି, ଦଳର ନିଷ୍ପତ୍ତି କ'ଣ ହେବ ସେ କଥା ନବୀନ ନିଷ୍ପତ୍ତି କରିବେ, ଯାହାକୁ ନେଇ ବିଜେଡି ଭିତରେ ଏକ ଚର୍ଚ୍ଚା ଜୋର୍ ଧରିଛି। ଯଦି ନବୀନ ନିଷ୍ପତ୍ତି କରିବେ ବୈଠକରେ ନିଷ୍କର୍ଷ ହୋଇପାରିଲା ନାହିଁ, ତେବେ ପିଏସି କାହିଁକି ବସିଥିଲା ବୋଲି ଦଳ ଭିତରୁ ଅନେକ ପ୍ରଶ୍ନ ଉଠାଇଲେଣି।

# ସାରକୁ ନେଇ ବଢ଼ିଲାଣି ସରକାରଙ୍କ ଚିନ୍ତା

ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର)

ରାଜ୍ୟରେ ସାର କଳାବଜାର ବୃଦ୍ଧି ପାଉଥିବା ବିରୋଧୀ ଅଭିଯୋଗ କରୁଥିବାବେଳେ ଠିକ୍ ସମୟରେ ସାର ନ ପାଇବା ଯୋଗୁ ଚାଷୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଭଳି ପରିସ୍ଥିତିରେ ସାର ଯୋଗାଣକୁ ନେଇ ଶନିବାର ରାଜ୍ୟରେ ଦୁଇଟି ବଡ଼ ବୈଠକ ଅନୁଷ୍ଠିତ ହୋଇଛି। ଗୋଟିଏ ପଟେ ସେପ୍ଟେମ୍ବର ସୁଦ୍ଧା ୮୦,୦୧୪ ମେଟ୍ରିକ୍ ଟନ୍ ୟୁରିଆ ସାର ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ଅନ୍ୟପଟେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଶନିବାର ଜିଲାପାଳମାନଙ୍କ ସହ ଏକ ବୈଠକକରି କହିଛନ୍ତି, ସେପ୍ଟେମ୍ବର ୫ ଅର୍ଥାତ୍ ଗତ ଶୁକ୍ରବାର ସୁଦ୍ଧା ରାଜ୍ୟରେ ଚାଷୀଙ୍କୁ ୯ ଲକ୍ଷ ୧୬ ହଜାର ୯୪୯ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇସାରିଛି। ତେଣୁ ସାରକୁ ନେଇ ସରକାରଙ୍କ ଚିନ୍ତା ବଢ଼ିଯାଇଥିବା ଆଲୋଚନା ଜୋର୍ ଧରିଛି।

ଲୋକସେବା ଭବନଠାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଅଧ୍ୟକ୍ଷତାରେ

**■ କେବଳ ସେପ୍ଟେମ୍ବରରେ ଚାଷୀଙ୍କୁ ମିଳିବ ୮୦,୦୧୪ ମେଟ୍ରିକ୍ ଟନ୍ ୟୁରିଆ**

ରାଜ୍ୟରେ ଶୃଙ୍ଖଳିତ ସାର ଯୋଗାଣର ସ୍ଥିତି ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ସେପ୍ଟେମ୍ବରରେ ମୋଟ୍ ୮୦,୦୧୪ ମେଟ୍ରିକ ଟନ୍ ୟୁରିଆ ସାର ଚାଷୀଙ୍କୁ ଯୋଗାଇ ଦିଆଯିବ। ଏହି ସମସ୍ତ ସାର ମାର୍କଫେଡ୍ ଜରିଆରେ ପାକ୍ସ/ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀଙ୍କୁ ମିଳିବ। ଶତ ପ୍ରତିଶତ ଅର୍ଥାତ୍ ମୋଟ୍ ୮୦,୦୧୪ ମେଟ୍ରିକ ଟନ୍ ୟୁରିଆ ସାର ମାର୍କଫେଡ୍ ଜରିଆରେ କେବଳ ବଣ୍ଟନ ହେବ। ଏହାଦ୍ୱାରା ଚାଷୀମାନେ ୟୁରିଆ ସାର ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ସରକାର ଶୃଙ୍ଖଳିତ ସାର ଯୋଗାଣ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛନ୍ତି ବୋଲି ଏହି ବୈଠକରେ ମନ୍ତ୍ରୀ ପ୍ରକାଶ କରିଛନ୍ତି। ସେହିପରି କୃଷକଙ୍କ ପାଖରେ ଆବଶ୍ୟକତା ଅନୁସାରେ ସାର ଠିକ୍ ଭାବେ ପହଞ୍ଚୁଛି ନା ନାହିଁ ସେନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମସ୍ତ ଜିଲାପାଳଙ୍କ ସହ ଭର୍ଚୁଆଲ ଆଲୋଚନା କରିଛନ୍ତି। ବୈଠକରେ ଶୁକ୍ରବାର ସୁଦ୍ଧା ଓଡ଼ିଶାକୁ ଖରିଫ ୨୦୨୫ ପାଇଁ ୟୁରିଆ ସମେତ ୧୦ ଲକ୍ଷ ମେଟ୍ରିକ ଟନ୍ ବିଭିନ୍ନ ପ୍ରକାର ସାର ଉପଲବ୍ଧତା ନେଇ ଭାରତ ସରକାରଙ୍କୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା। ଏହି ସମୟ ସୁଦ୍ଧା ମୋଟ୍ ୧୧ ଲକ୍ଷ ୩୩ ହଜାର ୭୭୬ ମେଟ୍ରିକ ଟନ୍ ସାର ମିଳିଛି। ଏ ପର୍ଯ୍ୟନ୍ତ ୯.୧୬ ଲକ୍ଷ ମେଟ୍ରିକ ଟନ ସାର ବିକ୍ରୟ ହୋଇସାରିଛି। ଏବେ ସୁଦ୍ଧା ଆହୁରି ୨ ଲକ୍ଷ ୭ ହଜାର ୨୨୦ ମେଟ୍ରିକ ଟନ୍ ସାର ରାଜ୍ୟ ପାଇଁ ଉପଲବ୍ଧ ଅଛି। ଗତ ୩ ବର୍ଷରେ ଦେଖିବାକୁ ଗଲେ ଆସନ୍ତା ୩୦ ସୁଦ୍ଧା ହାରାହାରି ୮ ଲକ୍ଷ ୮୧ ହଜାର ୨୫୦ ମେଟ୍ରିକ ଟନ୍ ସାର ଯୋଗାଣ ହୋଇଥିବା ବେଳେ ଗତବର୍ଷ ୭ ଲକ୍ଷ ୭୭ ହଜାର ୦୦୨ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଥିଲା। ଶୁକ୍ରବାର ସୁଦ୍ଧା ୯ ଲକ୍ଷ ୧୬ ହଜାର ୯୪୯ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଥିବା ବୈଠକରୁ ଜଣାପଡ଼ିଛି।

## ଆମ୍ବୁଲାନ୍ସ ଆସିଲାନି, ବିଳମ୍ବରେ ଡାକ୍ତର ଆସିବାରୁ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

ରମ୍ଭା,୬।୯(ବନବାସୀ ସେଠୀ)

ଗଞ୍ଜାମ ଜିଲା ରମ୍ଭା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ଓ ଡାକ୍ତରଙ୍କ ଅବହେଳା ଯୋଗୁ ରମ୍ଭା କଲେଜର ଜଣେ ଯୁକ୍ତ ୨ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ସାବୁଲିଆ ବଡ଼ଦାଣ୍ଡ ସାହିର ସନ୍ନ୍ୟାସୀ ନାହାକଙ୍କ ପୁଅ ମାନସ(୧୭)। ଶୁକ୍ରବାର ଅପରାହ୍ନ ୩ଟାରେ ମାନସ ଗ୍ରାମରେ ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଗ୍ରାମ ପୋଖରୀକୁ ଯାଇ ବୁଡ଼ି ଯାଇଥିଲେ। ସାହି ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସର ବିଳମ୍ବ ଯୋଗୁ ସାହି ଲୋକେ ଏକ ଅଟୋ ଯୋଗେ ରମ୍ଭା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମାନସଙ୍କୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ଅନୁପସ୍ଥିତ ଥିଲେ। ବିଳମ୍ବରେ ଡାକ୍ତର ଆସିଥିଲେ। ସେତେବେଳକୁ ଡାକ୍ତରଖାନାରେ ମାନସଙ୍କ ମୃତ୍ୟୁ ହୋଇସାରିଥିଲା ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ସେ ପର୍ଯ୍ୟନ୍ତ ରମ୍ଭା ଡାକ୍ତରଖାନାରେ ଆମ୍ବୁଲାନ୍ସ ଆସି ପହଞ୍ଚି ନ ଥିଲା। ସ୍ଥାନୀୟ ଲୋକେ ଓ ବଡ଼ଦାଣ୍ଡ ସାହି ଲୋକେ ଡାକ୍ତରଖାନାରେ ପାଟିତୁଣ୍ଡ କରିବା ସହ ଡାକ୍ତରଖାନା ଘେରାଉ କରିଥିଲେ।

# ଅକ୍ଟୋବର ୧୧ ସୁଦ୍ଧା ବୁଝାମଣା ଅଗ୍ରଗତି ବିଷୟରେ ଜଣାଇବାକୁ ନିର୍ଦ୍ଦେଶ: ପୀତାମ୍ବର

**ମହାନଦୀ ଜଳବିବାଦ ପ୍ରସଙ୍ଗ**

**ଶୁକ୍ରବାର ଦୁଇ ରାଜ୍ୟର ସର୍ବୋଚ୍ଚ ଯନ୍ତ୍ରୀଙ୍କ ମଧରେ ବୈଠକ ସରିଛି**

ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର)

ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦ ଏବେ ଆପୋସ ସମାଧାନ ଆଡ଼କୁ ଯାଉଛି। ଟ୍ରିବ୍ୟୁନାଲରେ ଉଭୟ ରାଜ୍ୟ ପକ୍ଷରୁ ଆପୋସ ସମାଧାନ ପ୍ରସ୍ତାବ ରଖାଯାଇଥିଲା। ଶନିବାର ଟ୍ରିବ୍ୟୁନାଲ ପୁଣିଥରେ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଶୁଣାଣି କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଛନ୍ତି। ସେ କହିଛନ୍ତି, ଅକ୍ଟୋବର ୧୧ ସୁଦ୍ଧା ବୁଝାମଣାର ଅଗ୍ରଗତି ଜଣାଇବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ରହିଛି। ଶୁକ୍ରବାର ଉଭୟ ରାଜ୍ୟର ସର୍ବୋଚ୍ଚ ଯନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ଲାଗି ଆଲୋଚନା ଜାରି ରହିଛି। ଗତ ୭ ବର୍ଷରେ ପୂର୍ବ ସରକାର ସମାଧାନ ନେଇ କିଛି କରି ନ ଥିଲେ। ରାଜ୍ୟରେ ସରକାର ବଦଳିବା ପରେ ଆପୋସ ବୁଝାମଣା ପାଇଁ ଉଦ୍ୟମ ଜାରି ରହିଛି। କୌଣସି ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲରେ ହୋଇନାହିଁ। ଯଦି ବିବାଦ ସମାଧାନ ନ ହୁଏ ପ୍ରକଳ୍ପକୁ ସିଡବ୍ଲୁସି ସ୍ୱୀକୃତି ମିଳିବ ନାହିଁ ବୋଲି ସେ କହିଛନ୍ତି।

ଓଡ଼ିଶା ସରକାର ଓ ଛତିଶଗଡ଼ ସରକାର ଦୀର୍ଘଦିନ ବିବାଦର ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କିଛିଦିନ ତଳେ 'X'ରେ ସୂଚନା ଦେଇଥିଲେ। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ମଧ୍ୟରେ ଏକ ଫଳପ୍ରଦ ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ରାଜ୍ୟର ଜଳସମ୍ପଦ ବିଭାଗ ଅଧିକାରୀମାନେ ମିଳିତ ଭାବେ ସହଯୋଗୀ ସମାଧାନ ପାଇଁ ଆଲୋଚନା କରିଥିଲେ। ଉଭୟ ରାଜ୍ୟ ଆପୋସ ବୁଝାମଣାରେ ଲୋକମାନଙ୍କ ହିତରେ ଉଚିତ ସମାଧାନ ଖୋଜିବାକୁ ସହମତ ହୋଇଛନ୍ତି। ଏଥିପାଇଁ ସେପ୍ଟେମ୍ବରରେ ପ୍ରତ୍ୟେକ ରାଜ୍ୟର ଇଆଇସିଙ୍କ ନେତୃତ୍ୱରେ ଗଠିତ ବୈଷୟିକ କମିଟିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ସପ୍ତାହକୁ ଥରେ ବୈଠକ କରିବେ। ଏହି କମିଟି ଦ୍ୱାରା ମହାନଦୀ ଜଳ ବଣ୍ଟନରେ ୨ ରାଜ୍ୟରେ ଅଧିକ ସମନ୍ୱୟ ପାଇଁ ଏକ ସଂସ୍ଥାଗତ ଢାଞ୍ଚା ପ୍ରସ୍ତୁତ କରିବା ନେଇ ମଧ୍ୟ ଆଲୋଚନା କରିବ। ଏହାପରେ ଅକ୍ଟୋବରରେ ଆଉ ଏକ ମୁଖ୍ୟ ସଚିବ ଓ ଜଳସମ୍ପଦ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଡିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ କାର୍ଯ୍ୟ ତଦାରଖ କରି ଜଳ ବିବାଦର ସମାଧାନ ବାଟ ବାହାର କରିବେ।

# ସମ୍ପ୍ରସାରଣ ହେବ ବିଧାନସଭା ଅତିଥି ଭବନ

**■ ୨୩ ରୁମ୍ ବିଶିଷ୍ଟ ବିଲ୍ଡିଂରେ ଅତିରିକ୍ତ ୧୬ ପ୍ରକୋଷ୍ଠ ହେବ**

**■ ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ ଅତିଥି ଭବନରେ ମୋଟ୍ ୫୭ ରୁମ୍ ହେବ**

**■ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୬।୯(ସୁନିତ୍ ମିଶ୍ର)



ଓଡ଼ିଶା ବିଧାନସଭାର ପୁରାତନ ଅତିଥି ଭବନ ସମ୍ପ୍ରସାରିତ ଅଟ୍ଟାଳିକାର ଶିଳାନ୍ୟାସ ହୋଇଛି। ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଉପସ୍ଥିତିରେ ଶନିବାର ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଉପସ୍ଥିତ ଥିଲେ। ପୁରାତନ ଅତିଥି ଭବନରେ ୨୩ଟି ରୁମ୍ ଥିବାବେଳେ ସ୍ଥାନାଭାବର ସମସ୍ୟା ଦେଖାଦେଉଛି। ଏଥିପାଇଁ ୩ କୋଟି ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ସମ୍ପ୍ରସାରିତ ଅଟ୍ଟାଳିକା ନିର୍ମାଣ ହେବ। ଏହି ୩ ମହଲା ବିଶିଷ୍ଟ ଅଟ୍ଟାଳିକାରେ ଅତିରିକ୍ତ ୧୬ଟି ରୁମ୍ ନିର୍ମାଣ ହେବ। ମୋଟ ୯ ହଜାର ବର୍ଗଫୁଟରୁ ଊର୍ଦ୍ଧ୍ୱ ସ୍ଥାନରେ ନିର୍ମାଣ କାର୍ଯ୍ୟ ହେବାକୁ ଥିବାବେଳେ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ସମୁଦାୟ ରୁମ୍ ସଂଖ୍ୟା ୩୯କୁ ବୃଦ୍ଧି ପାଇବ। ଅନ୍ୟପକ୍ଷରେ ବିଧାନସଭାର ଓଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ଅତିଥି ଭବନରେ ୧୮ଟି ରୁମ୍ ରହିଥିବାବେଳେ ନୂଆ ଓ ପୁରୁଣାକୁ ମିଶାଇ ରୁମ୍ ସଂଖ୍ୟା ୫୭କୁ ବୃଦ୍ଧି ହେବ। ଏହି ଅତିଥି ଭବନ ପାଇଁ ଏବେ ଅନ୍‌ଲାଇନ ବୁକିଂର ସୁବିଧା କରାଯିବା ସହ ୨୪ ଘଣ୍ଟିଆ ନିରାପତ୍ତା ବ୍ୟବସ୍ଥା ଆହୁରି ସମନ୍ୱିତ ହେବ। ଏହାଦ୍ୱାରା ଏହିସବୁ ଅତିଥି ଭବନରେ ରହଣି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ। ଏହାଦ୍ୱାରା ଭୁବନେଶ୍ୱରକୁ ଆସୁଥିବା ପୂର୍ବତନ ବିଧାୟକମାନେ ସୁବିଧାରେ ଏହି ଅତିଥି ଭବନରେ ରହିପାରିବେ।

## ପଡ଼ୋଶୀଙ୍କୁ ଶାବଳ ଭୁସି ହତ୍ୟା, ୩ ଗିରଫ

ଶେରଗଡ଼,୬।୯(ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକରେ ଶୁକ୍ରବାର ରାତିରେ ଦୁଇ ପଡୋଶୀଙ୍କ ମଧ୍ୟରେ ବଚସାରୁ ହତ୍ୟାକାଣ୍ଡ ଘଟିଛି। ଜଣେ ଅନ୍ୟ ଜଣଙ୍କୁ ଶାବଳରେ ଭୁସି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ହରେକୃଷ୍ଣ ପାଣିଗ୍ରାହୀ। ଏଥିରେ ସମ୍ପୃକ୍ତ ୩ଜଣ ରୋହିତ ପାଣିଗ୍ରାହୀ, ତାଙ୍କ ପୁଅ ବାବୁ ପାଣିଗ୍ରାହୀ ଓ ପିଣ୍ଟୁ ପାଣିଗ୍ରାହୀଙ୍କୁ ପୋଲିସ ଗିରଫ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବ୍ଲକର ଡେଙ୍ଗାପଦର ଗ୍ରାମରେ ଏପରି ଅଭାବନୀୟ ଘଟଣା ଘଟିଛି। କେସ୍ ନଂ. ୩୭୩/୨୫ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଆସିକା ଜେଲକୁ ପଠାଯାଇଛି।

# ସିଲିକା ନାନୋଜେଲ ଇନଜେକ୍ଟର ଡିଭାଇସକୁ ପେଟେଣ୍ଟ ମାନ୍ୟତା

ବ୍ରହ୍ମପୁର,୬।୯(ସୁବାସ ଚନ୍ଦ୍ର ପାଢ଼ୀ)




ଚିକିତ୍ସା କ୍ଷେତ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ବଡ଼ ସଫଳତା ମିଳିଛି। ଜଟିଳ ରୋଗ କ୍ଷେତ୍ରରେ ଶରୀରର ଆବଶ୍ୟକ ଅଙ୍ଗ ନିକଟରେ ସହଜରେ ଅତ୍ୟାବଶ୍ୟକ ଔଷଧ ପହଞ୍ଚାଇବା ଭଳି ଏକ ଡିଭାଇସ 'ସିଲିକା ନାନୋଜେଲ ଇନଜେକ୍ଟର' ଉଦ୍ଭାବନ କରାଯାଇଛି। ଏହାକୁ ଭାରତ ସରକାର ପେଟେଣ୍ଟ ପ୍ରଦାନ କରିଛନ୍ତି। ଗତ ୨ ବର୍ଷର ଗବେଷଣା ଏବଂ ୧୦ ବିଶେଷଜ୍ଞଙ୍କ ସହଯୋଗରେ ଏହା ପ୍ରସ୍ତୁତ କରାଯାଇଛି। ସୁଲଭ ମୂଲ୍ୟରେ ଉପଲବ୍ଧ ହେବାକୁ ଥିବା ଏହି ଡିଭାଇସ ଶରୀରକୁ ଯନ୍ତ୍ରଣା ବା କ୍ଷତି ପହଞ୍ଚାଇବ ନାହିଁ ବୋଲି ଡିଜାଇନ ପ୍ରସ୍ତୁତ କରିଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପଦ୍ମଚରଣ ହେମ୍ବ୍ରମ କହିଛନ୍ତି। ବ୍ରହ୍ମପୁର ବରିଷ୍ଠ ଚିକିତ୍ସକ ସୁନୀଲ କୋଟା କହିଛନ୍ତି, ଏହି ଡିଭାଇସ୍‌ର ଉପାଦେୟତା ଅଧିକ ଥିବାବେଳେ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ କହିଲେ ଚଳେ।

# ରାସ୍ତା ମରାମତି ନେଇ ଆସିବ ସ୍ୱତନ୍ତ୍ର ନୀତି

## ସେପ୍ଟେମ୍ବର ୨୦ ସୁଦ୍ଧା ମରାମତି, ଅକ୍ଟୋବର ୨ରୁ ନବୀକରଣ ନିର୍ଦ୍ଦେଶ

ଭୁବନେଶ୍ୱର,୬।୯(ବନ୍ଦନା ସେଠୀ)

ପାର୍ବଣ ଋତୁରେ ଗମନାଗମନ କ୍ଷେତ୍ରରେ ଦ୍ୱୈତନଗରୀ ସମେତ ସବୁ ଅଞ୍ଚଳରେ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ନିର୍ମାଣ ସୌଧ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ହରିଚନ୍ଦନ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସମେତ ବିଭିନ୍ନ ପ୍ରମୁଖ ସହର ତଥା ସମସ୍ତ ଜିଲାର ରାସ୍ତାଘାଟର ସ୍ଥିତି ଅନୁଧ୍ୟାନ କରିଥିଲେ। ସେପ୍ଟେମ୍ବର ୨୦ ସୁଦ୍ଧା ରାଜ୍ୟର ସବୁ ପ୍ରମୁଖ ରାସ୍ତାକୁ ଖାଲଖମାମୁକ୍ତ କରାଯିବ। ପରବର୍ତ୍ତୀ ଅକ୍ଟୋବର ୨ରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ ହେବ। ସମ୍ପୃକ୍ତ ଇଞ୍ଜିନିୟରମାନେ ଆସନ୍ତା ଦୁଇଦିନ ମଧ୍ୟରେ ଅଞ୍ଚଳ ଗସ୍ତ କରି ରାସ୍ତାର ସ୍ଥିତି ବିଷୟରେ ରିପୋର୍ଟ ଦେବେ। ରାସ୍ତା ମରାମତି ଓ ସ୍ଥାୟିତ୍ୱ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନ ହେବ। ରାସ୍ତାକୁ ନଷ୍ଟ କରୁଥିବା ବ୍ୟବହାରକାରୀ ସଂସ୍ଥା ଓ ବିଭାଗ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଆସିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବର୍ଷାଋତୁ ଆସିଲେ ରାସ୍ତାରେ ଖାଲଖମା ହେବା ଏବଂ ରାସ୍ତା ଖରାପ ହେବା ଏକ ସାଧାରଣ ପ୍ରକ୍ରିୟା। ମାତ୍ର ଏହାକୁ ତୁରନ୍ତ ମରାମତି କରି ଜନସାଧାରଣଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ସରକାରଙ୍କ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ। ଏବେ ନୂତନ ନିଯୁକ୍ତି ଜରିଆରେ ବହୁ ପ୍ରତିଭାବାନ୍ ଅଧିକାରୀ ଓ ଇଞ୍ଜିନିୟରମାନେ ବିଭାଗରେ ଯୋଗଦେଇଛନ୍ତି। ତେଣୁ ଇଞ୍ଜିନିୟରମାନେ ସେମାନଙ୍କ ଜ୍ଞାନର ଉପଯୋଗ କରି ସ୍ଥାୟୀ ଓ ସୁନ୍ଦର ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଯୋଗଦେଇ କହିଲେ, ଅନେକ ସମୟରେ ବିଭିନ୍ନ ସଂସ୍ଥା ବିନା ଅନୁମତିରେ ପାଇପ ବିଛାଇବା, ଇଲେକ୍ଟ୍ରିକ୍ ଲାଇନ ପକାଇବା ଅବା ଅନ୍ୟ ୟୁଟିଲିଟି କରିଡର ନାମରେ ଭଲଥିବା ରାସ୍ତାକୁ ଖୋଳି ପକାଉଛନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ରାସ୍ତାଟି ଖରାପ ଅବସ୍ଥାକୁ ଚାଲିଆସୁଛି। ସେହିଭଳି ବିଏମ୍‌ସି, ଇଡ୍‌କୋ, ଓପିଟିସିଏଲ, ୱାଟ୍‌କୋ ଆଦିର ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା-ଡ୍ରେନ ଆଦି ଖରାପ ହେଉଛି ବୋଲି ସେ କହିଛନ୍ତି। ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ସିଏମ୍‌ସି କମିଶନର କିରଣଦୀପ୍ କୌର ସହୋତା, ନଗର ଉନ୍ନୟନ ବିଭାଗ ମ୍ୟୁନିସିପାଲ ପ୍ରଶାସନର ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

**୧୨ ହଜାର କୋଟି ଟଙ୍କାର ଡ୍ରଗ୍ସ ଜବତ**

ମହାରାଷ୍ଟ୍ର ଠାଣେ ଜିଲା ପୋଲିସ ଶନିବାର ତେଲଙ୍ଗାନାର ଚେରାମାଲ୍ଲୀ ଅଞ୍ଚଳରେ ଥିବା ଏକ ଡ୍ରଗ୍ସ ଫ୍ୟାକ୍ଟ୍ରିରେ ଚଢ଼ାଉ କରିଛି। ଚଢ଼ାଉବେଳେ ୧୨ ହଜାର କୋଟି ଟଙ୍କା ମୂଲ୍ୟର ମେଫେଡ୍ରୋନ୍ (ଏମ୍‌ଡି) ଡ୍ରଗ୍ସ ଜବତ ସହ ୧୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କୁ ପଚରାଉଚରା ଜାରି ରହିଛି। ଡ୍ରଗ୍ସ ତିଆରିରେ ବ୍ୟବହୃତ ୩୫ ହଜାର ଲିଟର ରସାୟନିକ ପଦାର୍ଥ ମିଳିଛି।

## ସଂକ୍ଷେପରେ

### ୟୁପି ମୁଖ୍ୟମନ୍ତ୍ରୀଙ୍କ ଘର ବାହାରେ ବଳାତ୍କାର ପୀଡ଼ିତାଙ୍କ ଆତ୍ମାହୁତି ଉଦ୍ୟମ

ଲକ୍ଷ୍ନୌ,୬।୯

ନଏଡ଼ାର ଜଣେ ବଳାତ୍କାର ପୀଡ଼ିତା ଶୁକ୍ରବାର ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଲକ୍ଷ୍ନୌସ୍ଥିତ ସରକାରୀ ବାସଭବନ ନିକଟରେ ଆତ୍ମାହୁତି ଉଦ୍ୟମ କରିଥିଲେ। ୨ ମାସ ପୂର୍ବରୁ ହରିୟାନ୍‌ଭି ଲୋକଗୀତ ଗାୟକ ଉତ୍ତର କୁମାର ତାଙ୍କୁ ବଳାତ୍କାର କରିଥିବା ସେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଏହାର ପ୍ରତିବାଦରେ ସେ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ମୁତୟନ ଥିବା ସୁରକ୍ଷା କର୍ମୀ ଠିକ୍ ସମୟରେ ଅଟକାଇବାରୁ ମହିଳାଙ୍କ ଜୀବନ ବଞ୍ଚିଯାଇଛି। ତାଙ୍କୁ ଗୌତମପାଲ୍ଲୀ ପୋଲିସକୁ ହସ୍ତାନ୍ତର କରାଯିବା ପରେ ଗାଜିଆବାଦ ପୋଲିସକୁ ଜଣାଇ ଦିଆଯାଇଛି। ଗାଜିଆବାଦର ଶାଲିମାର ଗାର୍ଡେନ୍ ଥାନାରେ ମହିଳା ଜଣକ ଗତ ଜୁନ୍ ୨୪ରେ ଅଭିଯୋଗ ଦାଏର କରିଥିଲେ। ହାଇକୋର୍ଟ ନିର୍ଦ୍ଦେଶ ଦେବାରୁ ୨୫ ଦିନ ପରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଅଭିଯୁକ୍ତ ଉତ୍ତର କୁମାରଙ୍କୁ ଗିରଫ କରାଯାଇ ନାହିଁ କି ତଦନ୍ତରେ କୌଣସି ଅଗ୍ରଗତି ହୋଇନାହିଁ ବୋଲି ପୀଡ଼ିତା କହିଛନ୍ତି।

### ସୋନମ ରଘୁବଂଶୀ ମୁଖ୍ୟ ଅଭିଯୁକ୍ତ

**ମେଘାଳୟ ହନିମୁନ୍ ହତ୍ୟା ମାମଲାରେ ଚାର୍ଜଶିଟ୍ ଦାଖଲକଲା ପୋଲିସ**

ଶିଲଂ, ୬।୯

ମେଘାଳୟର ବହୁଚର୍ଚ୍ଚିତ ରାଜା ରଘୁବଂଶୀ ହତ୍ୟାକାଣ୍ଡ ମାମଲାରେ ରାଜ୍ୟ ପୋଲିସର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ସ୍ଥାନୀୟ ସୋହରାସ୍ଥିତ କୋର୍ଟଙ୍କ ନିକଟରେ ୭୯୦ ପୃଷ୍ଠାର ଏକ ଚାର୍ଜଶିଟ ଦାଖଲ କରିଛି। ଉକ୍ତ ଚାର୍ଜଶିଟରେ ରାଜାଙ୍କ ସ୍ତ୍ରୀ ସୋନମ ରଘୁବଂଶୀଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ଚାର୍ଜଶିଟରେ ୫ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିବା ବେଳେ ଏଥିରେ ଇନ୍ଦୋର ବ୍ୟବସାୟୀ ତଥା ସୋନମଙ୍କ ପ୍ରେମିକ ରାଜ୍ କୁଶୱାହାଙ୍କର ନାମ



ସୋନମ ରଘୁବଂଶୀ

ରହିଛି। ସୋନମ ଏବଂ ରାଜ୍‌ଙ୍କ ବ୍ୟତୀତ ଆକାଶ ରାଜପୁତ, ଆନନ୍ଦ କୁର୍ମୀ ଏବଂ ବିଶାଲ ସିଂ ଚୌହାନଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ମାମଲାରେ ସମସ୍ତ ୫ ଅଭିଯୁକ୍ତ ସମ୍ପ୍ରତି ବିଚାରବିଭାଗୀୟ ହାଜତରେ ରହିଛନ୍ତି। ପ୍ରକାଶ ଯେ, ଗତ ମେ' ୨୩ରେ ପ୍ରେମିକ ରାଜ୍ ଓ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ସୋନମ ସ୍ୱାମୀ ରାଜାଙ୍କୁ ହତ୍ୟା କରିଥିଲେ।

### ୟୁକ୍ରେନ୍ ଯୁଦ୍ଧ ବନ୍ଦ ନେଇ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ କଥା ହେଲେ ମୋଦି

ନୂଆଦିଲ୍ଲୀ,୬।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ଉପରେ ସେମାନେ କଥା ହେବା ସହ ୟୁକ୍ରେନ୍ ଯୁଦ୍ଧ ତୁରନ୍ତ ବନ୍ଦ କରାଯିବା ଦିଗରେ ଆଲୋଚନା କରିଥିଲେ। ଆଲୋଚନା ଓ କୂଟନୀତି ଜରିଆରେ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ନେଇ ଭାରତର ଆଭିମୁଖ୍ୟକୁ ପ୍ରଧାନମନ୍ତ୍ରୀ ଦୋହରାଇଛନ୍ତି। ଏଥିସହିତ ଉକ୍ତ ଅଞ୍ଚଳରେ ତୁରନ୍ତ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ବିଶ୍ୱରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାରେ ଭାରତ-ଫ୍ରାନ୍ସ ରଣନୀତିକ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ପ୍ରଧାନମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି।

## ଦିଲ୍ଲୀରେ ଆଜି



ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସ୍ତ୍ରୀ ଗୁରଶରନ୍ କୌରଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନରେ ପି.ଭି. ନରସିଂହ ରାଓ ମେମୋରିଆଲ ଆୱାର୍ଡରେ ସମ୍ମାନିତ କରାଯାଉଛି। ପାଖରେ ଉପସ୍ଥିତ ଅଛନ୍ତି ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଯୋଜନା କମିଶନର ପୂର୍ବତନ ଉପାଧ୍ୟକ୍ଷ ମଣ୍ଟେକ୍ ସିଂ ଆହଲୁୱାଲିଆ, ପିଭିଏନ୍‌ଏମ୍‌ଏଫ୍ ଉପାଧ୍ୟକ୍ଷ କେ. ରାମଚନ୍ଦ୍ର ମୂର୍ତ୍ତି , କୋଷାଧ୍ୟକ୍ଷ ପୋଲା ବିଜୟ ବାବୁ, ସାଧାରଣ ସମ୍ପାଦକ ମାଧମଚେଟ୍ଟୀ ଅନିଲ କୁମାର ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡକ୍ଟର ଜୟପ୍ରକାଶ ନାରାୟଣ। (ଫଟୋ – ଚମନ ଗୌତମ)

# ଗାଜା ସିଟିରେ ଜୋର୍‌ଦାର ଆକ୍ରମଣ

**ଲୋକଙ୍କୁ ସହର ଛାଡ଼ି ପଳାଇବାକୁ କହିଲା ଇସ୍ରାଏଲୀ ସେନା**

ଜେରୁଜେଲମ୍,୬।୯

ଗାଜା ସିଟିକୁ ସମ୍ପୂର୍ଣ୍ଣ ଦଖଲ କରିବା ପାଇଁ ଇସ୍ରାଏଲ୍ ପକ୍ଷରୁ ଜୋରଦାର ଆକ୍ରମଣ ଆରମ୍ଭ ହୋଇଛି। ଶନିବାର ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ଗାଜା ସିଟିରେ ଥିବା ଏକ ବହୁତଳ କୋଠା ମାଟିରେ ମିଶିଯାଇଛି। ବଡ଼ ଆକ୍ରମଣ ପୂର୍ବରୁ ଗାଜା ସିଟିର ଜନସାଧାରଣଙ୍କୁ ତୁରନ୍ତ ସହର ଛାଡ଼ି ଦକ୍ଷିଣ ଭାଗରେ ଥିବା ମାନବୀୟ ଜୋନ୍‌କୁ ଚାଲିଯିବା ପାଇଁ ଇସ୍ରାଏଲୀ ସେନା ସତର୍କ କରାଇଥିଲା।

ଗାଜା ସିଟିକୁ ଦଖଲ କରିବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କିଛିଦିନ ପୂର୍ବରୁ ଘୋଷଣା କରିଥିଲେ। ନୂଆ ଆକ୍ରମଣ ପାଇଁ କୌଣସି ସମୟସୀମା ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ସେଠାରେ ରହୁଥିବା ପାଲେଷ୍ଟିନୀୟମାନଙ୍କୁ ଅନ୍ୟତ୍ର ପଳାଇଯିବାକୁ ଇସ୍ରାଏଲୀ ସେନା ଗତ କିଛି ସପ୍ତାହ ହେଲା ଚେତାବନୀ ଦେଇଆସୁଥିଲା। ଶୁକ୍ରବାରଠାରୁ ଏହି ଆକ୍ରମଣକୁ ଜୋରଦାର କରିଛି। ଗାଜା ସିଟିରେ ଆକ୍ରମଣ ହେଲେ ଅନେକ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟମାନଙ୍କ ସ୍ଥିତି ଆହୁରି ଖରାପ ହୋଇଯିବ ବୋଲି ବିଭିନ୍ନ ଦେଶ ଓ ସଂଗଠନ ଆଶଙ୍କା କରିବା ସହ ଇସ୍ରାଏଲ୍‌କୁ ଗାଜା ସିଟି ଦଖଲ ଯୋଜନା ତ୍ୟାଗ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହା ସତ୍ତ୍ୱେ ଗାଜା ସିଟିର ଉଚ୍ଚ ଅଟ୍ଟାଳିକା ଉପରେ ଆକ୍ରମଣ ହୋଇଥିବା ଇସ୍ରାଏଲୀ ସେନା ଶନିବାର ଘୋଷଣା କରିଛି। ଇସ୍ରାଏଲୀ ସୈନ୍ୟଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ହମାସ୍ ଆତଙ୍କବାଦୀମାନେ ଉକ୍ତ ବିଲ୍ଡିଂରେ ଗୋଇନ୍ଦା ତଥ୍ୟ ସଂଗ୍ରହ ଉପକରଣ ଏବଂ ଅବ୍‌ଜରଭେଶନ ପୋଷ୍ଟ ସ୍ଥାପନ କରିଥିବା କୁହାଯାଇଛି। ୧୫ ମହଲା ବିଶିଷ୍ଟ ସୁସି ରେସିଡେନ୍ସିଆଲ୍ ଟାୱାର ଧ୍ୱଂସ ହୋଇଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଆକ୍ରମଣରେ ଧ୍ୱଂସ ହୋଇଥିବା ବିଲ୍ଡିଂର ଭିଡିଓକୁ ଶେୟାର କରିବା ସହ ଆକ୍ରମଣ ଜାରି ରହିଥିବା କହିଛନ୍ତି। ଉଚ୍ଚ ବିଲ୍ଡିଂଗୁଡ଼ିକୁ ହମାସ୍ ବ୍ୟବହାର କରୁଥିବା ନେଇ ଇସ୍ରାଏଲ୍ ସେନା ସେଗୁଡ଼ିକୁ ଟାର୍ଗେଟ କରୁଛି। ଅନ୍ୟ ଏକ ଉଚ୍ଚ ବିଲ୍ଡିଂ ଉପରେ ଆକ୍ରମଣ ଅବଶ୍ୟମ୍ଭାବୀ ବୋଲି ଶନିବାର ସତର୍କ କରିଦିଆଯିବା ସହ ସେଠାରେ ରହୁଥିବା ଲୋକମାନଙ୍କୁ ତୁରନ୍ତ ଦକ୍ଷିଣ ଭାଗକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି।

ଗାଜା ସିଟି ହମାସ୍ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ହୋଇଥିବାରୁ ପାଲେଷ୍ଟିନୀୟ ଇସ୍‌ଲାମିଷ୍ଟ ଆତଙ୍କବାଦୀଙ୍କୁ ପରାସ୍ତ କରିବାକୁ ହେଲେ ଉକ୍ତ ସହର ଦଖଲ କରିବା ଜରୁରୀ ବୋଲି ନେତାନ୍ୟାହୁ କହିଥିଲେ। ଯୁଦ୍ଧ ପୂର୍ବରୁ ଗାଜା ସିଟିରେ ୧୦ ଲକ୍ଷ ଲୋକ ରହୁଥିଲେ, ଯାହାକି ସମ୍ପୂର୍ଣ୍ଣ ଗାଜା ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ। ୨ବର୍ଷ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଅନ୍ୟାନ୍ୟ ଅଞ୍ଚଳରୁ ବହୁ ଲୋକ ଆସି ଗାଜା ସିଟିରେ ଆଶ୍ରୟ ନେଇଛନ୍ତି। ଏବେ ସେଠାର ଲୋକମାନଙ୍କୁ ଦକ୍ଷିଣରେ ଥିବା ଖାନ୍ ୟୁନିସ୍ ଅଞ୍ଚଳକୁ ପଳାଇଯିବାକୁ କୁହାଯାଇଛି। ଯେଉଁମାନେ ପଳାଇବେ ସେମାନଙ୍କୁ ସେଠାରେ ଖାଦ୍ୟ, ଔଷଧ ଓ ଆଶ୍ରୟ ଯୋଗାଇ ଦିଆଯିବ ବୋଲି ଇସ୍ରାଏଲୀ ସେନା ପ୍ରତିଶ୍ରୁତି ଦେଇଛି।



ଇସ୍ରାଏଲର ଏୟାରଷ୍ଟ୍ରାଇକ୍‌ରେ ଗାଜା ସିଟିର ଏକ ୧୫ ମହଲା କୋଠା ଭୁଶୁଡି ପଡୁଛି।

### କାନାଡାରୁ ଆର୍ଥିକ ସହାୟତା ପାଉଥିଲେ ଖଲିସ୍ତାନୀ ଆତଙ୍କବାଦୀ

ଓଟ୍ଟାୱା,୬।୯(ପି.ଟି.)

ଖଲିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ କାନାଡାରୁ ଆର୍ଥିକ ସହାୟତା ଗ୍ରହଣ କରୁଥିଲେ ବୋଲି ସେଠାର ସରକାରଙ୍କ ଟେରର ଫାଇନାନ୍ସିଂ ରିପୋର୍ଟରୁ ଜଣାପଡ଼ିଛି। '୨୦୨୫ ଆସେସ୍‌ମେଣ୍ଟ ଅଫ୍ ମନିଲଣ୍ଡରିଂ ଆଣ୍ଡ୍ ଟେରୋରିଷ୍ଟ ଫାଇନାନ୍ସିଂ ରିସ୍କସ୍ ଇନ୍ କାନଡା' ରିପୋର୍ଟରେ ଲେଖାଯାଇଛି, ଖଲସ୍ତାନୀ ଉଗ୍ରପନ୍ଥୀ ଗୋଷ୍ଠୀ କାନାଡାରୁ ସ୍ପଷ୍ଟ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ ଏବଂ ଇଣ୍ଟରନ୍ୟାଶନାଲ ଶିଖ୍ ୟୁଥ୍ ଫେଡେରେଶନରୁ ଆର୍ଥିକ ସହାୟତା ଗ୍ରହଣ କରୁଥିଲେ। ୮୦ ଦଶକ ମଧ୍ୟଭାଗରୁ କାନାଡାରେ ରାଜନୀତି ଦ୍ୱାରା ଅନୁପ୍ରାଣିତ ହିଂସାତ୍ମକ ଉଗ୍ରବାଦୀ କାର୍ଯ୍ୟ ଚାଲିଆସିଥିଲା ବୋଲି ୨ ମାସ ତଳେ ଓଟ୍ଟାୱା ଗୋଇନ୍ଦା ସଂସ୍ଥା ଜଣାଇଥିଲା। ବାବର ଖାଲ୍‌ସା, ଇଣ୍ଟରନ୍ୟାଶନାଲ ଶିଖ୍ ୟୁଥ୍ ଫେଡେରେଶନ ଏବଂ ଶିଖ୍‌ସ ଫର୍ ଜଷ୍ଟିସ୍ ଭଳି ଖଲିସ୍ତାନୀ ସଂଗଠନଗୁଡ଼ିକ କାନାଡା ମାଟିରୁ ଆତଙ୍କବାଦୀ କାର୍ଯ୍ୟ ଚଳାଇବା ସହ ଆର୍ଥିକ ସହାୟତା ପାଉଥିଲେ, ଯାହାକୁ ତାଙ୍କ ଦେଶର ସରକାର ସ୍ୱୀକାର କରିଛନ୍ତି।

### ବିହାରରୁ ଖଲିସ୍ତାନୀ ଆତଙ୍କବାଦୀ ଗିରଫ

ପାଟନା, ୬।୯

ଅମୃତସରର ଏକ ମନ୍ଦିରରେ ଗ୍ରେନେଡ୍ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ବିହାରର ଗୟାରୁ ସନ୍ଦିଗ୍ଧ ଖଲିସ୍ତାନୀ ଆତଙ୍କବାଦୀ ଶରଣଜିତ କୁମାର ଓରଫ୍ ସନ୍ନିଙ୍କୁ ଗିରଫ କରିଛି। ସେ ପଞ୍ଜାବ ଗୁରୁଦାସପୁରର ବାସିନ୍ଦା। ମାର୍ଚ୍ଚ ୧୫ରେ ଗୁର୍‌ସିତକ ସିଂ ଏବଂ ବିଶାଲ ଗିଲ୍ ନାମକ ୨ ବ୍ୟକ୍ତି ବାଇକ୍‌ରେ ଥାଇ ମନ୍ଦିର ଉପରେ ଗ୍ରେନେଡ୍ ଆକ୍ରମଣ କରିଥିଲେ। ଶରଣଜିତ ଏହି ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ଆକ୍ରମଣକାରୀମାନେ ବିଦେଶୀ ହ୍ୟାଣ୍ଡଲରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ ବୋଲି ଏନ୍‌ଆଇଏ କହିଛି।

### ଆର୍‌ଡିଏକ୍ସ ଧମକ ପଠାଇଥିବା ବ୍ୟକ୍ତି ଗିରଫ

ନୂଆଦିଲ୍ଲୀ,୬।୯

ମୁମ୍ବାଇରେ ୧୪ ପାକିସ୍ତାନୀ ଆତଙ୍କବାଦୀ ୪୦୦ କେ.ଜି. ଆର୍‌ଡିଏକ୍ସ ସହ ପ୍ରବେଶ କରିଥିବା ନେଇ ମୁମ୍ବାଇ ପୋଲିସ ନିକଟକୁ ଧମକପୂର୍ଣ୍ଣ ବାର୍ତ୍ତା ପଠାଇଥିବା ବିହାରର ୫୦ ବର୍ଷୀୟ ଅଶ୍ୱିନୀକୁମାର ସୁରେଶକୁମାର ସୁପ୍ରାଙ୍କୁ ଶନିବାର ନଏଡ଼ାରୁ ଗିରଫ କରାଯାଇଛି। ଏଥିସହିତ ତାଙ୍କୁ ସିମ୍ କାର୍ଡ ଯୋଗାଇଥିବା ଅନ୍ୟ ଜଣେ ମଧ୍ୟ ଗିରଫ ହୋଇଛନ୍ତି। ମୁମ୍ବାଇ ମହାନଗରରେ ଶନିବାର ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଆତଙ୍କବାଦୀମାନେ ମାନବବୋମା ବିସ୍ଫୋରଣ ଘଟାଇବେ, ଯହିଁରେ କୋଟିଏ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ଗୁରୁବାର ଟ୍ରାଫିକ୍ ପୋଲିସ କଣ୍ଟ୍ରୋଲ ରୁମ୍‌ର ହ୍ୱାଟ୍ସଆପ୍ ହେଲ୍‌ପଲାଇନ୍ ନମ୍ବରକୁ ଧମକପୂର୍ଣ୍ଣ ମେସେଜ୍ ଆସିବା ପରେ ସହରରେ ହାଇ ଆଲର୍ଟ ଜାରି କରାଯାଇଥିଲା। ସୁପ୍ରା ଜଣେ ଜ୍ୟୋତିଷ ଓ ବ୍ୟବସାୟୀ ବୋଲି ଜଣାପଡ଼ିଛି।



ଅଶ୍ୱିନୀକୁମାର ସୁପ୍ରା

### ୟୁଏନ୍‌ଜିଏ ସାଧାରଣ ବିତର୍କରେ ସମ୍ବୋଧନ କରିବେନି ମୋଦି

ନ୍ୟୁୟର୍କ, ୬।୯

ସେପ୍ଟେମ୍ବର ଶେଷ ଭାଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ଗସ୍ତ କରିବେ ନାହିଁ କି ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ବାର୍ଷିକ ଅଧିବେଶନରେ ସମ୍ବୋଧନ କରିବେ ନାହିଁ। ଜାତିଂସଘ ପକ୍ଷରୁ ଜାରି ବକ୍ତାମାନଙ୍କ ସଂଶୋଧିତ ତାଲିକାରୁ ଏହା ଜଣାପଡ଼ିଛି। ଅଧିବେଶନରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଭାରତର ପ୍ରତିନିଧିତ୍ୱ କରିବେ ଓ ୨୭ରେ ଜାତିସଂଘ ସାଧାରଣ ସଭାକୁ ସମ୍ବୋଧନ କରିବେ। ଜାତିସଂଘ ସାଧାରଣ ପରିଷଦର ୮୦ତମ ଅଧିବେଶନ ଆସନ୍ତା ୯ରୁ ଆରମ୍ଭ ହେବ। ଉଚ୍ଚସ୍ତରୀୟ ସାଧାରଣ ବିତର୍କ ୨୩ରୁ ୨୯ ପର୍ଯ୍ୟନ୍ତ ଚାଲିବ।

### ମାଲ୍ୟା, ନୀରବ ମୋଦି ଶୀଘ୍ର ପ୍ରତ୍ୟର୍ପଣ ହୋଇପାରନ୍ତି

**ତିହାର ଜେଲ ପରିଦର୍ଶନ କଲେ ବ୍ରିଟେନ୍ ଟିମ୍**

ନୂଆଦିଲ୍ଲୀ,୬।୯

ଅର୍ଥ ଜାଲିଆତି ଏବଂ ଅପରାଧ ମାମଲାରେ ସମ୍ପୃକ୍ତ ଥିବା ପଳାତକମାନଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ପକ୍ଷରୁ ବ୍ରିଟେନ୍ କୋର୍ଟଙ୍କୁ ସହମତ କରାଇବାକୁ ଉଦ୍ୟମ ହେଉଛି। ବ୍ରିଟେନ୍ କ୍ରାଉନ୍ ପ୍ରୋସିକ୍ୟୁଶନ ସର୍ଭିସ୍ (ସିପିଏସ୍)ର ଏକ ପ୍ରତିନିଧି ଦଳ ନିକଟରେ ନୂଆଦିଲ୍ଲୀ ଆସି କଡ଼ା ସୁରକ୍ଷା ମଧ୍ୟରେ ଥିବା ତିହାର ଜେଲ ସ୍ଥିତି ଅନୁଧ୍ୟାନ କରିବା ସହ ସେଠାର ଅନ୍ତେବାସୀଙ୍କ ସହ କଥା ହୋଇଛନ୍ତି। ତେଣୁ ବହୁକୋଟି ଟଙ୍କାର ବ୍ୟାଙ୍କ ଋଣ ଜାଲିଆତି କରି ବ୍ରିଟେନରେ ରହିଥିବା ଭାରତର ମୋଷ୍ଟ ୱାଣ୍ଟେଡ୍ ବ୍ୟବସାୟୀ ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କୁ ଖୁବ୍‌ଶୀଘ୍ର ପ୍ରତ୍ୟର୍ପଣ କରାଯାଇପାରେ ବୋଲି ଆଶା କରାଯାଉଛି। ଭାରତ ଅଣାଯିବାକୁ ଥିବା ପଳାତକମାନଙ୍କୁ ନିରାପଦ ସ୍ଥିତିରେ ରଖାଯିବ ଏବଂ ଆବଶ୍ୟକ ପଡ଼ିଲେ ହାଇପ୍ରୋଫାଇଲ୍ ବନ୍ଦୀଙ୍କ ପାଇଁ ଜେଲ ପରିସରରେ ସ୍ୱତନ୍ତ୍ର ଏନ୍‌କ୍ଲେଭ୍ ନିର୍ମାଣ କରାଯିବ ବୋଲି ଭାରତୀୟ କର୍ତ୍ତୃପକ୍ଷ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### ହଜରତବଲ ଦର୍‌ଘାରେ ଅଶୋକ ସ୍ତମ୍ଭ ଭଙ୍ଗାକୁ ନେଇ ବିବାଦ

ଶ୍ରୀନଗର,୬।୯

ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରରେ ଥିବା ହଜରତବଲ୍ ଦରଘାରେ ଜାତୀୟ ସଙ୍କେତ ଅଶୋକ ସ୍ତମ୍ଭ ଖୋଦିତ ଏକ ଫଳକକୁ ଶୁକ୍ରବାର ଉତ୍ତ୍ୟକ୍ତ ଲୋକେ ଭାଙ୍ଗିଦେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଉକ୍ତ ଘଟଣାକୁ ସମର୍ଥନ କରିବା ସହ ଧର୍ମୀୟ ସ୍ଥଳରେ ଅଶୋକସ୍ତମ୍ଭର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ କରିଛନ୍ତି। ଜାତୀୟ ସଙ୍କେତ ସରକାରୀ ଉତ୍ସବ ପାଇଁ ଉଦ୍ଦିଷ୍ଟ, ଧର୍ମୀୟ ଅନୁଷ୍ଠାନ ପାଇଁ ନୁହେଁ ବୋଲି ସେ କହିଛନ୍ତି। ମସ୍‌ଜିଦର ନବୀକରଣ ଫଳକରେ ଅଶୋକ ସ୍ତମ୍ଭକୁ ନେଇ ସ୍ଥାନୀୟ ଲୋକ ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଶନିବାର କେତେଜଣ ଅଜଣା ବ୍ୟକ୍ତିଙ୍କ ନାମରେ ଏତଲା ରୁଜୁ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଜନସୁରକ୍ଷା ଆଇନ (ପିଏସ୍‌ଏ) ଲାଗୁ କରିବା ପାଇଁ ୱକ୍‌ଫ ବୋର୍ଡ ଅଧ୍ୟକ୍ଷ ପୂର୍ବରୁ ଦାବି କରିଥିଲେ।

## ୨୦୩୦ ସୁଦ୍ଧା ଏଆଇ ଖାଇବ ୯୯% ଚାକିରି

**ଗବେଷକଙ୍କ ଦାବି**

ୱାଶିଂଟନ, ୬।୯

୨୦୩୦ ସୁଦ୍ଧା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁ ୯୯ ପ୍ରତିଶତ ଲୋକ ଚାକିରି ହରାଇବେ ବୋଲି ଏଆଇ ସେଫ୍ଟି ରିସର୍ଚ୍ଚର ତଥା ଆମେରିକାର ଲୁଇସ୍‌ଭିଲେ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ପ୍ରଫେସର ରୋମାନ ୟାମ୍ପୋଲସ୍କି ଶୁକ୍ରବାର ଏକ ପୋଡ୍‌କାଷ୍ଟରେ କହିଛନ୍ତି। ଏଆଇ କେବଳ କିଛି ଶିଳ୍ପକୁ ନୁହେଁ ବରଂ ପ୍ରତ୍ୟେକ ବୃତ୍ତିକୁ ଗ୍ରାସ କରିବ। ସେ କହିଛନ୍ତି, ମଣିଷ ପରି ଭାବିବାର ଶକ୍ତି ଥିବା କୃତ୍ରିମ ସାଧାରଣ ବୁଦ୍ଧିମତ୍ତା (ଏଜିଆଇ) ୨୦୨୭ ସୁଦ୍ଧା ଆସିବ। ପ୍ରଥମେ କମ୍ପ୍ୟୁଟର ସହ ଜଡ଼ିତ ପ୍ରତ୍ୟେକ କାର୍ଯ୍ୟ ସ୍ୱୟଂଚାଳିତ ହେବ। ଏହାପରେ ୫ ବର୍ଷ ମଧ୍ୟରେ ଶାରୀରିକ ଶ୍ରମ ମଧ୍ୟ ମାନବୀୟ ରୋବୋ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହେବ। ୨୦୩୦ ସୁଦ୍ଧା ଶାରୀରିକ ଶ୍ରମକୁ ସମ୍ପୂର୍ଣ୍ଣ ଭାବରେ ମେଶିନ ହାତରେ ହସ୍ତାନ୍ତର କରାଯାଇପାରିବ ବୋଲି ୟାମ୍ପୋଲସ୍କି କହିଛନ୍ତି। ଏହାର ପ୍ରଭାବରେ ବେକାରି ସ୍ତର ଇତିହାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ସହ ନିଯୁକ୍ତି ବଜାରର ପତନ ଘଟିବ। ତେବେ କେବଳ ୟାମ୍ପୋଲସ୍କି ନୁହନ୍ତି, ଏଆଇ ଯୋଗୁ ନିଯୁକ୍ତି କ୍ଷେତ୍ରରେ ଦ୍ରୁତଗତିରେ ପତନ ଘଟିବ ବୋଲି ପୂର୍ବରୁ ଅନେକ ବିଶେଷଜ୍ଞ ମତ ରଖିଛନ୍ତି।



## 'ଧମାଲ ୪' ଶୁଟିଂ ଶେଷ

ମୁମ୍ବାଇ: 'ଧମାଲ' ଫ୍ରାଞ୍ଚାଇଜ୍‌ର ଚତୁର୍ଥ ଫିଲ୍ମ 'ଧମାଲ ୪'ର ଶୁଟିଂ ଶେଷ ହୋଇଛି। ଏନେଇ ଅଭିନେତା ଅଜୟ ଦେବଗନ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟକରି ସୂଚନା ଦେଇଛନ୍ତି। ଆସନ୍ତା ବର୍ଷ ଇଦ୍ ଅବସରରେ ଏହି ମଲ୍ଟିଷ୍ଟାରର୍ କମେଡି ଫିଲ୍ମ ମୁକ୍ତିଲାଭ କରିବ ବୋଲି ଅଜୟ ତାଙ୍କ ପୋଷ୍ଟରେ ଦର୍ଶାଇଛନ୍ତି। ଉକ୍ତ ପୋଷ୍ଟରେ ଅଜୟଙ୍କ ସମେତ ଫିଲ୍ମର ବିଭିନ୍ନ ଚରିତ୍ରଙ୍କ ଲୁକ୍ ଉପରୁ ପରଦା ଉଠିଛି। 'ଟି- ସିରିଜ୍' ପ୍ରଡକ୍ସନ ହାଉସ୍‌ର ବ୍ୟାନରରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଇନ୍ଦ୍ର କୁମାର ଦେଇଛନ୍ତି। ଫିଲ୍ମରେ ଅଜୟଙ୍କ ବ୍ୟତୀତ ଅଭିନେତା ରିତେଶ ଦେଶମୁଖ, ଅର୍ଶଦ ୱାର୍ସି, ଜାଭେଦ ଜାଫ୍‌ରି, ସଞ୍ଜୟ ମିଶ୍ରା, ରବି କିଶନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଫିଲ୍ମରେ ରବିଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଗତ ମାର୍ଚ୍ଚରୁ 'ଧମାଲ ୪'ର ଶୁଟିଂ ଆରମ୍ଭ ହୋଇଥିଲା। ପ୍ରକାଶ ଯେ, 'ଧମାଲ' ଫ୍ରାଞ୍ଚାଇଜ୍‌ର ପ୍ରଥମ ଭାଗ 'ଧମାଲ' ୨୦୦୭ରେ, ଦ୍ୱିତୀୟ ଭାଗ 'ଡବଲ ଧମାଲ' ୨୦୧୧ରେ ଏବଂ ତୃତୀୟ ଭାଗ 'ଟୋଟାଲ ଧମାଲ' ୨୦୧୯ରେ ରିଲିଜ୍ ହୋଇଥିଲା। ଉକ୍ତ ୩ ଫିଲ୍ମ ଦର୍ଶକଙ୍କୁ ଖୁବ୍ ହାସ୍ୟ ଏବଂ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା।



ଅଜୟ ଦେବ୍‌ଗନ୍

# ୮୧ ଶିକ୍ଷକଙ୍କୁ ପୁରସ୍କୃତକଲେ ଯୋଗୀ

ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)

ଲକ୍ଷ୍ନୌର ଲୋକଭବନ ସଭାଗୃହରେ ରାଜ୍ୟ ଶିକ୍ଷକ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ୮୧ ଶିକ୍ଷକଙ୍କୁ ରାଜ୍ୟ ଶିକ୍ଷକ ପୁରସ୍କାର ପ୍ରଦାନ କରିଛନ୍ତି। ଏଥିରେ ୬୬ ଜଣ ପ୍ରାଥମିକ ଶିକ୍ଷା ଓ ୧୫ ଜଣ ମାଧ୍ୟମିକ ଶିକ୍ଷାରୁ ସାମିଲ ହୋଇଥିଲେ। ଏହାସହ ଏସ୍‌ସିଇଆର୍‌ଟି ଦ୍ୱାରା ପ୍ରସ୍ତୁତ 'ଗୁଲ୍ଲକ' ବାଲ କାହାଣୀ ସଂଗ୍ରହ, 'ବାଲ ବାଟିକା' ହସ୍ତପୁସ୍ତିକା ଏବଂ ଶୈକ୍ଷିକ ନବାଚାର ସଂକଳନ 'ଉଦ୍ଗମ' ପୁସ୍ତିକାର ଉନ୍ମୋଚନ କରାଯାଇଥିଲା। 'ଉଦ୍ଗମ'ର ଡିଜିଟାଲ ପ୍ଲାଟଫର୍ମର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ସେହିପରି ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ସମର କ୍ୟାମ୍ପ ଓ ବୃକ୍ଷରୋପଣ ସମ୍ପର୍କିତ ଏକ ଲଘୁଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା। ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସହ ଜଡ଼ିତ ୫ ଶିକ୍ଷକଙ୍କୁ ୨୫ ହଜାର ଟଙ୍କାର ନଗଦ ପୁରସ୍କାର, ପ୍ରଶସ୍ତି ପତ୍ର, ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଓ ଉପଢ଼ୌକନ ପ୍ରଦାନ ସ୍ୱରୂପ ସମ୍ମାନିତ କରାଯାଇଥିଲା।



# ବଜାରରେ ହୋଣ୍ଡା ସିବି୧୨୫ ହର୍ନେଟ୍, ଶାଇନ ୧୦୦ ଡିଏକ୍ସ




ଭୁବନେଶ୍ୱର ଉତ୍କଳ ଗ୍ୟାଲେରିଆରେ ଅନୁଷ୍ଠିତ ଉନ୍ମୋଚନ ଅବସରରେ ହୋଣ୍ଡା ରିଜିଓନାଲ ମ୍ୟାନେଜର ସଚିନ୍ ପାଓ୍ୱାର, ଜୋନାଲ ମ୍ୟାନେଜର(ସେଲ୍ସ) ରାଜେଶ ଚୌଧୁରୀ, ଜୋନାଲ ମ୍ୟାନେଜର(ସର୍ଭିସ୍) ପ୍ରତାପ ସିଂହ, ଗୁଗ୍ନାନୀ ହୋଣ୍ଡା ମାଲିକ ରାଜନ୍ ଗୁଗ୍ନାନୀ ଓ ଶିବମ୍ ହୋଣ୍ଡା ମାଲିକ ବୁବୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଅଛନ୍ତି।




କଟକରେ ଆୟୋଜିତ କାର୍ଯ୍ୟକ୍ରମରେ ଏରିଆ ସେଲସ୍ ମ୍ୟାନେଜର ଅଭିଷେକ ହୋତା ଓ ସତ୍ୟଜିତ ଦାସ, ଉତ୍କଳ ହୋଣ୍ଡା ମ୍ୟାନେଜିଂ ପାର୍ଟନର ଅଖିଲ୍ ପୋଦାର, ଦୁର୍ଗା ହୋଣ୍ଡା ମ୍ୟାନେଜିଂ ପାର୍ଟନର ଶୁଭେନ୍ଦୁ ମହାନ୍ତି ଓ ଏସ୍‌ଜିବିଏଲ୍ ହୋଣ୍ଡା ମ୍ୟାନେଜିଂ ପାର୍ଟନର ସୁନୀଲ ଗୁପ୍ତା ସାମିଲ ହୋଇଥିଲେ।

ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍ଆଇ) ଓଡ଼ିଶା ପକ୍ଷରୁ ଅଲ-ନିୟୁ ସିବି୧୨୫ ହର୍ନେଟ୍ ଏବଂ ଶାଇନ ୧୦୦ ଡିଏକ୍ସର ଓଡ଼ିଶା ବଜାର ପ୍ରବେଶ କରାଇଛି। ଅଲ-ନିୟୁ ହୋଣ୍ଡା ସିବି ୧୨୫ ହର୍ନେଟ୍‌ର ସ୍ୱତନ୍ତ୍ର ଶୁଭାରମ୍ଭ ମୂଲ୍ୟ ୧,୧୨,୦୦୦ ଟଙ୍କା ରଖାଯାଇଥିବାବେଳେ ଶାଇନ ୧୦୦ ଡିଏକ୍ସ ମୂଲ୍ୟ ୭୬,୮୦୯ ଟଙ୍କା (ଏକ୍ସ-ଶୋ'ରୁମ୍, କଟକ) ରଖାଯାଇଛି। ସିବି୧୨୫ ହର୍ନେଟ୍‌ରେ ସ୍ପୋର୍ଟିଷ୍ଟାଇଲିଂ ଏବଂ 'ରାଇଡୟୋରେଜି' ଉତ୍ସାହ ଭରି ରହିଛି। ସେହିଭଳି ଶାଇନ୍ ୧୦୦ ଡିଏକ୍ସ ଗ୍ରାହକ ଆଶା କରୁଥିବା 'ସଲିଡହେି' ଆଧାରରେ ଏହାର ପରିବର୍ଦ୍ଧିତ ବୈଶିଷ୍ଟ୍ୟାବଳୀ ଏବଂ ପ୍ରିମିୟମ ଷ୍ଟାଇଲିଂ ବହନ କରୁଛି। ହୋଣ୍ଡା ସିବି୧୨୫ ହର୍ନେଟ୍‌ରେ ଷ୍ଟ୍ରିଟ-ଷ୍ଟାଇଲ ଡିଜାଇନ ରହିଛି ଏବଂ ଏହା ଲେମନ୍ ଆଇସ୍ ୟେଲୋ, ପର୍ଲସାଇରେନ୍‌ବ୍ଲୁ, ପର୍ଲଇଗ୍ନେସ୍‌ବ୍ଲାକ୍, ଆଥଲେଟିକ ବ୍ଲୁ ମେଟାଲିକ ରଙ୍ଗରେ ଉପଲବ୍ଧ। ଏଥିରେ ଏହି ଶ୍ରେଣୀରେ ପ୍ରଥମ ଗୋଲ୍‌ଡେନ ୟୁଏସ୍‌ଡି ସମ୍ମୁଖ ଫର୍କ, ଅଲ୍-ଏଲଇଡି ଲାଇଟିଂ ବ୍ୟବସ୍ଥା ଏସ୍‌ଏମ୍‌ଏସ୍ ଆଲର୍ଟ ପାଇଁ ବ୍ଲୁଟୁଥ୍ ସମର୍ଥିତ ହୋଣ୍ଡା ରୋଡ୍‌ସିଙ୍କ୍ ଏବଂ ୪.୨ ଇଞ୍ଚର ଟିଏଫ୍‌ଟି ଡିସ୍‌ପ୍ଲେ ରହିଛି। ଅତିରିକ୍ତ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଏକ ୟୁନିଭର୍ସାଲଟାଇପ୍-ସିଚାର୍ଜ ପୋର୍ଟ ଏବଂ ସମ୍ମୁଖ ଭାଗରେ ଏକ ୨୪୦ ଏମ୍‌ଏମ୍ ପେଟାଲ ଡିସ୍କ ସହିତ ସିଙ୍ଗଲ-ଚ୍ୟାନେଲ ଏବିଏସ୍ ରହିଛି। ସିବି୧୨୫ ହର୍ନେଟ୍‌ରେ ଶକ୍ତିଶାଳୀ ୧୨୩.୯୪ ସିସି, ସିଙ୍ଗଲ-ସିଲିଣ୍ଡର ରହିଛି। ଏହାସହିତ ଏଥିରେ ୫-ସ୍ପିଡ ଗିୟର ବକ୍ସ ରହିଛି। ଏହାମାତ୍ର ୫.୪ ସେକେଣ୍ଡରେ ୦ରୁ ୬୦ କିଲୋମିଟର ବେଗ ଧରିପାରୁଛି।

# ଏଫ୍ଏନ୍‌ପିର ନୂଆ ଫ୍ରାଞ୍ଚାଇଜ୍ ଆଉଟ୍‌ଲେଟ 'ରାଧେରାଧେ'

## ୩୦ ମିନିଟ୍‌ରେ ମିଳିବ କଷ୍ଟୋମାଇଜଡ୍ କେକ୍

ଭୁବନେଶ୍ୱର,୬।୯
(ଅନୁରାଧା ମହାରଣା)




ଗିଫ୍ଟିଙ୍ଗ, ଫୁଲ ଓ କେକ୍ ବ୍ରାଣ୍ଡ ଫର୍ନସ୍ ଏନ୍ ପେଟାଲସ୍(ଏଫ୍ଏନ୍‌ପି)ର ନୂଆ ଫ୍ରାଞ୍ଚାଇଜ୍ ଆଉଟଲେଟ୍ 'ରାଧେ ରାଧେ' ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପଟିଆସ୍ଥିତ ପାଣ୍ଡାଲୁନ୍ସର ଗ୍ରାଉଣ୍ଡ ଫ୍ଲୋରରେ 'ରାଧେ ରାଧେ'ର ପ୍ରୋପ୍ରାଇଟର ନମନ ଅଗ୍ରୱାଲ, କୌଶଲ୍ୟା ଦେବର ଅଗ୍ରୱାଲ, ଅଜୟ ଅଗ୍ରୱାଲ ଓ ଅଂଶିକା ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଏ ଅବସରରେ ନମନ କହିଛନ୍ତି, ଭାରତରେ ୪୦୦ରୁ ଉର୍ଦ୍ଧ୍ୱ ଆଉଟଲେଟ୍ ରହିଛି। ପୂର୍ବରୁ ପୁରୀରେ ଏହାର ଏକ ଆଉଟଲେଟ ରହିଥିବାବେଳେ ଭୁବନେଶ୍ୱରରେ ଏହା ପ୍ରଥମ। ଏଠାରେ ଫୁଲ, ଡିଜାଇନର୍ କେକ୍ ଏବଂ ପ୍ରିମିୟମ ଗିଫ୍ଟ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଏଠାରେ ଖୁବ୍ କମ୍ ଖର୍ଚ୍ଚରେ ଗ୍ରାହକ ସେଲିବ୍ରେଶନ କରିପାରିବେ। ମାତ୍ର ୫୦୦ଟଙ୍କାରୁ ଏଠାରେ ସୁସଜ୍ଜିତ ସେଲିବ୍ରେଶନ ପଏଣ୍ଟ ପାଇପାରିବେ। ବରାଦ କରିବାର ୩୦ ମିନିଟ୍ ମଧ୍ୟରେ କଷ୍ଟୋମାଇଜଡ୍ କେକ୍ ପାଇପାରିବେ। ଡେକୋରେଟିଭ୍ ସେଟସ୍, ସେଣ୍ଟେଡ୍ କ୍ୟାଣ୍ଡେଲ୍, ସେରାମିକ ଉତ୍ପାଦ, ଇନ୍‌ଡୋର ପ୍ଲାଣ୍ଟସ ସହ ଭଳି କି ଭଳି ଗିଫ୍ଟ ଉପଲବ୍ଧ ହେବ।

# ନୂଆ ରୂପରେ ରେନୋ କାଇଗର

ଭୁବନେଶ୍ୱର,୬।୯(ଅନୁରାଧା ମହାରଣା)




୨୦୨୫ ରେନୋ କାଇଗର ଫେସଲିଫ୍ଟ ଭାରତରେ ଅଗଷ୍ଟରେ ଲଞ୍ଚ ହୋଇଛି। ତେବେ ଶନିବାର ନୟାପଲ୍ଲୀସ୍ଥିତ ରେନଲ୍ଟ ଶୋ'ରୁମ୍‌ରେ ଗର୍ଗସନ୍ ଗ୍ରୁପ୍ ଏମ୍‌ଡି ସତୀଶ ଗର୍ଗ, ଟିପିସିଓଡିଏଲ୍ ଜେନେରାଲ ମ୍ୟାନେଜର ବିକାଶ ସରକାର, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ ହେଡ୍ ନିରଞ୍ଜନ ବାରିକ ଓ ରେନଲ୍ଟ ଭୁବନେଶ୍ୱରର ଜିଏମ୍ ଅମୂଲ୍ୟରତ୍ନ ଦାସ ଏହାର ଉନ୍ମୋଚନ କରିଛନ୍ତି। ଏହି ସବ୍-୪-ମିଟର ଏସ୍‌ୟୁଭିର ମୂଲ୍ୟ ୬.୨୯ ଲକ୍ଷରୁ ୧୧.୨୯ ଲକ୍ଷ ଟଙ୍କା (ଏକ୍ସ-ଶୋ'ରୁମ୍) ମଧ୍ୟରେ ରହିଛି। ଏହାର ବାହ୍ୟ ଡିଜାଇନରେ ନୂଆ ରେନୋ ଲୋଗୋ ସହ ଆକର୍ଷଣୀୟ ଫ୍ରଣ୍ଟ ଗ୍ରିଲ୍, ଏଲ୍‌ଇଡି ହେଡ୍‌ଲାଇଟ, ଫଗ୍ ଲ୍ୟାମ୍ପ ଏବଂ ସି-ଆକୃତିର ଏଲ୍‌ଇଡି ଟେଲ ଲ୍ୟାମ୍ପ ରହିଛି। ଓଏସିସ୍ ହଳଦିଆ ଓ ଶ୍ୟାଡୋ ଗ୍ରେ ସମେତ ୭ଟି ରଙ୍ଗ ବିକଳ୍ପ ଏବଂ ୧୬ ଇଞ୍ଚର ଡାଏମଣ୍ଡ-କଟ୍ ଆଲଏ ହ୍ୱିଲ ଏହାକୁ ଆକର୍ଷଣୀୟ କରିଛି। କାର୍ ଭିତରେ ଡୁଆଲ-ଟୋନ୍ କଳା ଓ ଧୂସର ଥିମ୍, ଭେଣ୍ଟିଲେଟେଡ୍ ଲେଦରେଟ୍ ସିଟ୍, ୮ ଇଞ୍ଚ ଟଚ୍‌ସ୍କ୍ରିନ୍ ସହ ଓ୍ୱାୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ ତଥା ଆପଲ କାର୍‌ପ୍ଲେ ଏବଂ ୭ ଇଞ୍ଚ ଡିଜିଟାଲ ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ରହିଛି। ସୁରକ୍ଷା ପାଇଁ ୬ଟି ଏୟାରବ୍ୟାଗ୍, ଇଏସ୍‌ପି, ୩୬୦ ଡିଗ୍ରୀ କ୍ୟାମେରା ଏବଂ ୪-ଷ୍ଟାର ଗ୍ଲୋବାଲ ଏନ୍‌ସିଏପି ରେଟିଂ ରହିଛି।

# ତମାଣ୍ଡୋ, କେଶୁରାରେ ୟୁବିଆଇ ଶାଖା



ଭୁବନେଶ୍ୱର,୬।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ନୂଆ ଶାଖା ତମାଣ୍ଡୋ ଓ କେଶୁରା ବାଇପାସ୍ ଶାଖାରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଜୋନ୍‌ର ଜୋନାଲ ମୁଖ୍ୟ ହରେକୃଷ୍ଣ ଦାସ ଉଭୟ ଶାଖାର ଉଦ୍‌ଘାଟନ କରିଥିବାବେଳେ ଭୁବନେଶ୍ୱର ରିଜିଅନର ରିଜିଓନାଲ ମୁଖ୍ୟ ନିରଞ୍ଜନ ବାରିକ, ଉପ-ରିଜିଓନାଲ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲ, ତମାଣ୍ଡୋ ଶାଖାର ଶାଖା ପରିଚାଳକ ଜଗନ୍ନାଥ ସାହୁ, କେଶୁରା ବାଇପାସ୍ ଶାଖାର ଶାଖା ପରିଚାଳକ ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି, ତମଣ୍ଡୋ ଶାଖା ଭୁବନେଶ୍ୱର ରିଜିଅନର ୬୨ତମ ଓ କେଶୁରା ବାଇପାସ୍ ଶାଖା ୬୩ତମ ଶାଖା ଭାବେ ଉଦ୍‌ଘାଟିତ ହୋଇଛି।


## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE : KEONJHAR

No.O-697

email : se_nerwkjr@rediffmail.com

eProcurement Notice for Road Works under PM-JANMAN Batch-I

**Identification No. NCB-16 / RWCKJR / 2025-26**

No. 3417 / Date : 01.09.2025

1. Name of the work : **Construction of road works under PM-JANMAN Batch-I in the District of Keonjhar.** 2. No. of work : **02 (Two) Nos.** 3. Estimated cost : As per Annexure in NIT. 4. Class of Contractor (Eligible) : As per Annexure in NIT. 5. Period of Completion : As per Annexure in NIT. 6. Other details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-16 / RWCKJR / 2025-26 | Dt.08.09.25 at 11.00 A.M. | Dt.22.09.25 up to 5.00 P.M. | Dt.20.09.25 up to 5.00 P.M. | Dt.23.09.25 at 11.00 A.M. | Will be intimated later |

• Further details can be seen from the website : www.pmgsytenders.gov.in

